
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୭ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 27 February 2026
Vol.No. 36 ■ No.55 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଏନ୍‌ସିଇଆରଟି ବହି ଉପରେ ବ୍ୟାନ୍ ଲଗାଇଲେ ସୁପ୍ରିମକୋର୍ଟ

■ଡିଜିଟାଲ ସହ ହାର୍ଡକପି ତୁରନ୍ତ ଫେରାଇବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ
■କ୍ୟାବିନେଟ ବୈଠକରେ ଅସନ୍ତୋଷ ଝାଡ଼ିଥିଲେ ପ୍ରଧାନମନ୍ତ୍ରୀ
■ଉତ୍ତରଦାୟିତ୍ୱ ସ୍ଥିର ହେବ, କାର୍ଯ୍ୟାନୁଷ୍ଠାନ ନିଆଯିବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୬/୨ : ସୁପ୍ରିମକୋର୍ଟ ଏନ୍‌ସିଇଆରଟିର ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ଅଧ୍ୟାୟ ସମ୍ପର୍କରେ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରୁଛନ୍ତି । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେ. ବାଗଚୀ ଓ ବିଚାରପତି ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି । ସିଜେଆଇଙ୍କ ଅସନ୍ତୋଷ ପରେ,ଏନ୍‌ସିଇଆରଟି ପୁସ୍ତକଟିକୁ ପ୍ରତ୍ୟାହାର କରିନେଇଥିଲା । ପରିଷଦ ମଧ୍ୟ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିଲା । କୋର୍ଟ ଶୁଣାଣି ସମୟରେ, କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା



କହିଛନ୍ତି, ପ୍ରଥମେ, ଆମେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରୁଛୁ। ସ୍କୁଲ ଶିକ୍ଷା ସଚିବ ଏଠାରେ ଅଛନ୍ତି । ତେବେ ସିଜେଆଇ କହିଛନ୍ତି ଜାଣିଶୁଣି ଏଭଳି କରାଯାଇଛି। ସେ ଭର୍ତ୍ସନା କରି କହିଛନ୍ତି ଯେ, କେବଳ କ୍ଷମା ମାଗିବା କିମ୍ବା ଅଧ୍ୟାୟକୁ ହଟାଇବା ଯଥେଷ୍ଟ ନୁହେଁ। ସୁପ୍ରିମକୋର୍ଟ ଏନ୍‌ସିଇଆରଟିକୁ ଏହା ପଛରେ କିଏ ଅଛି ତାହା ପ୍ରକାଶ କରିବାକୁ କହିଛନ୍ତି। ସମ୍ପୂର୍ଣ୍ଣ ମାମଲା ପ୍ରକାଶ ନହେବା ପର୍ଯ୍ୟନ୍ତ ଶୁଣାଣି ଜାରି ରହିବ। ସୁପ୍ରିମକୋର୍ଟ ଏନ୍‌ସିଇଆରଟି ଏବଂ ଶିକ୍ଷା ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୧ ରେ ହେବ ବୋଲି ଖଣ୍ଡପୀଠ କହିଛନ୍ତି । ଏହା ଉପରେ, ସିଜେଆଇ କହିଛନ୍ତି, ସେମାନଙ୍କ ନୋଟିସ୍‌ରେ କ୍ଷମା ପ୍ରାର୍ଥନାର ଗୋଟିଏ ବି ଶବ୍ଦ ନାହିଁ। କେହି ଜଣେ ମୋତେ ତାହା ପଠାଇଛନ୍ତି। ମୁଁ ମହାସଚିବଙ୍କୁ ପଚାରିଲି ଯେ ଏପରି ପ୍ରକାଶନ ପ୍ରକୃତରେ ଘଟିଥିଲା କି? ଏହା ଏକ ଅତ୍ୟନ୍ତ ଦାୟିତ୍ୱବାନ ଖବରକାଗଜ ଦ୍ୱାରା ପ୍ରକାଶିତ ହୋଇଥିଲା। ଏଥିରେ ଏକ ଗଭୀର ଷଡ଼ଯନ୍ତ୍ର ରହିଛି । ସିଜେଆଇ କହିଛନ୍ତି, ବିଚାରପତିଙ୍କ ମନ୍ତବ୍ୟଗୁଡ଼ିକୁ ବାଛି ବାଛି ଉପସ୍ଥାପନ କରାଯାଇଥିଲା।

◆◆ପୃଷ୍ଠା ୭

## ଉତ୍ତର ବଙ୍ଗଳାରେ ପୁଣି ଭୂକମ୍ପ ଝଟ୍‌କା: ରିକ୍ଟର ସ୍କେଲ୍‌ରେ ତୀବ୍ରତା ୪.୬

ନୂଆଦିଲ୍ଲୀ,୨୬/୨ : ସିଲିଗୁଡ଼ି ସହିତ ଉତର ବଙ୍ଗଳାର କେତେକ ଅଂଚଳରେ ଗୁରୁବାର ଦିନ ପୁଣିଥରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଦୋପହର ପୂର୍ବରୁ ଆସିଥିବା ଏହି କମ୍ପନରେ ସିଲିଗୁଡି, ଜଲପାଇଗୁଡ଼ି ଏବଂ ଦାର୍ଜିଲିଙ୍ଗର ବିସ୍ତୃତ ଅଂଚଳରେ ଭୟର ବାତାବରଣ ବ୍ୟାପିଯାଇଛି। ଝଟ୍‌କାର ପ୍ରଭାବ କୋଲକାତା ପର୍ଯ୍ୟନ୍ତ ଅନୁଭବ କରାଯାଇଛି, ଯେଉଁଥିରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଯାଇଛି। ପାଣିପାଗ ବିଭାଗ ଅନୁଯାୟୀ, ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୪.୬ ଦର୍ଜ କରାଯାଇଛି। ଏହାର କେନ୍ଦ୍ର ସିକ୍କିମ୍‌ରେ ଥିଲା ଏବଂ ଝଟ୍‌କା ସକାଳ ୧୧ଟା ୩୪ ମିନିଟ୍‌ରେ ଅନୁଭୂତ କରାଯାଇଛି। ପର୍ଯ୍ୟଟନ ସିଜନ ହେବା କାରଣରୁ ଦାର୍ଜିଲିଂ ଏବଂ ସିକ୍କିମ୍‌ର ପାହାଡ଼ି ଅଂଚଳରେ ବଡ଼ ସଂଖ୍ୟାରେ ପର୍ଯ୍ୟଟକ ଉପସ୍ଥିତ ଅଛନ୍ତି। ଅଚାନକ ଆସିଥିବା ଝଟ୍‌କା ପରେ କେତେକ ଲୋକ ହୋଟେଲ୍‌ରୁ ବାହାରକୁ ବାହାରି ଆସିଥିଲେ। ନିକଟରେ ସିକ୍କିମ୍‌ର ରାବାଙ୍ଗଲାରୁ ପ୍ରାୟ ୮ କିଲୋମିଟର ଦକ୍ଷିଣରେ ଲଗାତାର କେତେଥର ଭୂକମ୍ପ ଝଟ୍‌କା ଅନୁଭୂତ କରାଯାଇଥିଲା।

## ସାଂଘାତିକ ଅଭିଯୋଗ: ମଣ୍ଡି ନିର୍ଯାତନା ସହି ନପାରି ଆଖି ବୁଜିଲେ ଚାଷୀ

ଭୁବନେଶ୍ୱର, ୨୬/୨ (ନି.ପ୍ର): ମଣ୍ଡି ସମସ୍ୟା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି । ଧାନ ବିକ୍ରି କରବା ପାଇଁ ଶୀତ କାକରରେ ଅଖିଆ ଅପିଆ ମଣ୍ଡିରେ ଚାଷୀ ଜଗି ବସୁଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ଏଭଳି ଚିତ୍ର ଆସୁଥିବାବେଳେ ରାଜନଗରରୁ ଆସିଛି ସାଂଘାତିକ ଅଭିଯୋଗ । ମଣ୍ଡି ନିର୍ଯାତନା ସହିନପାରି ଜଣେ ଚାଷୀଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି । ଆଉ ଚାଷୀ ମୃତ୍ୟୁ ପରେ ଆରମ୍ଭ ହୋଇଛି ତନାଘନା । ପ୍ରାୟ ବର୍ଷକ ପରେ ପୁଣି ଫେରିଛି ଚାଷୀ ମୃତ୍ୟୁ ଅଭିଯୋଗ । ଆଖି ବୁଜିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଜୁଣଗଡ଼ି ଗାଁର ଚାଷୀ ତ୍ରିଲୋଚନ ନାୟକ । କିନ୍ତୁ ତ୍ରିଲୋଚନଙ୍କ ପରିବାର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସାଂଘାତିକ । ଅଭିଯୋଗ ଅନୁସାରେ, ଜାନୁଆରି ୧୬ରେ ଧାନ ଦେବାକୁ ତ୍ରିଲୋଚନଙ୍କର ମେସେଜ୍ ଆସିଥିଲା । ସେବେଠାରୁ ଧାନ ବିକିବାକୁ ଡାଙ୍ଗମାଳ ସେବା ସମବାୟ ସମିତିକୁ ଦୌଡୁଥିଲେ । ଦୀର୍ଘ ୪୦ ଦିନ ଧରି ଦୌଡ଼ିବା ପରେ ଶେଷରେ ମଣ୍ଡି ପରିବର୍ତ୍ତେ ମିଲ୍‌କୁ ଧାନ ନେଇ ଯାଇଥିଲେ । ରାମଚଣ୍ଡୀ ମିଲ୍‌ରେ ୩ଦିନ ଅଖିଆ ଅପିଆ ଧାନକୁ ଜଗି ରହିଥିଲେ । କୁଇଣ୍ଟାଲ ପିଛା ୬କେଜି ବାଦେ ୩ କୁଇଣ୍ଟାଲ ଧାନ ଓ ୩ହଜାର ଟଙ୍କା ଅନଲୋଡ୍ ପାଇଁ ଦେବାରୁ ଧାନ ନେଇଥିଲା ମିଲ୍ । ସମୁଦାୟ ୯କୁଇଣ୍ଟାଲ ଧାନ ପାଇଁ ୧୮ହଜାର ତାଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା । ଯାହାକୁ ନେଇ ଋଣ ଭାରରେ ବୁଡିଥିବା ତ୍ରିଲୋଚନ ଭାଙ୍ଗିପଡିବା ସହ ମିଲରୁ ଫେରିବା

◆◆ପୃଷ୍ଠା ୭

## ପୁଣି ଚର୍ଚ୍ଚାରେ ଓଡ଼ିଶା ଗଞ୍ଜେଇ: ଜବତ ହେଲା ୨୦୦ କୋଟିର ଗଞ୍ଜେଇ ତେଲ

କୋରାପୁଟ, ୨୬/୨ (ନି.ପ୍ର): ଅନେକ ସମୟରେ ଭିନ୍ନ ଭିନ୍ନ ଉପାୟରେ ଗଞ୍ଜେଇ ଚୋରାଚାଲାଣ ବେଳେ ଧରାପଡ଼ିଛି। ହେଲେ ଏଥର କୋରାପୁଟ ପୁଲିସ ଜବତ କରିଛି ପ୍ରାୟ ୨୦୦ କୋଟି ଟଙ୍କାର ଗଞ୍ଜେଇ ତେଲ ବା ହାଶିଶ୍ ଅଏଲ୍। ୨ ଆନ୍ତରାଜ୍ୟ ଚୋରା ଚଲାଣକାରୀକୁ ଧରିବାରେ କୋରାପୁଟ ପୋଲିସ ସଫଳ ହୋଇଛି । ୨ଟି ମହେନ୍ଦ୍ରା ପିକଅପ ସହ ୪ ଅଭିଯୁକ୍ତକୁ ମଧ୍ୟ ଗିରଫ କରାଯାଇଛି । ମୁଖ୍ୟ କାର୍ପଟଦାରଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଛାପା ମାରୁଛି । ଅଭିନେତା ସୁଶାନ୍ତ ରାଜପୁତଙ୍କ ମୃତ୍ୟୁ ବେଳେ ଚର୍ଚ୍ଚାକୁ ଆସିଥିଲା ଓଡ଼ିଶା ଗଞ୍ଜେଇ । ରାଜ୍ୟରେ ଏକ ଉତ୍କୃଷ୍ଟ ମାନର ଗଞ୍ଜେଇ ଥିବା ସାରା ଦେଶରେ ଆଲୋଚନାର ବିଷୟ ହୋଇଥିଲା । ଏବେ ପୁଣି ଥରେ ଚର୍ଚ୍ଚାକୁ ଆସିଛି ଗଞ୍ଜେଇ । ହେଲେ ଏଥର ଗଞ୍ଜେଇ ତେଲକୁ ନେଇ । କୋରାପୁଟ ପାଡୁଆ ଥାନା ଅଞ୍ଚଳର ଏକ ଦୁର୍ଗମ ସ୍ଥାନରେ ଚାଲିଥିଲା କୋଟି କୋଟି ଟଙ୍କାର ଗଞ୍ଜେଇ ତେଲ କାରବାର । ଗୁଇନ୍ଦା ସୂଚନା ଆଧାରରେ କୋରାପୁଟ ଏସପିଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ପ୍ରାୟ ୧୮୦୦ ଲିଟର ଗଞ୍ଜେଇ ତେଲ ଜବତ କରିଛି । ଯାହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା । ଏହାସହ ନନ୍ଦପୁର ଥାନା ଅଞ୍ଚଳ ନିକଟରୁ ୪୬ ବସ୍ତାରେ ଥିବା ପ୍ରାୟ ଏକ କ୍ୱିଣ୍ଟାଲ ଶୁଖିଲା ଗଞ୍ଜେଇ ମଧ୍ୟ ଜବତ ହୋଇଛି, ଯାହାର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା । ଜଲାପୁଟରେ ପ୍ରସ୍ତୁତ ହୋଇଥିବା ତରଳ ଗଞ୍ଜେଇ କାରବାର ହରିଆଣାକୁ ଲମ୍ବିଥିବା ଜାଣିବାକୁ ପାଇଛି ପୁଲିସ । ମାଫିଆମାନେ ସେଠାରେ ଅସ୍ଥାୟୀ ଉତ୍ପାଦନ କେନ୍ଦ୍ର କରିଥିଲେ । ଗଞ୍ଜେଇ ତେଲ ପ୍ରସ୍ତୁତ କରିବା ପରେ ତାକୁ ଭାଙ୍ଗି ଫେରାର ହୋଇଯାଉଥିଲେ । କୋରାପୁଟ ଏସ୍‌ପି କହିଛନ୍ତି, ଜିଲ୍ଲାରେ ୨୦୨୫ରେ ଧରାପଡ଼ିଛି ୨୦ ଟନ୍ ଗଞ୍ଜେଇ । ୭୦ରୁ ୮୦ ଜଣଙ୍କୁ ଗିରଫ କରାଯାଇଛି । ନଷ୍ଟ କରାଯାଇଛି ୭୦୦ ଏକର ଗଞ୍ଜେଇ ଚାଷ ।

◆◆ପୃଷ୍ଠା ୭

## ବଢ଼ିଲା ଲାଞ୍ଚୁଆ ଖଣି ଉପନିର୍ଦ୍ଦେଶକଙ୍କ ଅଡୁଆ

### ଭିଜିଲାନ୍ସକୁ ମାଗିଲା ବାବୁଙ୍କ କଳା ଚିଠା



ଭୁବନେଶ୍ୱର, ୨୬/୨ (ନି.ପ୍ର): ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା କୋଟିପତି ଖଣି ଅଧିକାରୀ ଦେବବ୍ରତ ମହାନ୍ତିଙ୍କ ସଂପର୍କରେ ତଥ୍ୟ ମାଗିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଆୟକର ବିଭାଗ ମଧ୍ୟ ଭିଜିଲାନ୍ସକୁ ମାଗିଛି ତଥ୍ୟ। ଅନ୍ୟପକ୍ଷରେ ଏହି କୁବେର ଖଣି ଅଧିକାରୀଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଆଜି ଆବେଦନ କରିବ ଭିଜିଲାନ୍ସ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଲାଞ୍ଚ ନେବା ଅଭିଯୋଗରେ ଗତକାଲି କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ତାଙ୍କ ଘରୁ ନଗଦ ୪ କୋଟି ୨୭ ଲକ୍ଷ ୧୩ ହଜାର ୬୦୦ ଟଙ୍କା ମିଳିଥିଲା। ଜଣେ ଲାଇସେନ୍ସ ପ୍ରାପ୍ତ କୋଇଲା ବେପାରୀଙ୍କଠାରୁ ମଙ୍ଗଳବାର ରାତିରେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକ ସର୍କଲର ଖଣି ଉପନିର୍ଦ୍ଦେଶ ଦେବବ୍ରତ ମହାନ୍ତିଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ଏହା ପରେ ତାଙ୍କ ଭୁବନେଶ୍ୱରର ପଟିଆର ଶ୍ରୀବିହାର ସ୍ଥିତ ନେଚରସ୍ କ୍ରେଷ୍ଟ ଆପାର୍ଟମେଣ୍ଟର ୩୦୨ ନମ୍ବର ଫ୍ଲାଟ୍ ସହିତ ଭଦ୍ରକର ମଠସାହି ସ୍ଥିତ ପୈତୃକ ବାସଭବନ ଓ କଟକ ସ୍ଥିତ ତାଙ୍କ ଅଫିସ ଚ୍ୟାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ଶ୍ରୀ ମହାନ୍ତିଙ୍କର ଭୁବନେଶ୍ୱରର ପଟିଆର ଶ୍ରୀବିହାର ସ୍ଥିତ ନେଚରସ୍ କ୍ରେଷ୍ଟ ଆପାର୍ଟମେଣ୍ଟର ୩୦୨ ନମ୍ବର ଫ୍ଲାଟ୍‌ରୁ ନଗଦ ୪ କୋଟି ୨୭ ଲକ୍ଷ ୧୩ ହଜାର

◆◆ପୃଷ୍ଠା ୭

## ରାଜ୍ୟସଭା ପ୍ରାର୍ଥୀ ନିଷ୍ପତ୍ତି ନେବେ ନବୀନ ପଟ୍ଟନାୟକ: ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୨୬/୨ (ନି.ପ୍ର): ନବୀନ ପଟ୍ଟନାୟକ ରାଜ୍ୟସଭା ପ୍ରାର୍ଥୀ ଘୋଷଣା ସମ୍ପର୍କିତ ଶେଷ ନିଷ୍ପତ୍ତି ନେବେ ବୋଲି ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି। ବିଜେଡି ପିଏସି ବୈଠକ ପରେ ସେ କହିଛନ୍ତି ଯେ, କମିଟି ପକ୍ଷରୁ ନବୀନ ପଟ୍ଟନାୟକଙ୍କୁ ପ୍ରାର୍ଥୀ ଚୟନର ଦାୟିତ୍ୱ ଦିଆଯାଇଛି ଏବଂ ଯାହା ନିଷ୍ପତ୍ତି ହେବ ସମସ୍ତେ ତାହାକୁ ମାନିବେ। ସେ କହିଛନ୍ତି ଯେ ରାଜ୍ୟସଭାର ଗୋଟିଏ ଆସନ ବିଜେଡି ଖାତାକୁ ଯାଉଛି। ଦଳ କେତୋଟି ପ୍ରାର୍ଥୀ ଦେବ, ସେଥିପାଇଁ ମଧ୍ୟ ଶେଷ ନିଷ୍ପତ୍ତି ନବୀନ ପଟ୍ଟନାୟକ ନେବେ।

## ହୋର୍ଡିଂ ପରିଚାଳନା ନେଇ ବିଏମ୍‌ସିର ବୈଠକ

ଭୁବନେଶ୍ୱର, ୨୬/୨ (ନି.ପ୍ର): ପ୍ରତ୍ୟେକ ହୋର୍ଡିଂର ହେବ ତୃତୀୟ ପକ୍ଷ ଇନସ୍ୟୁରାନ୍ସ । ସୁସଂହତ ହେବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଅଂଚଳରେ ହୋର୍ଡିଂ ବ୍ୟବସ୍ଥା । କମିଶନର ଶ୍ରୀ ଚଂଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଓ ରାଜସ୍ୱ ଉପାୟୁକ୍ତ ଶ୍ରୀ ଅଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଅନୁବନ୍ଧିତ ବିଜ୍ଞାପନ ସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଆଜି ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମସ୍ତ ଅନୁବନ୍ଧିତ ସଂସ୍ଥାଙ୍କୁ ଚିଠି ମାଧ୍ୟମରେ ହୋର୍ଡିଂ ଗୁଡିକର ସ୍ଥାୟୀତ୍ୱ ପ୍ରମାଣପତ୍ର ଦେବା ପାଇଁ ଆଲୋଚନା ହୋଇଯାଇଛି ।

## ମାର୍ଚ୍ଚ ୧୬ରେ ରାଜ୍ୟସଭା ନିର୍ବାଚନ: ବିଜ୍ଞପ୍ତି ପ୍ରକାଶ

ନୂଆଦିଲ୍ଲୀ,୨୬/୨ : ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ହେବ ରାଜ୍ୟସଭା ନିର୍ବାଚନ। ଏ ନେଇ ଗତ ୧୮ ତାରିଖରେ ଭାରତୀୟ ନିର୍ବାଚନ କମିଶନ ପ୍ରେସ୍‌ନୋଟ୍ ଜାରି କରି ସୂଚନା ଦେଇଥିବା ବେଳେ ଆଜି ବିଧିବଦ୍ଧ ଭାବେ ପ୍ରକାଶ ପାଇଛି ବିଜ୍ଞପ୍ତି। ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ହେବ ନିର୍ବାଚନ। ତା' ମଧ୍ୟରେ ଓଡ଼ିଶାର ୪ଟି ଆସନ ରହିଛି। ରାଜ୍ୟସଭା ନିର୍ବାଚନ ପାଇ ମାର୍ଚ୍ଚ ୫ ହେଉଛି ନାମାଙ୍କନ ଦାଖଲର ଶେଷ ତାରିଖ। ୬ରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ମାର୍ଚ୍ଚ ୯ ହେଉଛି ନାମାଙ୍କନ ପତ୍ର



ପ୍ରତ୍ୟାହାର କରିବାର ଶେଷ ତାରିଖ। ମାର୍ଚ୍ଚ ୧୬ ତାରିଖ ସକାଳ ୯ରୁ ଅପରାହ୍ଣ ୪ ଯାଏ ଭୋଟ୍ ଗ୍ରହଣ କରାଯିବ। ଅପରାହ୍ଣ ୫ଟାରେ ହେବ ଭୋଟ୍ ଗଣତି। ଓଡ଼ିଶାର ୪ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେଉଛି। ଏହି ସାଂସଦମାନେ ହେଉଛନ୍ତି- ମମତା ମହାନ୍ତ, ମୁନା ଖାନ୍, ସୁଜିତ୍ କୁମାର ଓ ନିରଞ୍ଜନ ବିଶି।

◆◆ପୃଷ୍ଠା ୭

## ଡୋନାଲ୍ଡ ଟ୍ରମ୍ପଙ୍କ ଧମକ: ମୁଣ୍ଡ ନୋଇଁଲା ବ୍ରିଟେନ

ନୂଆଦିଲ୍ଲୀ,୨୬/୨ : ଭାରତ ମହାସାଗରରେ ଅବସ୍ଥିତ ଚାଗୋସ୍ ଦ୍ୱୀପପୁଞ୍ଜ ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିରନ୍ତର ଚାପ ଆଗରେ ବ୍ରିଟେନ ମୁଣ୍ଡ ନୁଆଁଇଛି । ବ୍ରିଟେନର କିର ଷ୍ଟାର୍ମର ସରକାର ମରିସସକୁ ଚାଗୋସ୍ ଦ୍ୱୀପପୁଞ୍ଜ ହସ୍ତାନ୍ତର ପାଇଁ ପ୍ରୟାସ ବନ୍ଦ କରିଦେଇଛନ୍ତି । ଏନେଇ ସରକାର ସାଂସଦମାନଙ୍କୁ ସୂଚନା ଦେଇଛନ୍ତି। ବ୍ରିଟେନର ବୈଦେଶିକ, ରାଜ୍ୟଗୋଷ୍ଠୀ ଓ ବିକାଶ କାର୍ଯ୍ୟାଳୟ ମନ୍ତ୍ରୀ ହାମିଶ ଫାଲକନର କହିଛନ୍ତି, ଆମେରିକା ସହିତ ଆଲୋଚନା ପର୍ଯ୍ୟନ୍ତ ଚାଗୋସ୍ ଦ୍ୱୀପପୁଞ୍ଜ ହସ୍ତାନ୍ତର ପାଇଁ ଅନୁମୋଦନ ପ୍ରକ୍ରିୟା ବନ୍ଦ କରାଯାଇଛି। ଫାଲକନରଙ୍କ ମନ୍ତବ୍ୟ ବ୍ରିଟେନରେ ରାଜନୈତିକ ଅସ୍ଥିରତା ବୃଦ୍ଧି କରିଛି। ବୈଦେଶିକ କାର୍ଯ୍ୟାଳୟ ତୁରନ୍ତ ଏକ ସ୍ପଷ୍ଟୀକରଣ ଜାରି କରି କହିଛି ଯେ, ଫାଲକନର ଭୁଲ୍ କଥା କହିଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି, କୌଣସି ପ୍ରତିବନ୍ଧକ ନାହିଁ। ଆମେ କେବେବି ସମୟସୀମା ସ୍ଥିର କରିନାହୁଁ।

◆◆ପୃଷ୍ଠା ୭

## ଆସାମର କାଜିରଙ୍ଗାରେ ୪ କୋଟି ମୂଲ୍ୟର ୮୦,୦୦୦ ୟାବା ଟାବଲେଟ୍ ଜବତ

ନୂଆଦିଲ୍ଲୀ,୨୬/୨ : ଆସାମର କାଜିରଙ୍ଗାର ବାଗରୀ ଅଂଚଳରେ ପୋଲିସ ବଡ କାର୍ଯାନୁଷ୍ଠାନ କରି ପ୍ରାୟ ୪ କୋଟି ମୂଲ୍ୟର ନିଶାଦ୍ରବ୍ୟ ଜବତ କରିଛି।ପୋଲିସ ମୁଖପାତ୍ର ଗୁରୁବାର କହଛନ୍ତି ଯେ ଏହି ଉଦ୍ଧାର ଏକ ଟ୍ରକରୁ କରାଯାଇଛି।ନିୟମିତ ଯାଂଚ ସମୟରେ ଅଟକାଯାଇଥିବା ଏକ ଟ୍ରକରୁ ଏହି ଜବତ କରାଯାଇଥିଲା।ପୋଲିସ ସୂତ୍ର ଅନୁସାରେ, ଟ୍ରକରୁ ୮୦,୦୦୦ ୟାବା ଟାବଲେଟ୍ ଜବତ କରାଯାଇଛି।କୁହାଯାଇଛି ଯେ ଏହି ଟାବଲେଟ୍ ମଣିପୁରରୁ ଗୋଲପାଡାକୁ ଚାଲାଣ କରାଯାଉଥିଲା।

## ଆମେରିକା-କ୍ୟୁବା ମୁହାଁମୁହିଁ : ୪ ମୃତ, ଉତ୍ତେଜନା ବଢ଼ିବା ଆଶଙ୍କା

ନୂଆଦିଲ୍ଲୀ,୨୬/୨ : କ୍ୟୁବା କହିଛି, ଆମେରିକାର ପଞ୍ଜିକୃତ ସ୍ପିଡ୍‌ବୋଟ୍‌ରେ କ୍ୟୁବା ଜଳସୀମାରେ ପ୍ରବେଶ କରିଥିବା ଚାରି ଜଣ ଲୋକ କ୍ୟୁବା ତଟରକ୍ଷୀ ବାହିନୀ ସହିତ ଗୁଳିବିନିମୟରେ ଜୀବନ ଯାଇଛି । କ୍ୟୁବା ଗୃହ ମନ୍ତ୍ରଣାଳୟ ଅନୁସାରେ ସ୍ପିଡ୍‌ବୋଟ୍‌ଟି କ୍ୟୁବା ଜଳସୀମାରେ ପ୍ରବେଶ କରି କ୍ୟୁବା ତଟରକ୍ଷୀ ବାହିନୀ ସହିତ ମୁହାଁମୁହିଁ ହୋଇଥିଲା । କ୍ୟୁବାର ଉତ୍ତର ଉପକୂଳର ଏକ ଦ୍ୱୀପ ନିକଟରେ ଘଟିଥିବା ଏହି ଘଟଣାରେ ଅନ୍ୟ ଛଅ ଜଣ ଯାତ୍ରୀ ଆହତ ହୋଇଛନ୍ତି।



କ୍ୟୁବା ଗୃହ ମନ୍ତ୍ରଣାଳୟ ସୋସିଆଲ ମିଡିଆରେ ଏହି ଘଟଣା ବିଷୟରେ ଏକ ବିବୃତି ପୋଷ୍ଟ କରି କହିଛି, ଜଣେ କ୍ୟୁବା ସୀମା ସୁରକ୍ଷା ବାହିନୀ କମାଣ୍ଡର ମଧ୍ୟ ଆହତ ହୋଇଛନ୍ତି। ବିବୃତିରେ କୁହାଯାଇଛି,ସୀମା ସୁରକ୍ଷା ବାହିନୀ ସୈନିକଙ୍କ ଏକ ୟୁନିଟ୍ ଯାଞ୍ଚ ପାଇଁ ଡଙ୍ଗା ପାଖକୁ ଯାଇଥିଲେ । ତେବେ ଆମେରିକାରେ ପଞ୍ଜିକୃତ ଡଙ୍ଗାରେ ଥିବା ଲୋକମାନେ ଗୁଳି ଚଳାଇଥିଲେ । ଫଳରେ ଜଣେ କ୍ୟୁବା କମାଣ୍ଡର ଆହତ ହୋଇଥିଲେ । ଏହି ଘଟଣା ପରେ ଆମେରିକା ଏବଂ କ୍ୟୁବା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ରହିଛି । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି, କୌଣସି ପ୍ରତିକ୍ରିୟା ଦେବା ପୂର୍ବରୁ ଆମେରିକା ଘଟଣାର ଏକ ନିରପେକ୍ଷ ତଦନ୍ତ କରିବ। ସେଠାରେ କ'ଣ ଘଟିଥିଲା ତାହା ଆମେ ପ୍ରକୃତରେ ଜାଣିବୁ ଏବଂ ତା ପରେ ଆମେ ସେହି ଅନୁଯାୟୀ ପ୍ରତିକ୍ରିୟା ଦେବୁ । ସେ ଏହା ମଧ୍ୟ କହିଛନ୍ତି ଯେ ଡଙ୍ଗାରେ ଥିବା ଲୋକଙ୍କ ଜାତୀୟତା ସ୍ପଷ୍ଟ ନୁହେଁ । ଆମେରିକା ତଥ୍ୟ ଉପରେ ଆଧାର କରି ନିଷ୍ପତ୍ତି ନେବ । ଏନେଇ ଆମେ ତଥ୍ୟ ସଂଗ୍ରହ କରୁଛୁ । ଖୋଲା ସମୁଦ୍ରରେ ଏହି ପ୍ରକାରର ଗୁଳିକାଣ୍ଡ ଘଟିବା ଅସାଧାରଣ କଥା ନୁହେଁ । ଏହା ପ୍ରତିଦିନ ଘଟେ ନାହିଁ। ସତ କହିବାକୁ ଗଲେ, କ୍ୟୁବା ସହିତ ଏଭଳି ବହୁ ଦିନ ଧରି ଘଟିନାହିଁ ବୋଲି ରୁବିଓ କହିଛନ୍ତି। ଆମେରିକା ତଟରକ୍ଷୀ ବାହିନୀ କ୍ୟୁବା ସୀମା

◆◆ପୃଷ୍ଠା ୭

## ବ୍ରହ୍ମପୁର ହଳଦିଆପଦର ଓଭରବ୍ରିଜ୍ ଦୁର୍ଘଟଣା ମାମଲା: ବ୍ରିଜ୍ ନିର୍ମାଣରେ ତ୍ରୁଟି ଥିବା ବିଶେଷଜ୍ଞଙ୍କ ସୂଚନା

ଭୁବନେଶ୍ୱର, ୨୬/୨ (ନି.ପ୍ର): ବ୍ରହ୍ମପୁର ହଳଦିଆପଦର ଓଭର ବ୍ରିଜ୍ । କାଳ ସାଜିଛି ବ୍ରିଜ୍‌ର ଡିଜାଇନ୍। ନିର୍ମାଣ ପରଠାରୁ ଗଲାଣି ୨୬ ଜୀବନ । ଆଉ ଗତ ଜାନୁଆରି ୩୧ ତାରିଖ ଦୁର୍ଘଟଣା ପରେ ସରକାରଙ୍କ ଚେତା ପଶିଛି । ପୂର୍ତ୍ତ ବିଭାଗର ୪ ଜଣିଆ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳ ଯାଇ ବ୍ରିଜ୍‌ର ଅନୁଧ୍ୟାନ କରିଛନ୍ତି। ବ୍ରିଜ୍ ଅଧିକ ଅଙ୍କାବଙ୍କା ହେବା ସହ ଜାତୀୟ ରାଜପଥକୁ ସଂଯୋଗୀକରଣ କରିବା ଦିଗରେ ତ୍ରୁଟି ଥିବା ଅନୁଧ୍ୟାନରୁ ଜଣାପଡ଼ିଛି । ତଥାପି ସଂପୂର୍ଣ୍ଣ ଅନୁଧ୍ୟାନ ପରେ କ'ଣ ତ୍ରୁଟି ରହିଛି ଜଣାପଡିବ । ଏ ନେଇ ସପ୍ତାହେ ଭିତରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ । ସମ୍ଭବତଃ ବ୍ରିଜର ରୂପରେଖ ପରିବର୍ତ୍ତନ ହୋଇପାରେ ବୋଲି କହିଛନ୍ତି ସ୍ୱତନ୍ତ୍ର ଟିମ୍ । ୨୦୦୮ରେ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୧୩ରେ ଏହା ସର୍ବସାଧାରଣଙ୍କ ଲାଗି ଖୋଲିଥିଲା । ସେହିଦିନ ଠାରୁ ଏ ପର୍ଯ୍ୟନ୍ତ ଛୋଟବଡ଼ ଦୁର୍ଘଟଣାରେ ଅନେକ ମୃତାହତ ହୋଇଛନ୍ତି । ୯ ଶହ ମିଟର ଲମ୍ବ ବ୍ରିଜ୍ ଅଙ୍କାବଙ୍କା ସହ ଆପ୍ରୋଚ୍ ରାସ୍ତା ମଧ୍ୟ ନାହିଁ । ଫଳରେ ଏବେ ଏ ରାସ୍ତାରେ ଯିବାକୁ ଭୟ ଲାଗୁଥିବା କହିଛନ୍ତି ଅଞ୍ଚଳବାସୀ । ଗତ ଜାନୁଆରି ୩୧ରେ ଏ ଓଭର ବ୍ରିଜ୍‌ରେ ସଡ଼କ ଦୁର୍ଘଟଣା ଘଟି ୫ ଜଣଙ୍କ ଜୀବନ ଯାଇଥିଲା । ଏହାପରେ ବ୍ରିଜର ଡିଜାଇନକୁ ନେଇ ଉଠିଥିଲା ପ୍ରଶ୍ନ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଂଚ ଦିନିଆ ଗବେଷଣା ପଦ୍ଧତି କର୍ମଶାଳା

ଜୟପୁର, ୨୬/୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଂଚଦିନିଆ "ଗବେଷଣା ପଦ୍ଧତି କର୍ମଶାଳା" ସଫଳତାର ସହ ଆୟୋଜିତ ହୋଇଯାଇଛି । ଭାଷା ସମୂହ ବିଦ୍ୟାପୀଠ ପକ୍ଷରୁ ଆୟୋଜିତ ଏହି କର୍ମଶାଳା ଉଦଯାପିତ ହୋଇଥିଲା। କର୍ମଶାଳାର ଲକ୍ଷ୍ୟ ଥିଲା ଭାଷା ଓ ସାହିତ୍ୟର ଗବେଷକ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଗବେଷଣା କୌଶଳ, ଏକାଡେମିକ ଲେଖନ କୁଶଳତା ଓ ଗବେଷଣା ନୀତିଶାସ୍ତ୍ର ପ୍ରତି ସଚେତନତା ବୃଦ୍ଧି କରିବା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ବିଶ୍ୱଭାରତିର ପ୍ରଫେସର ଅରୁଣ ରଞ୍ଜନ ମିଶ୍ର ଉପସ୍ଥିତ ରହି ଅଂଶଗ୍ରାହୀମାନଙ୍କୁ ସମ୍ବୋଧନ କରିଥିଲେ।

୨୦ ଫେବୃଆରୀରେ ଆୟୋଜିତ ଉଦ୍ଘାଟନୀ ଅଧିବେଶନରେ ଆହମଦାବାଦ ସ୍ଥିତ ସ୍ୱାମୀନାରାୟଣ ସଂସ୍ଥାର ଖ୍ୟାତନାମା ସଂସ୍କୃତ ଆଚାର୍ଯ୍ୟ ମହାମହୋପାଧ୍ୟାୟ ସ୍ୱାମୀ ଭଦ୍ରେଶଦାସଜୀ ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ବୋଧନ ଦେଇଥିଲେ। ସେ ତାଙ୍କ ଉତ୍ସାହବର୍ଦ୍ଧକ ଉଦ୍ବୋଧନରେ ଗବେଷଣାରେ ଦାର୍ଶନିକ ସ୍ପଷ୍ଟତା, ଶାସ୍ତ୍ରୀୟ ଶିଷ୍ଟାଚାର ଓ ନୀତିମୂଲ୍ୟର ଗୁରୁତ୍ୱ ଉଲ୍ଲେଖ କରିଥିଲେ। "ଭାରତୀୟ ଗବେଷଣାରେ ଆସ୍ଥା ରଖି ଏହାକୁ ନୂତନ ଦିଗରେ ଆଗେଇ ନିଅନ୍ତୁ। ଆପଣମାନେ ଭାରତର ଯୁବଶକ୍ତି, ଆପଣମାନେ ସବୁକିଛି ସାଧନ କରିପାରିବେ," ବୋଲି ସେ ଆହ୍ୱାନ କରିଥିଲେ। ସେ ଆଧୁନିକ ଗବେଷଣାରେ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତାକୁ ମଧ୍ୟ ଉତୋଳନ କରିଥିଲେ। କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଗବେଷଣା ସଂସ୍କୃତିକୁ ସୁଦୃଢ଼ କରିବା ଓ ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହନ ଦେବା ଆବଶ୍ୟକତା ଉପରେ ଜୋର ଦେଇ ସେ କହିଥିଲେ, "ଅଧ୍ୟୟନ ପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ। ଯଦି ନିଷ୍ଠା ଓ ଆଗ୍ରହ ରହିବ, ତେବେ ଜ୍ଞାନ ଅର୍ଜନ କରି ସମାଜର ପଥପ୍ରଦର୍ଶକ ହେବା ସମ୍ଭବ।" ଉଦ୍ଘାଟନୀ ଅବସରରେ ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଶ୍ରୀ ଦୁର୍ଯ୍ୟୋଧନ ସେଠି ସମ୍ମାନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ସେ ଉଚ୍ଚ ଶିକ୍ଷା ଓ ଗବେଷଣା ପ୍ରୟାସକୁ ଆଗେଇ ନେବା ପାଇଁ ପ୍ରତିଷ୍ଠାନଗତ ସହଯୋଗ ଓ ସମ୍ପଦ ପରିଚାଳନାର ଗୁରୁତ୍ୱ ଉଲ୍ଲେଖ କରିଥିଲେ।

ସଂସ୍କୃତ ବିଭାଗର ସହାୟକ ପ୍ରଫେସର ଡ଼. ଦେବାଶିଷ କର୍ମକାର କାର୍ଯ୍ୟଶାଳାର ସମନ୍ୱୟକ ଭାବେ ଦାୟିତ୍ୱ ପାଳନ କରି ଅତିଥି, ଶିକ୍ଷକମଣ୍ଡଳୀ, ଗବେଷକ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ଭାଷା ସଂକାୟ ଅଧୀନସ୍ଥ ବିଭିନ୍ନ ବିଭାଗର ଶିକ୍ଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ତାଙ୍କର ଶିକ୍ଷାଗତ ମତାମତ ଦ୍ୱାରା ଅଧିବେଶନଗୁଡ଼ିକୁ ସାରଗର୍ଭିତ ଓ ଚିନ୍ତନପ୍ରବଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ଜଣେଇଛନ୍ତି ।

# ୨୦୨୭ ଜନଗଣନା ପ୍ରସ୍ତୁତି : ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ

ସମ୍ବଲପୁର, ୨୬/୨ (ନି.ପ୍ର): ଆସନ୍ତା ୨୦୨୭ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ଜନଗଣନା ଅଧିକାରୀଙ୍କ ନିମନ୍ତେ ଏକ ଜିଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ସମ୍ବଲପୁର ଜିଲ୍ଲା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପରିସଂଖ୍ୟାନ ଅନୁସନ୍ଧାନକାରୀ ଅଭିଷେକ ମିଶ୍ର ଏବଂ ପରିସଂଖ୍ୟାନ ଅନୁସନ୍ଧାନକାରୀ (ଗ୍ରେଡ ୨) ଆଶୁତୋଷ କୁମାର ସିଂହଙ୍କ ଦ୍ୱାରା ଜନଗଣନା ପରିସଂଖ୍ୟାନ ଓ ଏହାର ବ୍ୟବହାରିକ ଦିଗର ବିଭିନ୍ନ ମଡ୍ୟୁଲ ସମ୍ପର୍କରେ ଶିବିରରେ ଯୋଗ ଦେଇଥିବା ସମସ୍ତ ଅଧିକାରୀଙ୍କୁ ବିସ୍ତୃତ ଧାରଣା ପ୍ରଦାନ କରାଯାଇଥିଲା। ଏଚ୍‌ଏଲଓ ମାଧ୍ୟମରେ ଘର ତାଲିକାକରଣ ଓ ଗୃହ ଜନଗଣନା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ପରିଭାଷା ପୋର୍ଟାଲର ବିଭିନ୍ନ ବୈଶିଷ୍ଟ୍ୟ ୱେବ୍ ଆପ୍ଲିକେସନ୍, ମ୍ୟାପିଙ୍ଗ, ଓ ସ୍ୱୟଂ-ଗଣନା ପ୍ରକ୍ରିୟା , ସହିତ ଗ୍ରାମ, ସହର ଏବଂ ଚାର୍ଜ ରେଜିଷ୍ଟରର ସମଗ୍ର ଅଭିଧାନ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆସନ୍ତା ଜନଗଣନା କାର୍ଯ୍ୟକ୍ରମକୁ ସଠିକ୍, ସମୟୋପଯୋଗୀ ଓ ପ୍ରଯୁକ୍ତିମୂଳକ ପଦ୍ଧତିରେ ସମ୍ପାଦନ କରିବା। ସିଏମ୍‌ଏମ୍‌ଏସ୍ ମାଧ୍ୟମରେ ତଥ୍ୟ ସଂଗ୍ରହ, ପର୍ଯ୍ୟବେକ୍ଷଣ ଓ ପରିଚାଳନା କାର୍ଯ୍ୟକୁ ସୁଚାରୁ ଭାବେ କିପରି କରାଯିବ, ସେ ବିଷୟରେ ପ୍ରଶିକ୍ଷକମାନେ ପ୍ରାୟୋଗିକ ଉପସ୍ଥାପନ ଦେଇଥିଲେ। ଏଚ୍‌ଏଲ୍‌ଓ ଅପରେସନ ମ୍ୟାନେଜମେଣ୍ଟ ମାଧ୍ୟମରେ ହାଉସଲିଷ୍ଟିଂ ଅପରେସନ ସମ୍ପର୍କିତ ତଥ୍ୟ ସଂଗ୍ରହ ଓ ନିରୀକ୍ଷଣ ପ୍ରକ୍ରିୟା ବିଷୟରେ ସ୍ପଷ୍ଟ ଧାରଣା ଦିଆଯାଇଥିଲା। ଏହା ଦ୍ୱାରା କିପରି ତଥ୍ୟ ସଂଗ୍ରହ କରାଯିବ, ସେଥିପାଇଁ ପ୍ରାୟୋଗିକ ଅଭ୍ୟାସ ମଧ୍ୟ କରାଯାଇଥିଲା। ଏଥିରେ ଜନଗଣନା କର୍ମଚାରୀ ଘରକୁ ଘର ଗଠନ, ଘରୋଇ ସମ୍ପତ୍ତି ଏବଂ ପରିବାର ସମ୍ବନ୍ଧୀୟ ମୌଳିକ ସୂଚନା ସଂଗ୍ରହ କରିବେ। ସ୍ୱୟଂ ଗଣନା ନିଜର ତଥ୍ୟ ନିଜେ ଦାଖଲ କରିବାକୁ ଚାହୁଁଥିବା ବାସିନ୍ଦାଙ୍କ ପାଇଁ ଏପ୍ରିଲ୍ ୧ ରୁ ଏପ୍ରିଲ୍ ୧୫, ୨୦୨୬ ପର୍ଯ୍ୟନ୍ତ ଏକ ୧୫ ଦିନିଆ ୱିଣ୍ଡୋ ଉପଲବ୍ଧ ରହିବ । ଏହା ସହିତ ଅଧିକାରୀମାନଙ୍କ ପ୍ରଶିକ୍ଷଣ ପ୍ରବନ୍ଧନ ଦ୍ୱାରା ଆବଶ୍ୟକ ପ୍ରିଣ୍ଟିଂ ସାମଗ୍ରୀ ଓ ଲଜିଷ୍ଟିକ୍ସ ବ୍ୟବସ୍ଥାପନା ବିଷୟରେ ଅଲୋଚନା କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ କୁଚିଣ୍ଡା ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ, ସମସ୍ତ ପୌରନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର ଜନଗଣନା କାର୍ଯ୍ୟ ସହ ଜଡିତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ ।

## ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସାଂସଦ କାର୍ଯ୍ୟକ୍ରମ

ନୂଆପଡ଼ା, ୨୬/୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସାଂସଦ ୨୦୨୬ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଜରୁରୀ କାଳୀନ ସମୟର ପଚାଶ ବର୍ଷ - ଭାରତୀୟ ଲୋକତନ୍ତ୍ର ପାଇଁ ଶିକ୍ଷା ବିଷୟରେ ଆଲୋଚନା ହୋଇଥିଲା। ନୂଆପଡ଼ା ଜିଲ୍ଲାର ୮ଟି ଡିଗ୍ରୀ କଲେଜର ଦୁଇ ଶହ ଛାତ୍ର ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଜରୁରୀ ପରିସ୍ଥିତି ଗଣତନ୍ତ୍ର ପାଇଁ କ୍ଷତିକାରକ ଥିଲା ଓ ଆଗାମୀ ଦିନରେ ଏହାର ପୁନରାବୃତି ନହେବା ସହ ବିକଶିତ ଭାରତର ଲକ୍ଷ୍ୟ ଉପରେ ଛାତ୍ରଛାତ୍ରୀମାନେ ମତ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଦଶ ଜଣ ମନୋନୀତ ହୋଇ ଆଗାମୀ ଦିନରେ ଓଡ଼ିଶା ବିଧାନସଭାରେ ନିଜର ମତ ରଖିବେ। ରାଜ୍ୟର ପ୍ରତ୍ୟେକ ଜିଲାର ଦଶ ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥିରେ ଭାଗ ନେବେ। ଏଭଳି ନିଆରା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଦିନରେ ନେତୃତ୍ୱ ନେବାରେ ଉତ୍ସାହିତ କରିବ ଓ ବିକଶିତ ଭାରତ ଗଠନରେ ସହାୟକ ହୋଇ ପାରିବ ବୋଲି ସମସ୍ତେ କହିଥିଲେ। ଆଜିର କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଅବସରପ୍ରାପ୍ତ ଅଧ୍ୟାପକ ଜଗମୋହନ ମେହେର, ଡଃ.ଫଣିନ୍ଦ୍ରମ ସିଂହଦେଓ, ସାମ୍ବାଦିକ ଅଜିତ କୁମାର ପଣ୍ଡା, ଅଧ୍ୟାପକ ଡଃ. ପ୍ରତାପ ଦାସ, ଜାତୀୟ ସେବା ଯୋଜନା ଜିଲ୍ଲା ସଂଯୋଜିକା ପ୍ରଣତି ପଣ୍ଡା, ଯୁକ୍ତ ଦୁଇ ଅଧ୍ୟକ୍ଷ ରଣବୀର ସିଂ, ଛାତ୍ର କଲ୍ୟାଣ ବୋର୍ଡ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ସୁନିଲ କୁମାର ପାଢ଼ୀ, ସୁରଞ୍ଜନ ପ୍ରଧାନ ପ୍ରମୁଖ ମଂଚାସିନ ଥିଲେ।

# ବାଲ୍ୟ ବିବାହ ଦୂରୀକରଣ ସମ୍ବନ୍ଧୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ

ଜୟପୁର, ୨୬/୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଆଜି ବାଲ୍ୟା ବିବାହ ଦୂରୀକରଣ ସକାଶେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଭାଗୃହ ଠାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତୀଥି ଭାବରେ ଯୋଗଦେଇଥିଲେ ଶ୍ରୀ ବିଷ୍ଣୁ ପ୍ରସାଦ ଦେବତା, ରେଜିଷ୍ଟ୍ରାର ସିଭିଲ କୋର୍ଟ ଜୟପୁର ତଥା ଭାରପ୍ରାପ୍ତ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଅନ୍ୟ ଅତୀଥି ଭାବରେ ଶିଶୁ କଲ୍ୟାଣ କମିଟି କୋରାପୁଟ ଅଧକ୍ଷା ଡ.ବି ଗାୟତ୍ରୀ ଦେବୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ସଙ୍ଗିତା ରାନୀ ପାଣି, ଚିଫ଼ି ଲିଗାଲ ଏଡ ଡିଫେନ୍ସ କାଉନସେଲ, ଶ୍ରୀ ପ୍ରମୋଦ କୁମାର ଦାଶ, ଡେପୁଟି ଲିଗାଲ ଏଡ ଡିଫେନ୍ସ କାଉନସେଲ ଶ୍ରୀ ହରିଶଚନ୍ଦ୍ର ମୁଦୁଲି, ପୋଲିସ ଉପ-ସୁପରିଣ୍ଟେଣ୍ଡେଣ୍ଟ ମାଛକୁଣ୍ଡ ଡ.ହୃଷିକେଶ ମେହେର, ସହକାରୀ ଶ୍ରମ ଅଧିକାରୀ ଶୁଶ୍ରୀ ରାମେଶ୍ୱରୀ ହିକକ୍କା ପ୍ରମୁଖ ଯୋଗଦେଇଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାଲସା ଆଶା (ସଚେତନତା, ସମର୍ଥନ, ସାହାଯ୍ୟ ଏବଂ କାର୍ଯ୍ୟ) ଝଡଚ, ୨୦୨୫, ବାଲ୍ୟବିବାହର ପୀଡିତମାନଙ୍କୁ ରୋକିବା, ସୁରକ୍ଷା ଦେବା ଏବଂ ପୁନର୍ବାସ କରିବା ପାଇଁ ଜାତୀୟ ଆଇନଗତ ସେବା ପ୍ରାଧିକରଣ ଦ୍ୱାରା ଆରମ୍ଭ ହୋଇଥିବା ଏକ ବ୍ୟାପକ ଆଇନଗତ ଢାଞ୍ଚା, ଯାହା ୨୦୨୫ ସୁଦ୍ଧା ଏହି ପ୍ରଥାକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ବାଲ୍ୟବିବାହ ନିଷେଧ ଆଇନ ବିଷୟରେ ସଚେତନତାକୁ ପ୍ରୋତ୍ସାହିତ କରିବା ସହିତ ଆଇନଗତ, ଚିକିତ୍ସା ଏବଂ ମାନସିକ ସହାୟତା ପ୍ରଦାନ କରିବା ପାଇଁ ଏକ ସାଂସ୍ଥାଗତିକ ଯନ୍ତ୍ରପାତି ସୃଷ୍ଟି କରେ ଏହା ସହିତ ୧ ବର୍ଷରୁ କମ୍ ବୟସର ପୁରୁଷ ଏବଂ ୧୮ ବର୍ଷରୁ କମ୍ ବୟସର ମହିଳା।

ଅବ୍ୟାହତ ବିବାହ: ବିବାହ ସମୟରେ ଶିଶୁ ଥିବା ଚୁକ୍ତିନାମାକାରୀ ପକ୍ଷର ଇଚ୍ଛାରେ ବାଲ୍ୟ ବିବାହ ବାତିଲ କରାଯାଇପାରିବ। ସାବାଳକ ହେବା ପରେ ଦୁଇ ବର୍ଷ ମଧ୍ୟରେ ବିବାହ ବାତିଲ ପାଇଁ ଆବେଦନ ଦାଖଲ କରାଯାଇପାରିବ।

ଅବ୍ୟାହତ ପରିସ୍ଥିତି: ଯଦି ପିଲାକୁ ପିତାମାତାଙ୍କ ହେପାଜତରୁ ନିଆଯାଇଥାଏ କିମ୍ବା ପ୍ରଲୋଭିତ କରାଯାଇଥାଏ, ବିକ୍ରି କରାଯାଇଥାଏ କିମ୍ବା ବିବାହ ପାଇଁ ଚାଲାଣ କରାଯାଇଥାଏ, ତେବେ ବାଲ୍ୟ ବିବାହକୁ ଅବ୍ୟାହତ (ଅବ୍ୟାହତ) ବୋଲି ବିବେଚନା କରାଯାଏ। ହି ଆଇନରେ ବାଳକଙ୍କୁ ବିବାହ କରୁଥିବା ବୟସ୍କ ବ୍ୟକ୍ତି କିମ୍ବା ବାଳ ବିବାହ କରୁଥିବା, ପରିଚାଳନା କରୁଥିବା, ନିର୍ଦ୍ଦେଶ ଦେଉଥିବା କିମ୍ବା ପ୍ରୋତ୍ସାହିତ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ଏବଂ/ଅଥବା ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ଅଛି। ବାଳ ବିବାହ ନିଷେଧ ଅଧିକାରୀ : ବାଳ ବିବାହ ରୋକିବା, ପୀଡିତଙ୍କୁ ସୁରକ୍ଷା ଦେବା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରମାନଙ୍କ ଦ୍ୱାରା ନିଯୁକ୍ତ କରାଯାଇଥାଏ । ଏହି ଶିବିରରେ ଅଙ୍ଗଓ୍ୱାଡି କର୍ମୀ, ଆଶା କର୍ମୀ, ସି.ଆର୍ ପି. ପ୍ରମୁଖ ବହୁ ମାତ୍ରାରେ ଯୋଗଦେଇଥିଲେ ।

# ମିଶନ ହସପିଟାଲରେ ଲାଗିଲା ବୁଲଡୋଜର: ବିଜେଡିର ପ୍ରତିବାଦ

ବଲାଙ୍ଗୀର, ୨୬/୨ (ନି.ପ୍ର): ବଲାଙ୍ଗୀର-ପାଟଣାଗଡ ରାସ୍ତାର ଜ୍ୟୋତିନଗର ଠାରେ ଦୀର୍ଘବର୍ଷ ଧରି ଚାଲିଥିବା ଖ୍ରୀଷ୍ଟିଆନ ମିଶନାରୀଙ୍କ ପରିଚାଳିତ ହସପିଟାଲକୁ ଆଜି ପ୍ରଶାସନ ପକ୍ଷରୁ ବୁଲଡୋଜର ଲଗାଇ ଭଙ୍ଗା ଯାଇଛି। ତେବେ ଏହି ଭଙ୍ଗାଭଙ୍ଗିକୁ ବଲାଙ୍ଗୀର ବିଜେଡିଦଳ ତୀବ୍ରବିରୋଧ କରିବା ସହିତ ହୋହଲ୍ଲାକରି ତହସିଲଦାରଙ୍କୁ ସେଠାରୁ ଫେରାଇ ଦେଇଥିବା ଜଣାପଡିଛି। ଆଜି ଦିନ ୧୨ଟାରେ ସମୟରେ ବଲାଙ୍ଗୀର ତହସିଲଦାର ଲଗ୍ନଜିତ ବେହେରା ତାଙ୍କ ଟିମ ସହିତ ଦୁଇଟି ବୁଲଡୋଜର ନେଇ ଜ୍ୟୋତିନଗରସ୍ଥିତ ମିଶନ ହସପିଟାଲ ତଥା ବର୍ତମାନ ସୁପ୍ରିମଟାକ୍ସ ହସପିଟାଲର କିଛି ଅଂଶକୁ ଭଙ୍ଗାଇଥିଲେ। ଏହାକୁ ଖ୍ରୀଷ୍ଟାନ କମ୍ୟୁନିଟି ପକ୍ଷରୁ ବିରୋଧ କରାଯାଇଥିଲା। ପରେ ପରେ ବିଜେଡିଦଳର ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ,ଜିଲ୍ଲା ପରିଷଦର ଅଧ୍ୟକ୍ଷା ଦେବକୀ ସାହୁ, ବିଜେଡି ନଗର ସଭାପତି ଶମ୍ଭୁ ନାଗଙ୍କ ନେତୃତ୍ୱରେ ଏକ ପ୍ରତତିନିଧିଦଳ ପହଂଚି ପ୍ରଶାସନକୁ ବାରଣ କରିଥିଲେ। ଫଳରେ ଭଙ୍ଗାଭଙ୍ଗି ବନ୍ଦ ହୋଇଥିଲା। ବିଧାୟକ କଳିକେଶନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶରେ ବିଜେଡିଦଳ ପକ୍ଷରୁ ମିଶନ ହସପିଟାଲ ଭଙ୍ଗାଭଙ୍ଗିକୁ ବିରୋଧ କରାଯାଇଛି। ବିଧାୟକ କଳିକେଶଙ୍କ ସହିତ ଆଲୋଚନା ପରେ ଯାଇ ଯାହା କିଛି ହେବ ବୋଲି ପୌରାଧ୍ୟକ୍ଷା ତହସିଲଦାରଙ୍କୁ କହିଥିଲେ। ତେବେ ତହସିଲଦାର କହିଛନ୍ତି ଯେ, ମିଶନର ବିଶପଙ୍କ ନାମରେ ୫ଏକର ଜମି ରହିଛି। କିନ୍ତୁ ଯେଉଁପଟେ ଭଙ୍ଗାଯାଉଛି ସେହି ଅଂଶ ପ୍ରାୟ ଦେଢ଼ଏକର ଜମିକୁ ମିଶନ ଜବରଦଖଲ କରିଛି। ତାକୁ ଏବେ ଖାଲି କରାଯାଉଛି । ସେପଟେ ଖ୍ରୀଷ୍ଟିଆନ କମ୍ୟୁନିଟି ପକ୍ଷରୁ କୁହାଯାଇଛି ଯେ,ଦୀର୍ଘ ୩୦ବର୍ଷ ହେଲା ଏଠାରେ ମିଶନାରୀମାନଙ୍କ ପକ୍ଷରୁ ହସପିଟାଲ ଖୋଲି ଲୋକଙ୍କୁ ସେବା ଯୋଗାଇ ଦିଆଯାଇ ଆସୁଛି। ଏଠାରେ ପ୍ରଖ୍ୟାତ ଚକ୍ଷୁବିଶେଷଜ୍ଞ ସ୍ୱର୍ଗତ ଡ.ଦଳଗଞ୍ଜନ ସୁନା ହଜାର ହଜାର ଲୋକଙ୍କୁ ଚକ୍ଷୁଚିକିତ୍ସା ସେବା ଯୋଗାଇ ଦେଉଥିଲେ। ସେହିଦିନଠାରୁ ଏହି ଅନୁଷ୍ଠାନ ସୁଚାରୁରୂପେ ପରିଚାଳିତ ହେଉଛି। ଗତ କିଛିବର୍ଷ ହେଲା ଏଠାରେ ସୁପ୍ରିମଟାକ୍ସ ଅନୁଷ୍ଠାନ ହସପିଟାଲ ସହିତ ଏକ ନର୍ସିଂତାଲିମ ଅନୁଷ୍ଠାନ ଚଳାଉଛି। ସେହି ନର୍ସିଂକଲେଜର ଛାତ୍ରୀମାନେ ରହୁଥିବା ହଷ୍ଟେଲକୁ ଏବେ ପ୍ରଶାସନ ବୁଡୋଜର ଲଗାଇ ଭାଙ୍ଗିଦେଇଛି। ତହସିଲଦାର ଯେଉଁଦିନ ଜବରଦଖଲ ହଟାଇବାକୁ ନୋଟିସକଲେ ସେହିଦିନଠାରୁ ଆମେ କୋର୍ଟରେ ଦ୍ୱାରସ୍ଥ ହୋଇଛୁ।

# ଜିଲ୍ଲା ଉନ୍ନୟନ ସମିତି ବୈଠକ ଅନୁଷ୍ଠିତ

ନୂଆପଡ଼ା, ୨୬/୨ (ନି.ପ୍ର): ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ଓ ଅନ୍ତଃବିଭାଗ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଜିଲ୍ଲା ଉନ୍ନୟନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଜିଲ୍ଲା ପରିଷଦ ଏପିଡି. କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ପେପରଲେସ୍ କାର୍ଯ୍ୟ ପ୍ରଣାଳୀ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓ୍ୱାସ୍ ମାଧ୍ୟମରେ ଅନଲାଇନ ଫାଇଲ ଓ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ ନିଶ୍ଚିତ କରିବାକୁ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ନିର୍ଦ୍ଦେଶକ, ପରିସଂଖ୍ୟାନ ଡିଲେଶ୍ୱର ଧରୁଆ ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବିଗତ ମାସରେ ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଂଗତି ଓ ସେଗୁଡ଼ିକର ସମାଧାନ ଏବଂ ପ୍ରତ୍ୟେକ ବିଭାଗର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ପର୍ଯ୍ୟଟନ ବିଭାଗ ଦ୍ୱାରା ତିଖାଲି ଡ୍ୟାମ, ଗୋଧସ ଜଳପ୍ରପାତ, ପଟୋରା ଡେମ, ପାତାଳଗଙ୍ଗା, ବୁଦ୍ଧି କୋମନାର ଉନ୍ନତି କରଣର ଆଲୋଚନା ହୋଇଥିଲା କ୍ଷ ଜିଲ୍ଲା ସଂସ୍କୃତି ଭବନ, ଟାଉନ୍ ହଲ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ନୂଆପଡ଼ା ସହରର ରାଜପଥର ଉଭୟ ପାର୍ଶ୍ୱରେ ପେଭର ବ୍ଲକ୍ ଓ ଡ୍ରେନ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା କରିବାକୁ କହିଥିଲେ। ଜିଲ୍ଲାର ଚାକିରୀ ଆଶାୟୀ ଯୁବା ବର୍ଗଙ୍କୁ ପ୍ରଶାସନିକ, ବ୍ୟାଙ୍କିଂ, ଏସ୍‌ଏସ୍‌ସି ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷା ପାଇଁ ପ୍ରଶିକ୍ଷଣ ଦେବା ପାଇଁ ଯୋଗ୍ୟ ଆଶାୟୀଙ୍କୁ ଚୟନ ପୂର୍ବକ ଶୀଘ୍ର ତାଲିମ ଆରମ୍ଭ କରିବାକୁ ଜିଲ୍ଲା ନିଯୋଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଳସେଚନ, ପଂଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି ଓ ପର୍ଯ୍ୟଟନ, ବିଜ୍ଞାପିତ ଅଂଚଳ ପରିଷଦ ସମେତ ସମସ୍ତ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ତହସିଲଦାରମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଖେଳ ପଡିଆମାନଙ୍କୁ ଜମି ପଟ୍ଟା ଯୋଗାଇବା ସହ ନୂତନ କୋଠା ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୟୋ ବନ୍ଦନା କାର୍ଯ୍ୟକ୍ରମକୁ ଶୀଘ୍ର ଆଗେଇ ନେବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀଙ୍କୁ ତାଗିଦ କରିଥିଲେ। ଜିଲ୍ଲାରୁ ଅବୈଧ ବାଲି ଓ ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ କଠୋର ପଦକ୍ଷେପ ନେବା ପାଇଁ ଖଣି ଅଧିକାରୀ ଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉତ୍ସର୍ଗୀକୃତ ମନୋଭାବ ସହିତ କାର୍ଯ୍ୟକରି ଜିଲ୍ଲାକୁ ପ୍ରଗତି ପଥରେ ଦୃତ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ।

# ସୁବର୍ଣ୍ଣପୁର ରେଳ ଷ୍ଟେସନରେ ଅପରାଧ ନିୟନ୍ତ୍ରଣ ପାଇଁ ଜିଆର୍‌ପି ପୋଲିସ ଖୋଲିବା ଦାବି

ସୁବର୍ଣ୍ଣପୁର, ୨୬/୨ (ନି.ପ୍ର): ସୋନପୁର ରେଳଷ୍ଟେସନ ୨୦୨୪ ନିର୍ବାଚନ ପୂର୍ବରୁ ରେଳ ଚଳାଚଳ କରୁଥିବା ସତ୍ୱେ ଆଜି ପର୍ଯ୍ୟନ୍ତ ରେଳ ଷ୍ଟେସନ ରେ ଏକଚ ପୋଲିସ ଷ୍ଟେସନ ଯାହାକି ଡ଼ି ଜି ପୋଲିସ ଖୋଲିବା ନିୟମ ତାହା ଖୋଲାଯାଇନି। ଏଥିସଂକ୍ରାନ୍ତ ରେ ଡ଼ି.ଜି, ଡ଼ି. ଆଇ. ଜି, ଓଡ଼ିଶା, ଏସ. ପି ସୁବର୍ଣ୍ଣପୁରଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ବି ଓଡିଶା ଡ଼ି. ଜି ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନଥିବା କ୍ଷୋଭର ବିଷୟ। ଜିଆରପି ଥାନା ନଥିବା ଯୋଗୁଁ ରେଳ ଷ୍ଟେସନରେ ଆଜି ପର୍ଯ୍ୟନ୍ତ ଯାହା ସବୁ ଅପରାଧ ଘଟୁଛି ସେଥି ରେ କିଛି ଅପରାଧୀ ଧରାପଡି ରେଳ ଯୋଗେ ବଲାଙ୍ଗୀର ଚାଲାଣ କରାଯାଇ ବଲାଙ୍ଗୀର ଜି ଆର ପି ରେ ମୋକଦ୍ଦମା ପଞ୍ଜିକରଣ କରାଯାଇ ବଲାଙ୍ଗୀର କୋର୍ଟରେ ମାମଲାର ବିଚାର କରାଯାଉଛି। ଚିନ୍ତାର ବିଷୟ ଯେ ଆଜି ପର୍ଯ୍ୟନ୍ତ ସୋନପୁର ଭଳି ଏକ ଛୋଟ ନୂଆ ଷ୍ଟେସନରେ ୪୪ଟି ଅପରାଧିକ ଘଟଣାରେ ସଫଳତାର ସହିତ ଆସାମୀ ଧରା ପଡ଼ି ବଲାଙ୍ଗୀର କୋର୍ଟକୁ ଚାଲାଣ କରାଯାଇଛି ଏବଂ ନୂଆ ଷ୍ଟେସନ ଯୋଗୁଁ ରେଳ ଦପ୍ତର ଆରପିଏଫ ଥାନା ମଧ୍ୟ ଖୋଲି ନାହାନ୍ତି। ଏଥିସଂକ୍ରାନ୍ତରେ ଶ୍ରମିକ ନେତା ଶ୍ରୀ ଗୋବିନ୍ଦ ମହାରଣା ଡିଜି ପୋଲିସ, ଜିଏମ ପୂର୍ବତଟ ରେଳବାଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜିଆରପି ଏବଂ ଆର୍‌ପିଏଫ ଥାନା ସୋନପୁର ରେଳ ଷ୍ଟେସନରେ ଖୋଲା ନଯିବା ଦୁଃଖର ବିଷୟ। ତୁରନ୍ତ ଜିଆରପି, ଓଆରପିଏଫ ଥାନା ସୋନପୁର ରେଳ ଷ୍ଟେସନ ରେ ଖୋଲିବା ପାଇଁ ଶ୍ରୀ ଗୋବିନ୍ଦ ମହାରଣାଙ୍କ ସମେତ ବୁଦ୍ଧିଜୀବି ଦୃଢ଼ ଦାବୀ କରିଛନ୍ତି।

# ନୂଆପଡ଼ାରେ ଜିଲ୍ଲା ପରିଷଦ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡ଼ା, ୨୬/୨ (ନି.ପ୍ର): ନୂଆପଡା ଜିଲ୍ଲା ପରିଷଦ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଆଜି ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ଆରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟପ୍ରଗତି ସମୀକ୍ଷା କରି ଜିଲ୍ଲାପାଳ ଅଧିକ ସଂଖ୍ୟାରେ କାର୍ଯ୍ୟଦିବସ(ମେନ୍ ଡେଜ୍) ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁ ପରିବାର ଏପର୍ଯ୍ୟନ୍ତ ଏହି ଯୋଜନାରୁ ବଂଚିତ ଅଛନ୍ତି, ସେମାନଙ୍କୁ ନ୍ୟୁନତମ ୧୦୦ ଦିନର କାମଯୋଗାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମୀଣ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ସମସ୍ତ ପ୍ରକଳ୍ପ ଶୀଘ୍ର ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟ ଅର୍ଥ ଆୟୋଗ ଅଧୀନରେ ଆବଂଟିତ ଧନରାଶିକୁ ଆସନ୍ତା ୧୫ ମାର୍ଚ୍ଚ ସୁଦ୍ଧା ସଂପୂର୍ଣ୍ଣ ବ୍ୟୟ କରିବାକୁ ସେ କହିଥିଲେ। ପାଣ୍ଠି ଅବ୍ୟବହୃତ ରହିଲେ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ବୋଲି ସତର୍କ କରିଥିଲେ। ଆସନ୍ତା ଏପ୍ରିଲ୍ ମାସରୁ ପାଂଚଟି ବ୍ଲକରୁ ସର୍ବୋତ୍କୃଷ୍ଟ ପାଂଚଜଣ ସରପଂଚଙ୍କୁ ସମ୍ମାନିତ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ। ଏହି ଅବସରରେ ୨୦୨୫-୨୬ ଆର୍ଥିକବର୍ଷରେ ମନରେଗା ଅଧୀନରେ ଲକ୍ଷ୍ୟ ପୂରଣରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ସିନାପାଲି ଓ ବୋଡେନ ବ୍ଲକର ବିଡିଓମାନଙ୍କୁ ସମ୍ମାନିତ କରାଯାଇଥିଲା।

# କୋଇଡାରେ ଜେଏସଡବ୍ଲ୍ୟୁ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ପାଇଁ ଭୂମିପୂଜନ ସମାରୋହ

ବାର୍ବିଲ, ୨୬/୨ (ନି.ପ୍ର): ଓଡ଼ିଶାର ଖଣି କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବାରେ ପାଇଁ, ଜେଏସଡବ୍ଲୁ ଫାଉଣ୍ଡେସନ ମଙ୍ଗଳବାର ଦିନ କୋଇଡାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ପାଇଁ ଭୂମିପୂଜନ ସମାରୋହ ଆୟୋଜନ କରିଥିଲା। ଏହି ହସ୍ପିଟାଲ ହେଉଛି ଜେଏସଡବ୍ଲୁ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ସଜ୍ଜନ ଜିନ୍ଦଲ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ସଂଗୀତା ଜିନ୍ଦଲଙ୍କର ଏକ ସ୍ୱପ୍ନର ପ୍ରକଳ୍ପ, ଯାହା ସୁନ୍ଦରଗଡ଼ ଏବଂ କେଉଁଝର ଜିଲ୍ଲାର ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳରେ ବାସ କରୁଥିବା ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ପରିବର୍ତ୍ତନ କରିବା ପାଇଁ କଳ୍ପନା କରାଯାଇଥିଲା। ଏହି ଉତ୍ସବରେ ଓଡ଼ିଶା ଖଣି ବିଭାଗର ଜେଏସଡବ୍ଲୁ ଷ୍ଟିଲ୍ ର ବ୍ୟବସାୟ ମୁଖ୍ୟ ଶ୍ରୀ ପ୍ରସନ୍ନ ପଣ୍ଡା; ଜେଏସଡବ୍ଲୁ ଫାଉଣ୍ଡେସନର ପୂର୍ବ ଜୋନ୍ ମୁଖ୍ୟ ଶ୍ରୀ ପ୍ରସନ୍ନ ବିଶ୍ୱାଳ; ଓଡ଼ିଶା ଖଣି ବିଭାଗର ଜେଏସଡବ୍ଲୁ ଷ୍ଟିଲ୍ ର ଏଚଜ ମୁଖ୍ୟ ଶ୍ରୀ ଚିତ୍ତରଞ୍ଜନ ବାହାନୀପତି; ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କହିଥିଲେ, "ଏହି ହସ୍ପିଟାଲ କେବଳ ଏକ ଭିତ୍ତିଭୂମି ପ୍ରକଳ୍ପ ନୁହେଁ; ଏହା ଆମ ଚାରିପାଖରେ ଥିବା ସମ୍ପ୍ରଦାୟର ସ୍ୱାସ୍ଥ୍ୟ, ମର୍ଯ୍ୟାଦା ଏବଂ କଲ୍ୟାଣ ପ୍ରତି ଏକ ପ୍ରତିବଦ୍ଧତା। କୋଇଡା, ସୁନ୍ଦରଗଡ଼ ଏବଂ କେଉଁଝରର ଲୋକମାନେ ଦୀର୍ଘ ସମୟ ଧରି ଗୁଣାତ୍ମକ ଚିକିତ୍ସା ସେବା ପାଇବାକୁ ଯୋଗ୍ୟ, ଏବଂ ଆମେ ସେହି ଆବଶ୍ୟକତା ପୂରଣ କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ନେବାକୁ ଗର୍ବିତ। ଆମେ ବିଶ୍ୱାସ କରୁଛୁ ଯେ ଏହି ସୁବିଧା ପିଢ଼ି ପରେ ପିଢ଼ି ପାଇଁ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ।" ଏହି ଡାକ୍ତରଖାନା ୪.୫ ଏକର ଜମିରେ ବିସ୍ତାରିତ ଏବଂ ୧୦୦ ଶଯ୍ୟା ବିଶିଷ୍ଟ ସୁବିଧା ସହିତ ଆରମ୍ଭ ହେବ । ଏହି ଅଞ୍ଚଳର ଲୋକଙ୍କୁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲକ୍ଷ୍ୟରେ ଅନେକ ବିଭାଗ ରହିବ। ହସ୍ପିଟାଲ ଅସ୍ଥିଶଲ୍ୟ, ସ୍ତ୍ରୀ ରୋଗ, ଶିଶୁ ରୋଗ, ଚକ୍ଷୁ ରୋଗ, ଇଏନଟି, ସାଧାରଣ ଔଷଧ ଏବଂ ଇତ୍ୟାଦି ସମେତ ବିଶେଷ ସେବା ପ୍ରଦାନ କରିବ। ଏହା ସହିତ, ଏଥିରେ ଉନ୍ନତ ନିଦାନ ପରୀକ୍ଷାଗାର ମଧ୍ୟ ରହିବ, ଯାହା ରୋଗୀମାନଙ୍କୁ ଚିକିତ୍ସା ପରୀକ୍ଷା ପାଇଁ ଦୂର ଦୂରାନ୍ତର ଯାତ୍ରା କରିବାକୁ ପଡିବ ନାହିଁ। ଏହି ପ୍ରକଳ୍ପରେ ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀଙ୍କ ପାଇଁ ଆବାସିକ ଏବଂ ମନୋରଞ୍ଜନ ସୁବିଧା ମଧ୍ୟ ଅନ୍ତର୍ଭୁକ୍ତ ହେବ। ପ୍ରତ୍ୟେକ ସୁବିଧା ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବ। ନୂତନ ହସ୍ପିଟାଲ ସ୍ଥାନୀୟ ଭାବରେ ପୂର୍ବରୁ ଉପଲବ୍ଧ ନ ଥିବା ସେବା ଏବଂ ଭିତ୍ତିଭୂମି ପ୍ରଦାନ କରି ସେହି ବ୍ୟବଧାନକୁ ପୂରଣ କରିବ ବୋଲି ଆଶା କରାଯାଉଛି। ଏହି ଅଞ୍ଚଳରେ ଖଣି କାର୍ଯ୍ୟର ଉଚ୍ଚ-ବିପଦପୂର୍ଣ୍ଣ ପ୍ରକୃତିକୁ ଦୃଷ୍ଟିରେ ରଖି, ହସ୍ପିଟାଲଟି ଜରୁରୀକାଳୀନ ଏବଂ ଦୁର୍ଘଟଣା ମାମଲା ଗୁଡ଼ିକର ସମୟୋଚିତ ଏବଂ ବିଶେଷଜ୍ଞ ଚିକିତ୍ସା ସହିତ ପ୍ରତିକ୍ରିୟା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ଶ୍ରୀ ବିଶ୍ୱାଳ ଗୁରୁତ୍ୱାରୋପ କରିଥିଲେ, "ଦୂରବର୍ତ୍ତୀ ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚିବା ସର୍ବଦା ଏକ ଚ୍ୟାଲେଞ୍ଜ ହୋଇଆସିଛି। ଏହି ପ୍ରକଳ୍ପ ଆମ ସହିତ ସହାବସ୍ଥାନ କରୁଥିବା ସମ୍ପ୍ରଦାୟଗୁଡ଼ିକ ପ୍ରତି ଆମର ଗଭୀର ଦାୟିତ୍ୱକୁ ପ୍ରତିଫଳିତ କରେ। ସ୍ୱତନ୍ତ୍ର ଚିକିତ୍ସା ସେବା, ରୋଗ ନିର୍ଣ୍ଣୟ ସୁବିଧା ଏବଂ ଏକ ନର୍ସିଂ ତାଲିମ ପ୍ରତିଷ୍ଠାନ ସହିତ, ଏହି ହସ୍ପିଟାଲ କେବଳ ଲୋକଙ୍କ ଚିକିତ୍ସା କରିବ ନାହିଁ ବରଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ଥାନୀୟ ଯୁବକମାନଙ୍କୁ ସୁଯୋଗ ପ୍ରଦାନ କରିବ।" କୋଇଡା ମଲ୍ଟି-ସ୍ପେଶାଲିଟି ହସ୍ପିଟାଲର ପ୍ରତିଷ୍ଠା ସମ୍ପ୍ରଦାୟ କଲ୍ୟାଣରେ ଉନ୍ନତି ଆଣିବା ଏବଂ ଓଡ଼ିଶାର ଗ୍ରାମୀଣ ଏବଂ ଖଣି ପ୍ରଭାବିତ ଅଞ୍ଚଳ ପାଇଁ ଏକ ସୁସ୍ଥ ଭବିଷ୍ୟତ ସକ୍ଷମ କରିବା ପାଇଁ ଜେଏସଡବ୍ଲୁର ଦୀର୍ଘକାଳୀନ ପ୍ରତିବଦ୍ଧତାର ଏକ ଦୃଢ଼ ପ୍ରମାଣ।

# ମଦ ଛାଡ଼ିଲେ ରୋଗ କମେ



ସିନେମା ହଲ୍‌ଠାରୁ ଆରମ୍ଭ କରି ମଦବୋତଲରେ ମଧ୍ୟ ଆମେ 'ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ବୋଲି ଏକ ସତର୍କତାମୂଳକ ବାର୍ତ୍ତା ପଢ଼ିଥାଉ। ତଥାପି ମଦ ଅନ୍ୟତମ ସର୍ବାଧିକ ବ୍ୟବହୃତ ପାନୀୟର ମାନ୍ୟତା ବହନ କରୁଛି। ମଦ୍ୟପାନ ଆମ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେବା ସହ ହୃଦ୍‌ଘାତ ଓ କର୍କଟ ପରି ସଂଖ୍ୟାଧିକ ରୋଗର କାରଣ ସାଜିଥାଏ। ତେବେ ଜଣେ ମଦ୍ୟପକୁ ସେଥିରୁ ହଠାତ୍ ବିରତ କରାଇବା ଦ୍ୱାରା ବେଳେବେଳେ ତାକୁ ନିଷ୍ଫଳ ହେଲା ପରି ଅନୁଭବ ଆଣିବା ସହ ଏପରିକି ମୃତ୍ୟୁମୁଖରେ ମଧ୍ୟ ପକାଇଥାଏ। ତେଣୁ ମଦ୍ୟପାନ ତ୍ୟାଗ କରିବା ସହଜ ନୁହେଁ। ତଥାପି ମଦ ଛାଡୁଥିବା ବ୍ୟକ୍ତି ତାହାର ମାସକ ପରେ ଅନେକ ସ୍ୱାସ୍ଥ୍ୟାନୁକୂଳ ଅବସ୍ଥା ଲାଭ କରିଥାଏ। ତେଣୁ ଆଜି ମଦ୍ୟପାନ ତ୍ୟାଗ କରିବାର କିଛି ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଉପକାର ବାବଦରେ ଜାଣିବା।

ମଦ୍ୟପାନ ଯକୃତ ରୋଗର ଏକ ମୁଖ୍ୟ କାରଣ। ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାତ୍ର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଯାଇଥାଏ। ମଦ୍ୟପାନ ଦ୍ୱାରା ନିଦ୍ରାରେ ବିଶୃଙ୍ଖଳା ଦେଖାଦେଇ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ପରି ରୋଗର ଶିକାର ହେବାକୁ ପଡ଼ିଥାଏ। ତେଣୁ ମଦ ତ୍ୟାଗ କରିବା ଭଲ ନିଦ ଆସିବାରେ ସାହାଯ୍ୟ କରିଥାଏ, ଯାହା ସମଗ୍ର ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେହିପରି ମଦରେ ଉଚ୍ଚମାନର କ୍ୟାଲୋରି ରହିଥିବାରୁ ତାହା ଓଜନ ବଢ଼ାଇଥାଏ। ସୁତରାଂ ମଦ୍ୟପାନରୁ ବିରତ ରହିଲେ ଜଣେ ଅନାବଶ୍ୟକ ଓଜନ ହରାଇ ଶାରୀରିକ ସୁସ୍ଥତା ବଜାୟ ରଖିପାରିବ। ମଦ୍ୟପାନ ସହିତ ହୃଦ୍‌ରୋଗ ଓ କର୍କଟ ପରି ରୋଗର ସମ୍ପର୍କ ରହିଛି। ତେଣୁ ମଦ ଛାଡ଼ିଲେ ସେସବୁ ରୋଗ ଆଶଙ୍କା ଉଲ୍ଲେଖନୀୟ ଭାବେ କମିଥାଏ। ସେହିପରି ମଦ୍ୟପାନ ଦ୍ୱାରା ଯକୃତର ଜୀବକୋଷଗୁଡ଼ିକ ପ୍ରଭାବିତ ହୋଇ ଯକୃତ ଜନିତ ରୋଗର କାରଣ ସାଜିଥାଏ। ତେଣୁ ମଦ୍ୟପାନକୁ ଦୂରେଇଦେଲେ ନଷ୍ଟ ହୋଇଯାଇଥିବା ଯକୃତର ମରାମତି ହୋଇପାରିବା ସହ ତାହାର କ୍ରିୟାରେ ମଧ୍ୟ ଉନ୍ନତି ଆସିଥାଏ।



ଏପରିକି ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଥାଏ ବୋଲି ଜଣାଯାଇଛି। ମଦ ଛାଡ଼ିବା ମସ୍ତିଷ୍କ କ୍ରିୟାକୁ ଉନ୍ନତ କରି ଜଣକର ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ମାତ୍ରାଧିକ ମଦ ପିଇବା ଦ୍ୱାରା ଶରୀରର ବିଭିନ୍ନ ତନ୍ତୁ ଗଠନ କରୁଥିବା କୋଲାଜେନ୍ ଓ ଇଲାଷ୍ଟିନ୍ ପରି ପୁଷ୍ଟିସାର ନଷ୍ଟ ହୋଇ ଅକାଳ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେଣୁ ସେଥିରୁ ବିରତ ରହିଲେ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧିମେଇଯିବା ସହ ଚର୍ମର କୋମଳତା ମଧ୍ୟ ଫେରିଆସିପାରିବ। ମଦକୁ ପରିହାର କରିବା ଦ୍ୱାରା ଶରୀରରେ ଗଚ୍ଛିତ ଅତ୍ୟଧିକ ଚର୍ବି ତରଳିଯାଇ ଫୁଲିଥିବା ଯକୃତ ସଂକୁଚିତ ହୋଇଆସେ ଏବଂ ପାକସ୍ଥଳୀର ହଜମକ୍ରିୟା ମଧ୍ୟ ଉନ୍ନତ ହୋଇଥାଏ। ସର୍ବୋପରି ଏହା ଚର୍ମକୁ ସୁସ୍ଥ ରଖି ଜଣକୁ ଯୁବସୁଲଭ ଓ ସକ୍ରିୟ ରଖିଥାଏ।

# ଶରୀରରୁ କମିଯାଉଛି ଏହି ସବୁ ଉପାଦାନ: ଜାଣନ୍ତୁ କିପରି କରିବେ ଭରଣ

**ସମ୍ପ୍ରତି ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଭାରତରେ ରହୁଥିବା ଲୋକଙ୍କ ଶରୀରରେ ଲୌହ ବା ଆଇରନ, କ୍ୟାଲସିୟମ ଏବଂ ଫୋଲେଟର ଅଭାବ ଦେଖାଯାଉଛି। ଏହି ଅଧ୍ୟୟନର ଫଳାଫଳ ଦି ଲାନସେଟରେ ପ୍ରକାଶ ପାଇଥିଲା। ଏହି ତିନି ଉପାଦନ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ଏସବୁର ଅଭାବକୁ ରୋକିବା ପାଇଁ କେଉଁ କେଉଁ ଖାଦ୍ୟ ଗ୍ରହଣ କରିବେ, ଜାଣନ୍ତୁ...**

ଲୌହ ଅଭାବକୁ କିପରି ରୋକିବେ:
ଲୌହ ଅଭାବକୁ ଦୂର କରିବା ପାଇଁ, ଖାଦ୍ୟରେ ଲୌହଯୁକ୍ତ ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ। ଏଥିପାଇଁ ବିନ୍ସ, ଡାଲି, ଛୋଲେ, ସାଇଟ୍ରସ୍ ଫଳ, ପାଳଙ୍ଗ ଭଳି ଖାଦ୍ୟ ଗ୍ରହଣ କରନ୍ତୁ। ଏହା ବ୍ୟତୀତ ଲୌହ ଅଭାବକୁ ଦୂର କରିବା ପାଇଁ କଖାରୁ ମଞ୍ଜି ଏବଂ କାଜୁ ବାଦାମ ଖାଇବାକୁ ମଧ୍ୟ ପରାମର୍ଶ ଦିଆଯାଏ। ଯଦି ଶାକାହାରୀ ନୁହଁନ୍ତି, ତେବେ ରେଡ୍ ମିଟ୍, ସାମୁଦ୍ରିକ ଖାଦ୍ୟ ଏବଂ ମାଂସ ଖାଇପାରିବେ। କିନ୍ତୁ ରେଡ୍ ମିଟ୍ ଖାଇବାକୁ ଚାହୁଁଥିଲେ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍।
କ୍ୟାଲସିୟମ ଅଭାବ ଅସ୍ଥି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। କ୍ୟାଲସିୟମ ଅଭାବରୁ ମୁକ୍ତି ପାଇବା ପାଇଁ ଦୁଗ୍ଧ, ଛେନା, ଦହି, ଘିଅ ଆଦି ଖାଇବା ଆବଶ୍ୟକ। ଏହା ବ୍ୟତୀତ ଟୋଫୁ (ସୋୟା ପନିର)ରେ ଉତ୍ତମ ପରିମାଣର କ୍ୟାଲସିୟମ୍ ମଧ୍ୟ ମିଳିଥାଏ। କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ



ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ବାଦାମ ଖାଇବାକୁ ପରାମର୍ଶ ଦିଅନ୍ତି।

ଫୋଲେଟ୍ ଅଭାବକୁ କିପରି ଦୂର କରିବେ:
ଶରୀରରେ ଫୋଲେଟର ଅଭାବ କାରଣରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଉପୁଜିପାରେ। ଯଦି ଫୋଲେଟ୍ ଅଭାବରୁ ମୁକ୍ତି ପାଇବାକୁ ଚାହାଁନ୍ତି, ତେବେ ଡାଏଟରେ ପାଳଙ୍ଗ, ବ୍ରୋକୋଲି ଏବଂ ଭଲକୋବି ଖାଇବା ଉଚିତ୍। କମଳା, ଲେମ୍ବୁ, ଅଙ୍ଗୁର ଏବଂ ଆଭୋକାଡୋରେ ମଧ୍ୟ ଉତ୍ତମ ପରିମାଣର ଫୋଲେଟ୍ ମିଳିଥାଏ।

# ଗାଜର ଜୁସ୍ ପିଇଲେ ମିଳେ ଏହି ସବୁ ଫାଇଦା

ଶୀତରତୁରେ ଅନେକ ପନିପରିବା ମିଳେ। ଏସବୁ ପନିପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସେଥିମଧ୍ୟରୁ ଗାଜର ଅନ୍ୟତମ। ଗାଜରରୁ ଭିଟାମିନ୍ ଏ, ଫାଇବର, ଭିଟାମିନ୍ କେ୧, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏହାକୁ ଖାଇବା ଦ୍ୱାରା ଅନେକ ସୁଫଳ ମିଳିଥାଏ। ଖଣ୍ଡ ଗାଜର ଖାଇବା ଅପେକ୍ଷା ଏହାକୁ ଜୁସ୍ କରି ପିଇବା ଅତ୍ୟନ୍ତ ଲାଭଦାୟକ। ଗାଜର ଜୁସ୍ ପିଇବା ଦ୍ୱାରା କି କି ଉପକାରିତା ମିଳେ, ଜାଣନ୍ତୁ କଣ ଫାଇଦା ମିଳିଥାଏ। ପ୍ରତିରକ୍ଷା ପ୍ରଣାଳୀ ବା ଇମ୍ୟୁନିଟି ବୁଷ୍ଟ କରିବାକୁ ଚାହୁଁଥିଲେ ଗାଜର ଜୁସ୍ ଅତ୍ୟନ୍ତ ପ୍ରଭାବଶାଳୀ। ଶୀତଦିନେ ଦୁର୍ବଳ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବାରେ ଗାଜର ସର୍ବୋତ୍ତମ ହୋଇପାରେ। ନିୟମିତ ଗାଜର ଜୁସ୍ ପିଇବା ଦ୍ୱାରା ଇମ୍ୟୁନିଟି ବୁଷ୍ଟ ହୋଇଥାଏ, ଫଳରେ ସଂକ୍ରମଣ ଏବଂ ଋତୁକାଳୀନ ରୋଗ ଆଶଙ୍କା ଦୂର ହୁଏ। ଏହା ବ୍ୟତୀତ ଗାଜର ଜୁସ୍ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦୟ ସ୍ୱାସ୍ଥ୍ୟକୁ ମଜବୁତ କରିବାରେ ମଧ୍ୟ ପ୍ରଭାବଶାଳୀ ହୋଇପାରେ। ଗାଜରରେ ଫାଇବର ଥିବାରୁ ଏହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ବେଶ୍ ପ୍ରଭାବଶାଳୀ। କୋଷ୍ଠକାଠିନ୍ୟ ପରି ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଗାଜର ଜୁସ୍ ପିଇପାରିବେ। ଗାଜର ଜୁସ୍ ପିଇବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ନୁହେଁ ବରଂ ତ୍ୱଚା ପାଇଁ ମଧ୍ୟ ଖୁବ୍ ଲାଭଦାୟକ ବୋଲି ବିବେଚନା କରାଯାଏ। ପ୍ରତିଦିନ ଗାଜର ଜୁସ୍ ପିଇଲେ କମ୍ ବୟସରୁ ଚର୍ମ କୁଞ୍ଚନ ହୋଇନଥାଏ। ତ୍ୱଚାରେ ଚମକ ରହିଥାଏ। ଏହା ବ୍ୟତୀତ ଗାଜର ଜୁସ୍ ଆଖି ସ୍ୱାସ୍ଥ୍ୟ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇପାରେ।



# ଯେତେ ଔଷଧ ଦେଲେ ବି ପିଲାର ଥଣ୍ଡା ଭଲ ହେଉନି କି... କରନ୍ତୁ ଏହି ଘରୋଇ ଚିକିତ୍ସା

ସାଧାରଣତଃ ଛୋଟ ପିଲାମାନଙ୍କୁ ଖାଇବାକୁ ଦେବା ସହଜ ନୁହେଁ। ଯେକୌଣସି ଜିନିଷ ହେଉ ପଛେ ସେମାନଙ୍କୁ ଖୁଆଇବା କଷ୍ଟକର। ପିଲାମାନେ ଏତେ ଶୀଘ୍ର କିଛି ଖାଇବାକୁ ପ୍ରସ୍ତୁତ ନୁହଁନ୍ତି। ଏହାସହିତ ବର୍ତ୍ତମାନର ପାଗ ମଧ୍ୟ ଏପରି ଯେ ପିଲାମାନେ ଶୀଘ୍ର ଅସୁସ୍ଥ ହୋଇପାରନ୍ତି। ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଅତି ସାଧାରଣ କଥା। ଥରେ ପିଲାମାନଙ୍କୁ କାଶ ହେଲେ ଏହା ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ। ମୁଣ୍ଡରେ କିଛି ପଶେନି, ବୁଝାପଡେନି କେଉଁ ଔଷଧ ଦେଲେ ଶିଘ୍ର ଆରାମ ମିଳିବ। ଏଭଳି ପରିସ୍ଥିତିରେ ଅଧିକ ଔଷଧ ଏବଂ କଫ ସିରପ ଦେବା ପରିବର୍ତ୍ତେ, ଆପଣ ଘରୋଇ ଉପଚାର ସହିତ ପିଲାମାନଙ୍କର କାଶ ଏବଂ ଥଣ୍ଡାକୁ ଭଲ କରିପାରିବେ। ଘରୋଇ ଚିକିତ୍ସାରେ ଆପଣ ଜାଇଫଳକୁ ନେଇପାରିବେ। ଏଥିରେ ଏକ ମସଲା ଅଛି, ଯାହା ସେମାନଙ୍କର କାଶକୁ ଭଲ କରିପାରେ।



ଜାଇଫଳର ଉପକାର: ଜାଇଫଳ ଖାଲି ଖାଦ୍ୟର ସ୍ୱାଦ ବଢାଇ ନ ଥାଏ, ଏହା ଶରୀର ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହାକୁ ଔଷଧ ତିଆରି ପାଇଁ ମଧ୍ୟ ବହୁଳ ଭାବରେ ବ୍ୟବହୃତ ହୁଏ। ଆପଣ ଜାଣନ୍ତି କି ଜାଇଫଳ ମଧ୍ୟ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ତେବେ ପିଲାକୁ ଯଦି କାଶ ହେଉଥାଏ ଏକ ଚାମଚ ଜାଇଫଳ ଖାଇବାକୁ ଦିଅନ୍ତୁ। ଏହାପରେ ସେମାନେ ଯଥା ଶିଘ୍ର କାଶ ଏବଂ ଥଣ୍ଡାରୁ ମୁକ୍ତି ପାଇଯିବେ। ଏହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢାଇଥାଏ। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୁଏ, ସେତେବେଳେ ଅନେକ ରୋଗ ଏବଂ ସଂକ୍ରମଣର ଆଶଙ୍କା ବଢିଯାଏ। ଏଭଳି ପରିସ୍ଥିତିରେ, ପିଲାମାନଙ୍କୁ ଏକ ଚାମଚ ଜାଇଫଳକୁ ଚଟେଇଦେଲେ ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରେ। ଏହି ମସଲାରେ ହଜମକାରୀ ଏନ୍‌ଜାଇମ୍ ଥାଏ, ଯାହା ଶିଶୁର ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ। ପିଲାମାନେ ଅନେକ ସମୟରେ ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରେ ପୀଡିତ ହୋଇଥାନ୍ତି। ଏକ ଚାମଚ ଜାଇଫଳ ପାଉଡରକୁ ମହୁରେ ମିଶାଇ ଏହାକୁ ଚାଟିବା ଦ୍ୱାରା ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ବର୍ଷା ଏବଂ ଶୀତ ଋତୁରେ ମଧ୍ୟ ଆପଣ ପିଲାମାନଙ୍କୁ ଜାଇଫଳ ଦେଇପାରିବେ। ଯଦି ଏହି ଋତୁରେ ଥଣ୍ଡା ଏବଂ କାଶ ଅଛି, ତେବେ କିଛି ସୋରିଷ ତେଲରେ ଜାଇଫଳ ପାଉଡର ମିଶାନ୍ତୁ। ଏହାକୁ ସାମାନ୍ୟ ଗରମ କରନ୍ତୁ ଏବଂ ପିଲାମାନଙ୍କର ଛାତିରେ ମାଲିସ୍ କରନ୍ତୁ। ଥଣ୍ଡା ଏବଂ କାଶରୁ ଆରାମ ମିଳିବ। ଜାଇଫଳ ତେଲରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଶିଶୁର ଦାନ୍ତ ଉଠିବାରେ ବିଳମ୍ବ ହୁଏ ଜାଇଫଳ ଏବଂ ମିଶ୍ରୀକୁ ଗ୍ରାଇଣ୍ଡ କରି ଏକ ପାଉଡର ତିଆରି କରନ୍ତୁ। ଏହାକୁ କ୍ଷୀର କିମ୍ବା ପାଣିରେ ମିଶାଇ ପିଲାକୁ ଦିଅନ୍ତୁ। ଏହି କାରଣରୁ, ଦାନ୍ତ ଶୀଘ୍ର ଉଠିପାରେ। ଜାଇଫଳ ତେଲ ଦାନ୍ତ ଉଠିବା ସମୟର ଯନ୍ତ୍ରଣାକୁ ମଧ୍ୟ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣ ଏହି ତେଲକୁ ଶିଶୁର ଚର୍ମରେ ମଧ୍ୟ ଲଗାଇ ପାରିବେ, ଏହା ଚର୍ମକୁ କୋମଳ ଏବଂ ଚିକ୍କଣ କରିପାରେ। ଜାଇଫଳରେ ଥିବା ଔଷଧୀୟ ଗୁଣ ମେଟାବୋଲିଜିମ୍‌କୁ ବଢାଇଥାଏ। ଏହାକୁ ଗ୍ରାଇଣ୍ଡ୍ କରି କ୍ଷୀରରେ ମିଶାଇ ପିଲାକୁ ଖାଇବାକୁ ଦିଅନ୍ତୁ, ହଜମ ଭଲ ହେବ। ଯେଉଁ ପିଲାମାନେ ଠିକ୍‌ରେ ଖାଦ୍ୟ ନ ଖାଉଥିବେ ସେମାନଙ୍କୁ ମଧ୍ୟ କ୍ଷୀରରେ ମିଶାଇ ଖାଇବାକୁ ଦେଇପାରିବେ। ଏହା ସେମାନଙ୍କର ଭୋକକୁ ବଢାଇଥାଏ।

# କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ ?




ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ।
ସୁସ୍ୱାସ୍ଥ୍ୟ ବଜାୟ ରହିବା ପାଇଁ ଭିଟାମିନ୍, ପ୍ରୋଟିନ ଓ ମିନେରାଲ୍ସ ନିହାତି ଆବଶ୍ୟକ। ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ। କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ, ଜାଣନ୍ତୁ...
ଗାଢ ଚର୍ମ ଥିବା ବ୍ୟକ୍ତି - ଯେଉଁମାନଙ୍କର ଚର୍ମ ରଙ୍ଗ ଗାଢ଼, ସେମାନଙ୍କ ଶରୀରରେ ଭିଟାମିନ୍-ଡିର ଅଭାବ ଦେଖାଯାଏ। ଏହାର କାରଣ ହେଉଛି ସେମାନଙ୍କ ଚର୍ମର ପ୍ରଥମ ସ୍ତରରେ ମେଲାନିନ ଥାଏ, ଯେଉଁଥିପାଇଁ ସେମାନେ ଅଧିକ ଭିଟାମିନ-ଡି ଆବଶ୍ୟକ କରନ୍ତି।
ନନଭେଜ୍ ଖାଉଥିବା ବ୍ୟକ୍ତି - ଯେଉଁମାନେ ଅଧିକ ନନଭେଜ୍ ଖାଆନ୍ତି, ସେମାନଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦିଏ। ଶରୀରକୁ ନନଭେଜରୁ ପ୍ରଚୁର ପ୍ରୋଟିନ୍ ମିଳିଥାଏ କିନ୍ତୁ ଭିଟାମିନ-ଡିର ଅଭାବ ରହିଯାଏ। ଭିଟାମିନ-ଡି ପାଇଁ ଯଥାସମ୍ଭବ ପନିପରିବା, ଫଳ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ ଖାଇବା ଉଚିତ୍।
ଡେସ୍କରେ ବସି କାମ କରୁଥିବା ଲୋକ - ଆଜିକାଲି, ବନ୍ଦ ଏସି ଅଫିସରେ ୯ ଘଣ୍ଟା କାମ କରୁଥିବା ଲୋକଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦେଉଛି। ଯେଉଁମାନେ ସକାଳ ଶିଫ୍ଟରେ କାମ କରନ୍ତି ଏବଂ ଯେଉଁମାନେ ବିଳମ୍ବିତ ରାତିରେ କିମ୍ବା ସନ୍ଧ୍ୟା ଶିଫ୍ଟରେ କାମ କରି ସକାଳେ ଶୀଘ୍ର ଉଠିପାରନ୍ତି ନାହିଁ, ସେମାନେ ମଧ୍ୟ ସକାଳର ସୂର୍ଯ୍ୟ କିରଣ ପାଇପାରନ୍ତି ନାହିଁ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ-ଡି ହ୍ରାସ ପାଇବା ଆରମ୍ଭ କରେ।
୫୦ ବର୍ଷରୁ ଅଧିକ ଲୋକ - ବୟସ ବଢିଲେ ଅନେକ ପ୍ରକାର ରୋଗ ମାଡ଼ିବସେ। ବୟସ ବଢିବା ସହିତ ଶରୀରରେ ଭିଟାମିନ୍, ପ୍ରୋଟିନ୍ ଏବଂ କ୍ୟାଲସିୟମ୍ କମିବା ଆରମ୍ଭ କରେ। ୫୦ ବର୍ଷରୁ ଉର୍ଦ୍ଧ୍ୱ ଲୋକେ ଏଥିରେ ଶିକାର ହୁଅନ୍ତି।




# ସକାଳୁ ଫୋନ୍ ଛୁଇଁବା ମନା



ସକାଳୁ ଶଯ୍ୟା ଛାଡ଼ିବା ମାତ୍ରେ ପ୍ରଥମେ ଫୋନ୍ ଖେଳାଇବାଟା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଛି। ପୁଣି କେହି କେହି ସକାଳୁ ଉଠିବା ଲାଗି ଆଲାର୍ମ ଖଞ୍ଜିଥିବାରୁ ଏଭଳି ଅଭ୍ୟାସ ସୃଷ୍ଟି ହୋଇଛି। ଆଲାର୍ମକୁ ବନ୍ଦ କରିବା ସହ ଆମେ ଫୋନ୍ ଖୋଲି ସାମାଜିକ ଗଣମାଧ୍ୟମର ଘଟଣାବଳି ଜାଣିବା ଆଶାରେ ଫୋନ୍‌ରେ ମନୋନିବେଶ କରୁ। ମାତ୍ର ସକାଳେ ଫୋନ୍ ବ୍ୟବହାର କରିବାର କୁପରିଣତି ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହା ମାନସିକ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରିବା ସହ ଚାପ, ଉଦ୍‌ବେଗ ଓ ଅବସାଦ ଆଦିର କାରଣ ସାଜି ଥାଏ।ଏହା ମଧ୍ୟ ଦୈନିକ ନିଦ୍ରାଚକ୍ରକୁ ପ୍ରଭାବିତ କରିଥାଏ। ଫୋନ୍ ପରଦାରୁ ନିର୍ଗତ ନୀଳ ଆଲୋକରଶ୍ମି ନିଦ୍ରାସୃଷ୍ଟିକାରୀ 'ମେଲା ଟୋନିନ୍' ହରମୋନ୍ କ୍ଷରଣରେ ବାଧା ଉପୁଜାଇଥାଏ। ଫଳରେ ନିଦ ଆସିବାରେ ଅସୁବିଧା ହୋଇଥାଏ ଏବଂ ବେଳେ ବେଳେ ନିଦ୍ରାହୀନ ରାତି କାଟିବାକୁ ପଡ଼ିଥାଏ, ଯାହା ପରୋକ୍ଷରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ।

# ୪୮ ଘଣ୍ଟାର ସ୍ୱାଧୀନତା: ଯାତ୍ରୀଙ୍କ ପାଇଁ କେତେ ଲାଭଦାୟକ ?

ଭାରତୀୟ ବିମାନ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ନିକଟରେ ଟିକେଟ୍ ବୁକିଂ ଏବଂ ବାତିଲ ସମ୍ବନ୍ଧୀୟ ନିୟମାବଳୀରେ କିଛି ପରିବର୍ତ୍ତନ ଆଣିଛନ୍ତି । ଏହି ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବର୍ତ୍ତମାନ ବିମାନ ଟିକେଟ୍ ବୁକିଂ କରିବାର ୪୮ ଘଣ୍ଟା ମଧ୍ୟରେ ଯଦି କୌଣସି ଯାତ୍ରୀ ଟିକେଟ୍ ବାତିଲ କରନ୍ତି କିମ୍ବା ଯାତ୍ରା ତାରିଖରେ ପରିବର୍ତ୍ତନ କରନ୍ତି, ତେବେ ସେମାନଙ୍କୁ କୌଣସି ଅତିରିକ୍ତ ଶୁଳ୍କ ବା 'କ୍ୟାନସଲେସନ୍ ଚାର୍ଜ' ଦେବାକୁ ପଡ଼ିବ ନାହିଁ । ଏହି ନିଷ୍ପତ୍ତି ଭାରତୀୟ ବିମାନ ଯାତ୍ରୀଙ୍କ ଅଧିକାର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଦୀର୍ଘ ଦିନ ଧରି ବିମାନ କମ୍ପାନୀଗୁଡ଼ିକର ମନମୁଖୀ କାରବାର ଏବଂ ଟିକେଟ୍ ବାତିଲ ନାମରେ ଅତ୍ୟଧିକ ଅର୍ଥ ଆଦାୟ ବିରୋଧରେ ଯାତ୍ରୀମାନଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ରହିଥିଲା, ତାହାକୁ ପ୍ରଶମିତ କରିବା ପାଇଁ ଏହି ନିୟମ ଏକ ସଞ୍ଜୀବନୀ ସଦୃଶ କାର୍ଯ୍ୟ କରିବ । ବିମାନ ଯାତ୍ରା ବର୍ତ୍ତମାନ କେବଳ ଏକ ବିଳାସ ହୋଇ ରହିନାହିଁ, ବରଂ ଏହା ସମୟ ବଞ୍ଚାଇବା ପାଇଁ ଏକ ଆବଶ୍ୟକତା ପାଲଟିଛି, ତେଣୁ ଏହି କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ନିହାତି ଜରୁରୀ ହୋଇପଡ଼ିଥିଲା ।

ଏହି ନୂତନ ନିୟମର ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏଥିରେ ଯାତ୍ରୀଙ୍କ ସୁବିଧାକୁ ପ୍ରାଥମିକତା ଦିଆଯାଇଛି, କିନ୍ତୁ ଏହାର କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ମଧ୍ୟ ରହିଛି ଯାହା ବିଷୟରେ ସ୍ପଷ୍ଟ ଧାରଣା ରହିବା ଆବଶ୍ୟକ । ଡିଜିସିଏର ସଂଶୋଧିତ 'ସିଭିଲ୍ ଏଭିଏସନ୍ ରିକ୍ୱାୟରମେଣ୍ଟ' (ସିଏଆର) ଅନୁଯାୟୀ, ଏହି ୪୮ ଘଣ୍ଟାର 'ଲୁକ୍-ଇନ୍' ଅବଧିର ସୁବିଧା କେବଳ ସେହି କ୍ଷେତ୍ରରେ ମିଳିବ ଯେଉଁଠାରେ ଯାତ୍ରା ତାରିଖ ବୁକିଂ ତାରିଖଠାରୁ ଯଥେଷ୍ଟ ବ୍ୟବଧାନରେ ଥିବ । ଘରୋଇ ବିମାନ ପାଇଁ ଯାତ୍ରା ତାରିଖ ଅନ୍ତତଃ ୭ ଦିନ ପରେ ଏବଂ ଆନ୍ତର୍ଜାତିକ ବିମାନ ପାଇଁ ୧୫ ଦିନ ପରେ ହୋଇଥିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଯଦି ଜଣେ ଯାତ୍ରୀ ଆଜି ଏକ ଟିକେଟ୍ ବୁକ୍ କରନ୍ତି ଏବଂ ତାଙ୍କର ଯାତ୍ରା ଆସନ୍ତା କାଲି କିମ୍ବା ୫ ଦିନ ପରେ ଅଛି, ତେବେ ସେ ଏହି ମାଗଣା ବାତିଲ ସୁବିଧା ପାଇପାରିବେ ନାହିଁ । ଏହି ସର୍ତ୍ତ ରହିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେପରି ଶେଷ ମୁହୂର୍ତ୍ତରେ ଟିକେଟ୍ ବାତିଲ ଯୋଗୁଁ ବିମାନ କମ୍ପାନୀଗୁଡ଼ିକର ଆସନ ଖାଲି ନ ରୁହେ । ଏହାବ୍ୟତୀତ, ଏହି ନିୟମ କେବଳ ସେହି ଟିକେଟ୍ ଗୁଡ଼ିକ ପାଇଁ ଲାଗୁ ହେବ ଯାହା ସିଧାସଳଖ ବିମାନ କମ୍ପାନୀର ୱେବସାଇଟ୍ କିମ୍ବା ଆପ୍ ମାଧ୍ୟମରେ ବୁକ୍ କରାଯାଇଥିବ । ଏହାର ଅର୍ଥ ହେଲା, ଯଦି କେହି ଟ୍ରାଭେଲ୍ ଏଜେଣ୍ଟ କିମ୍ବା ଅନ୍ୟ କୌଣସି ଅନ୍‌ଲାଇନ୍ ପୋର୍ଟାଲ୍ ଜରିଆରେ ଟିକେଟ୍ କାଟନ୍ତି, ତେବେ ଏହି ନିୟମର ସମ୍ପୂର୍ଣ୍ଣ ଲାଭ ମିଳିବା ନେଇ କିଛିଟା ଅସ୍ପଷ୍ଟତା ରହିପାରେ, ଯଦିଓ ଡିଜିସିଏ ଏଜେଣ୍ଟମାନଙ୍କ ପାଇଁ ରିଫଣ୍ଡ ସମୟସୀମାକୁ ୧୪ ଦିନ ମଧ୍ୟରେ ସୀମିତ କରିଛି ।

ଏହି ପଦକ୍ଷେପର ଆବଶ୍ୟକତା କାହିଁକି ପଡ଼ିଲା, ତାହା ବୁଝିବା ପାଇଁ ଆମକୁ ଭାରତୀୟ ବିମାନ ବଜାରର ପରିସଂଖ୍ୟାନ ଉପରେ ନଜର ପକାଇବାକୁ ହେବ । ୨୦୨୫ ମସିହାରେ ଘରୋଇ ବିମାନ ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୧୬.୬୯ କୋଟିରେ ପହଞ୍ଚିଥିଲା, ଯାହା ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ବିମାନ ବଜାରରେ ପରିଣତ କରିଛି । କିନ୍ତୁ ଏହି ଅଭିବୃଦ୍ଧି ସହିତ ଯାତ୍ରୀଙ୍କ ଅଭିଯୋଗ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଡିଜିସିଏର ତଥ୍ୟ ଅନୁଯାୟୀ, ଡିସେମ୍ବର ୨୦୨୫ରେ ବିମାନ କମ୍ପାନୀଗୁଡ଼ିକ ବିରୋଧରେ ଆସିଥିବା ମୋଟ ଅଭିଯୋଗ ମଧ୍ୟରୁ ପ୍ରାୟ ୭.୫% କେବଳ ଟିକେଟ୍ ରିଫଣ୍ଡ ସମ୍ବନ୍ଧୀୟ ଥିଲା । ଅନେକ ସମୟରେ ଦେଖାଯାଏ ଯେ, ଟିକେଟ୍ ବୁକ୍ କରିବାର କିଛି ମିନିଟ୍ ମଧ୍ୟରେ ଯଦି କୌଣସି ଯାତ୍ରୀ ନିଜର ଭୁଲ୍ ସୁଧାରିବାକୁ ଚାହାଁନ୍ତି କିମ୍ବା ଯାତ୍ରା ବାତିଲ କରନ୍ତି, ତେବେ ବିମାନ କମ୍ପାନୀଗୁଡ଼ିକ ୩,୦୦୦ରୁ ୪,୦୦୦ ଟଙ୍କା ପର୍ଯ୍ୟନ୍ତ 'କ୍ୟାନସଲେସନ୍ ଫି' ଆଦାୟ କରନ୍ତି । ବେଳେବେଳେ ଏହି ଫି ମୂଳ ଟିକେଟ୍ ଦାମ୍ ଠାରୁ ମଧ୍ୟ ଅଧିକ ହୋଇଥାଏ, ଫଳରେ ଯାତ୍ରୀଙ୍କୁ ଫେରସ୍ତ ଆକାରରେ କିଛି ମିଳେ ନାହିଁ । ଏହା ଏକ ପ୍ରକାର ଶୋଷଣ ଥିଲା, ଯାହା ଉପରେ ରୋକ୍ ଲଗାଇବା ଜରୁରୀ ହୋଇପଡ଼ିଥିଲା । ବିଶେଷକରି ମଧ୍ୟବିତ୍ତ ପରିବାର, ଯେଉଁମାନେ ବହୁ କଷ୍ଟରେ ଟଙ୍କା ସଞ୍ଚୟ କରି ବିମାନ ଯାତ୍ରା କରନ୍ତି, ସେମାନଙ୍କ ପାଇଁ ଏହି ନିୟମ ଏକ ବଡ଼ ଆଶ୍ୱସ୍ତି ଆଣିଦେବ ।

ନୂତନ ନିୟମରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ନାମ ସଂଶୋଧନ । ଅନେକ ସମୟରେ ତରବରିଆ ଭାବେ ଟିକେଟ୍ କାଟିବା ବେଳେ ଯାତ୍ରୀଙ୍କ ନାମର ବନାନରେ ଛୋଟମୋଟ ଭୁଲ୍ ରହିଯାଏ । ପୂର୍ବରୁ ଏହି ସାମାନ୍ୟ ଭୁଲ୍ ସୁଧାରିବା ପାଇଁ ଯାତ୍ରୀଙ୍କୁ ବହୁତ ଟଙ୍କା ଗଣିବାକୁ ପଡୁଥିଲା କିମ୍ବା ଟିକେଟ୍ ବାତିଲ କରି ନୂଆ ଟିକେଟ୍ କାଟିବାକୁ ବାଧ କରାଯାଉଥିଲା । କିନ୍ତୁ ନୂଆ ନିୟମ ଅନୁଯାୟୀ, ଯଦି ବୁକିଂର ୨୪ ଘଣ୍ଟା ମଧ୍ୟରେ ଯାତ୍ରୀ ଏହି ଭୁଲ୍ ସମ୍ପର୍କରେ ବିମାନ କମ୍ପାନୀକୁ ଜଣାନ୍ତି, ତେବେ ବିନା କୌଣସି ଶୁଳ୍କରେ ନାମ ସଂଶୋଧନ କରାଯାଇପାରିବ । ଏହା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କାରଣ ଏହା ମାନବୀୟ ତ୍ରୁଟିକୁ ଅପରାଧ ଭାବେ ବିବେଚନା ନକରି ସୁଧାରିବାର ସୁଯୋଗ ଦେଇଥାଏ । ଏହା ଦ୍ୱାରା ଯାତ୍ରୀମାନଙ୍କ ମାନସିକ ଚାପ କମିବ ଏବଂ ସେମାନେ ଅଧିକ ଆତ୍ମବିଶ୍ୱାସର ସହ ଟିକେଟ୍ ବୁକ୍ କରିପାରିବେ ।

ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ନିଷ୍ପତ୍ତି ବିମାନ କମ୍ପାନୀଗୁଡ଼ିକ ପାଇଁ ଏକ ଆହ୍ୱାନ ସୃଷ୍ଟି କରିପାରେ । ଭାରତୀୟ ବିମାନ କମ୍ପାନୀଗୁଡ଼ିକର ଆୟର ଏକ ବଡ଼ ଅଂଶ 'ଆନସିଲାରୀ ରେଭିନ୍ୟୁ' ବା ଅତିରିକ୍ତ ସେବା ଶୁଳ୍କରୁ ଆସିଥାଏ, ଯେଉଁଥିରେ କ୍ୟାନସଲେସନ୍ ଚାର୍ଜ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ଏହି ନୂତନ ନିୟମ ଲାଗୁ ହେବା ଫଳରେ କମ୍ପାନୀଗୁଡ଼ିକର ଏହି ଆୟ କମିବାର ସମ୍ଭାବନା ରହିଛି । ଏହାର ମୁକାବିଲା ପାଇଁ ବିମାନ କମ୍ପାନୀମାନେ ହୁଏତ ମୂଳ ଟିକେଟ୍ ଦାମ୍ (ବେସ୍ ଫେୟାର) ବୃଦ୍ଧି କରିପାରନ୍ତି। ତେବେ, ଦୀର୍ଘମିଆଦୀ ଦୃଷ୍ଟିରୁ ଦେଖିଲେ, ଯାତ୍ରୀଙ୍କ ବିଶ୍ୱାସ ଭାଜନ ହେବା କମ୍ପାନୀଗୁଡ଼ିକ ପାଇଁ ଅଧିକ ଲାଭଦାୟକ ହେବ । ଯେତେବେଳେ ଯାତ୍ରୀମାନେ ଜାଣିବେ ଯେ ସେମାନଙ୍କ ଟଙ୍କା ସୁରକ୍ଷିତ ଏବଂ ବୁକିଂରେ ନମନୀୟତା ଅଛି, ସେତେବେଳେ ସେମାନେ ଅଧିକ ନିର୍ଭୟରେ ଅଗ୍ରୀମ ଟିକେଟ୍ ବୁକ୍ କରିବାକୁ ଆଗ୍ରହୀ ହେବେ, ଯାହା ପରୋକ୍ଷରେ ବିମାନ କମ୍ପାନୀଙ୍କୁ 'କ୍ୟାଶ୍ ଫ୍ଲୋ' ବା ନଗଦ ପ୍ରବାହ ବଜାୟ ରଖିବାରେ ସାହାଯ୍ୟ କରିବ। ଏହାଛଡ଼ା, ଏହି ନିୟମ ଦ୍ୱାରା ବିମାନ ଯାତ୍ରା ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିବ, ଯାହା ସାମଗ୍ରିକ ଭାବେ ବିମାନ ଶିଳ୍ପର ଅଭିବୃଦ୍ଧିରେ ସହାୟକ ହେବ ।

ବିଶ୍ୱସ୍ତରୀୟ ମାନଦଣ୍ଡ ସହ ତୁଳନା କଲେ ଭାରତର ଏହି ପଦକ୍ଷେପ ପ୍ରଗତିଶୀଳ। ଆମେରିକାରେ 'ଡିପାର୍ଟମେଣ୍ଟ ଅଫ୍ ଟ୍ରାନ୍ସପୋର୍ଟେସନ୍' (DOT) ନିୟମ ଅନୁଯାୟୀ ଯାତ୍ରୀମାନଙ୍କୁ ୨୪ ଘଣ୍ଟାର 'କୁଲିଂ-ଅଫ୍' ପିରିୟଡ୍ ମିଳିଥାଏ, ଯେଉଁଥିରେ ସେମାନେ ବିନା ଜରିମାନାରେ ଟିକେଟ୍ ବାତିଲ କରିପାରନ୍ତି । ଭାରତରେ ଡିଜିସିଏ ଏହାକୁ ୪୮ ଘଣ୍ଟାକୁ ବୃଦ୍ଧି କରି ଯାତ୍ରୀଙ୍କୁ ଅଧିକ ସମୟ ଦେଇଛି । ତେବେ, ୭ ଦିନ ପୂର୍ବରୁ ବୁକିଂ ହୋଇଥିବା ସର୍ତ୍ତଟି କିଛି ମାତ୍ରାରେ ଏହି ସୁବିଧାକୁ ସଙ୍କୁଚିତ କରୁଛି । କାରଣ, ଜରୁରୀକାଳୀନ ପରିସ୍ଥିତିରେ ଅନେକ ଯାତ୍ରୀ ଶେଷ ମୁହୂର୍ତ୍ତରେ ଟିକେଟ୍ କାଟନ୍ତି ଏବଂ ସେହି ସମୟରେ ହିଁ ଯୋଜନା ବଦଳିବାର ସମ୍ଭାବନା ଅଧିକ ଥାଏ । ତଥାପି, ଅଗ୍ରୀମ ଯୋଜନା କରୁଥିବା ମଧ୍ୟବିତ୍ତ ପରିବାର ଏବଂ ଛୁଟିଦିନ ପାଇଁ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହା ଏକ ବଡ଼ ବରଦାନ ।

ଏହି ନିୟମର ସଫଳ ରୂପାୟନରେ କିଛି ଆହ୍ୱାନ ମଧ୍ୟ ରହିଛି । ପ୍ରଥମତଃ, ଅଧିକାଂଶ ଭାରତୀୟ ଯାତ୍ରୀ ଶସ୍ତା ଟିକେଟ୍ ପାଇବା ଆଶାରେ 'ମେକ୍ ମାଇ ଟ୍ରିପ୍', 'ଇଜି ମାଇ ଟ୍ରିପ୍' ଭଳି ଥାର୍ଡ ପାର୍ଟି ଆପ୍ ବ୍ୟବହାର କରନ୍ତି । ଯେହେତୁ ନୂଆ ନିୟମ ମୁଖ୍ୟତଃ ବିମାନ କମ୍ପାନୀର ନିଜସ୍ୱ ୱେବସାଇଟ୍ ବୁକିଂ ଉପରେ ଗୁରୁତ୍ୱ ଦେଉଛି, ତେଣୁ ସାଧାରଣ ଯାତ୍ରୀମାନେ ଏହାର ଲାଭ ପାଇବାରୁ ବଞ୍ଚିତ ହୋଇପାରନ୍ତି କିମ୍ବା ଏହି ନିୟମର ଫାଇଦା ଉଠାଇବା ପାଇଁ ସେମାନଙ୍କୁ ଅଭ୍ୟାସ ବଦଳାଇ ସିଧାସଳଖ ଏୟାରଲାଇନ୍ସ ସାଇଟରୁ ବୁକ୍ କରିବାକୁ ପଡ଼ିବ । ଦ୍ୱିତୀୟତଃ, ଯଦିଓ ବାତିଲ ଶୁଳ୍କ ଛାଡ଼ କରାଯାଇଛି, କିନ୍ତୁ ଯଦି କେହି ଟିକେଟ୍ ପରିବର୍ତ୍ତନ କରନ୍ତି ଏବଂ ନୂଆ ଟିକେଟର ଦାମ୍ ଅଧିକ ଥାଏ, ତେବେ ସେହି ବର୍ଦ୍ଧିତ ମୂଲ୍ୟ (Fare Difference) ଯାତ୍ରୀଙ୍କୁ ଦେବାକୁ ପଡ଼ିବ । ଏହା ଏକ ଯୁକ୍ତିଯୁକ୍ତ ବ୍ୟବସ୍ଥା ହେଲେ ମଧ୍ୟ, ଯାତ୍ରୀମାନେ ଏହାକୁ ଭଲ ଭାବରେ ବୁଝିବା ଆବଶ୍ୟକ ଯେ 'ମାଗଣା ପରିବର୍ତ୍ତନ'ର ଅର୍ଥ ସମ୍ପୂର୍ଣ୍ଣ ମାଗଣା ନୁହେଁ, ବରଂ କେବଳ ଜରିମାନା ଛାଡ଼ । ଏହି ବିଷୟରେ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ବିମାନ କମ୍ପାନୀ ଏବଂ ନିୟାମକ ସଂସ୍ଥାର ଦାୟିତ୍ୱ ।

ପରିଶେଷରେ, ଡିଜିସିଏର ଏହି ନିଷ୍ପତ୍ତି ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବାରେ ସହାୟକ ହେବ । ଏହା କେବଳ ଯାତ୍ରୀଙ୍କ ଆର୍ଥିକ ବୋଝ କମାଇବ ନାହିଁ, ବରଂ ବିମାନ କମ୍ପାନୀଗୁଡ଼ିକୁ ସେମାନଙ୍କ ସେବା ମାନ ବୃଦ୍ଧି କରିବାକୁ ବାଧ୍ୟ କରିବ। ବିମାନ ଯାତ୍ରା ବର୍ତ୍ତମାନ କେବଳ ଧନୀକ ଶ୍ରେଣୀର ବିଳାସ ହୋଇ ରହିନାହିଁ, ଏହା ମଧ୍ୟବିତ୍ତ ଭାରତର ଏକ ଆବଶ୍ୟକତା ପାଲଟିଛି। ତେଣୁ, ନୀତି ନିର୍ଦ୍ଧାରଣରେ ଯାତ୍ରୀଙ୍କ ସ୍ୱାର୍ଥକୁ କେନ୍ଦ୍ରରେ ରଖିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଅପରିହାର୍ଯ୍ୟ । ଡିଜିସିଏକୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ ବିମାନ କମ୍ପାନୀମାନେ ଯେପରି କୌଣସି ଗଳାବାଟ ବାହାର କରି ଏହି ନିୟମକୁ ଅଣଦେଖା ନ କରନ୍ତି । ଯାତ୍ରୀମାନଙ୍କୁ ମଧ୍ୟ ସଚେତନ ହେବାକୁ ପଡ଼ିବ ଏବଂ ନିଜ ଅଧିକାର ସାବ୍ୟସ୍ତ କରିବାକୁ ପଡ଼ିବ ।

# ଚିରନ୍ତନ ଶିଶୁ -ସତ୍ତା :ମନୋଜ ଦାସ



## ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମନୋଜ ଦାସ ତ ଥିଲେ ମାର୍କ୍ସବାଦୀ। ତାଙ୍କ ସହିତ ବିବେକାନନ୍ଦଙ୍କ ସମ୍ପର୍କ କଣ ?

ମୋ ଦ୍ୱାରା ପ୍ରସ୍ତୁତ ପିଏଚ.ଡି ଥେସିସ ର ସହାୟକ ପୁସ୍ତକସୂଚୀ ଦେଖି ଜଣେ ବିଜ୍ଞ ବ୍ୟକ୍ତି ଏଇ ପ୍ରଶ୍ନ କରିଥିଲେ। 'ମନୋଜ-ଗଳ୍ପରେ ମାନବ-ଜୀବନ' - ଏହା ହିଁ ଥିଲା ମୋର ଗବେଷଣାତ୍ମକ

ନିବନ୍ଧର ଶୀର୍ଷକ। ସେତେବେଳେ ତାହା ପୁସ୍ତକ ଆକାରରେ ପ୍ରକାଶିତ ହୋଇ ନଥାଏ। ସହାୟକ ପୁସ୍ତକ ତାଲିକାରେ ଶରତ କୁମାର ମହାନ୍ତିଙ୍କ ରଚିତ 'ଛତ୍ରପତି ବିବେକାନନ୍ଦ' ପୁସ୍ତକର ନାମୋଲ୍ଲେଖ ଦେଖି ଏହି ପ୍ରଶ୍ନ ସେ ପଚାରିଥିଲେ।

ବିଜ୍ଞ ସଜ୍ଜନଙ୍କ ପ୍ରଶ୍ନ ଭିତରେ ହିଁ ଉତ୍ତର ନିହିତ। ମାତ୍ର ତାଙ୍କ ସମ୍ମୁଖରେ ମୋର ବ୍ୟାଖ୍ୟା ହୋଇଥାନ୍ତା ଅର୍ଥହୀନ। ତେଣୁ ମୌନତା ବରଣ କରି ନେଇଥିଲି ସେ ଦିନ।

ମନୋଜ ଦାସ ପ୍ରଥମେ ଥିଲେ ମାର୍କ୍ସବାଦୀ। ପରବର୍ତ୍ତୀ ସମୟରେ ସେ ଶ୍ରୀଅରବିନ୍ଦଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ରୂପାନ୍ତରିତ ହୋଇଗଲେ ଅଧ୍ୟାତ୍ମ-ବାଦୀ ବୋଲି ଆମେମାନେ ବର୍ଣ୍ଣନା କରି ଆସିଛୁ ସୁଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳବ୍ୟାପୀ। ଏପରି ବହୁ ଲେଖାର ଶୀର୍ଷକ ମଧ୍ୟ ଚିତ୍ତାକର୍ଷକ। ଯେମିତି 'ମାର୍କ୍ସବାଦରୁ ଶ୍ରୀଅରବିନ୍ଦ ଦର୍ଶନ' ଆଦି।

ଏକ ସାହିତ୍ୟ ଶିଳ୍ପୀର ସତ୍ତା କେଉଁ ଉପାଦାନରେ କିପରି ନିର୍ମିତ ହୁଏ ତାହାର ରହସ୍ୟଭେଦ କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ତଥାପି ତାହାର କିଂଚିତ ଆଭାସ ଆମ ଆଗରେ ଯେ ଅନୁପସ୍ଥିତ, ତାହା ମଧ୍ୟ ସତ୍ୟ ହୋଇ ନପାରେ।

ଫେରିଯିବା ଆସନ୍ତୁ ଆମେ ମନୋଜ ଦାସଙ୍କ ଶୈଶବ କାଳକୁ। ଜନ୍ମ ତାଙ୍କର ୧୯୩୪ ମସିହା ଫେବୃଆରୀ ୨୭ ତାରିଖ। ୧୯୪୩ ମସିହାରେ ସେ ମାତ୍ର ନଅ ବର୍ଷବୟସର ବାଳକ। ଭୟଙ୍କର ବାତ୍ୟାର ତାଣ୍ଡବ ଦେଖିଲେ ଦୁଇଟି ସୁନୀଳ ନିରୀହ ଆଖିରେ ତାଙ୍କର। ଧ୍ୱସ୍ତ ବିଧ୍ୱସ୍ତ କେତେ ଘର ଦ୍ୱାର, ଅସଂଖ୍ୟ ଭୂତଳଶାୟୀ ବୃକ୍ଷ ଲତା, ମୃତ ଓ ଆହତ ଗାଈଗୋରୁ, ପକ୍ଷୀମାନଙ୍କ ପ୍ରାଣହୀନ ଦୁର୍ଦ୍ଦଶା ଦେଖୁଛନ୍ତି। କର୍ଣ୍ଣ ଗହ୍ୱରରେ ଧ୍ୱନିତ, ପ୍ରତିଧ୍ୱନିତ ହେଉଛି ଅସହାୟ ମଣିଷ କଣ୍ଠର ଆକୁଳ କ୍ରନ୍ଦନ। ଏହାର ପରବର୍ତ୍ତୀ ପରିଚ୍ଛେଦ ପୁଣି କରାଳ ଦୁର୍ଭିକ୍ଷ। ମୁଠାଏ ଅନ୍ନ ପାଇଁ କଙ୍କାଳସକ୍ଷର ମଣିଷମାନଙ୍କ ଲମ୍ବା ଧାଡି ବୃଦ୍ଧ ବୃଦ୍ଧାମାନେ ଦାଣ୍ଡରେ ଯାଉଛନ୍ତି ଘୁଷୁରି ଘୁଷୁରି। ମଣିଷ, ପଶୁ ପକ୍ଷୀ, ଗଛ ଲତାଙ୍କ ଏ ହାହାକାର - ଏସବୁ କିଛି ଶିଶୁ ମନୋଜଙ୍କ ମଧ୍ୟରେ କି ପ୍ରତିକ୍ରିୟା ସୃଷ୍ଟି କରିଥିବ ତାହା କଣ ବର୍ଣ୍ଣନା କରିବା ସହଜ? ପ୍ରବଳ ତୋଫାନ କବଳରୁ ରକ୍ଷା ପାଇବା ସକାଶେ ତାଙ୍କ ଘର ଭିତରକୁ ଯେଉଁମାନେ ପ୍ରବେଶ କରୁଥିଲେ ସେମାନଙ୍କୁ ଦେଖି ମନୋଜଙ୍କ ହୃଦୟରେ କଣ ଘଟିଯାଉଥିଲା ମୁହୂର୍ମୁହୁ ତାହା ଆମେ କଳ୍ପନା କରିପାରିବା ତ?

କେବଳ ଦେଖନ୍ତୁ ଗୋଟିଏ ଦୃଶ୍ୟ :

ଲେଖକଙ୍କ ସ୍କୁଲର ପ୍ରଧାନଶିକ୍ଷକ ହୋଇଛନ୍ତି ମାତୃହରା। ଗଛ ତଳେ ସେ ବସି ରହିଛନ୍ତି ନିର୍ବାକ ଭାବରେ। ଶିଶୁ ମନୋଜ ତାଙ୍କ ନିକଟତର ହୋଇ କୋମଳ କଣ୍ଠରେ ଉଚ୍ଚାରଣ କରୁଛନ୍ତି : 'ତୁମ ମା ଚାଲିଗଲେ ବୋଲି ମୋର ମା କଣ ନାହାନ୍ତି? ସେ ତୁମ କଥା ବୁଝିବେ ନାହିଁ? ସେ ଦିନର ସ୍ମୃତି ମନ୍ଥନ କରି 'ସମୁଦ୍ର କୂଳର ଏକ ଗ୍ରାମ' ପୁସ୍ତକରେ ଲେଖୁଛନ୍ତି ମନୋଜ -ସେ ଦିନ ବୁଝିଲି ବଡ଼ ମାଷ୍ଟ୍ରେ ମଧ ଶିଶୁଟିଏ ।

ମଣିଷ ପ୍ରତି, ପ୍ରକୃତି ପ୍ରତି ସହାନୁଭୂତିଶୀଳ ହେବା ପାଇଁ କେଉଁ ସୁନିର୍ଦ୍ଦିଷ୍ଟ ମତବାଦ୍ ବା ଦର୍ଶନ ଦ୍ୱାରା ପ୍ରଭାବିତ ହେବା କଣ ଏକାନ୍ତ ଜରୁରୀ? ମଣିଷ କାହିଁକି ଦୁଃଖ ଭୋଗେ ଏଇ ଜିଜ୍ଞାସା ନେଇ ସେ ମାର୍କ୍ସବାଦ ପ୍ରତି ଆକର୍ଷିତ ହୋଇଥିଲେ ଓ ସେଇ ପ୍ରଶ୍ନର ଯଥାର୍ଥ ଉତ୍ତର ପାଇବା ସକାଶେ ଶ୍ରୀ ଅରବିନ୍ଦ ଦର୍ଶନ ଦ୍ୱାରା ଆଶ୍ୱସ୍ତି ଲାଭ କରିଥିଲେ ବୋଲି ନିଜେ ମନୋଜ ଅନେକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି। ମାତ୍ର ତାଙ୍କୁ ଯେତେବେଳେ ପ୍ରଶ୍ନ କରାଯାଇଛି –'ହଠାତ ଏ ପରିବର୍ତ୍ତନ ଘଟିଲା କାହିଁକି? 'ତାର ଉତ୍ତର ଦେବା ପୂର୍ବରୁ ସେ ବାରମ୍ବାର କହିଛନ୍ତି ଯେ –'ହଠାତ କିଛି ଘଟିନାହିଁ।'

ମାର୍କ୍ସବାଦର ପ୍ରଖର ନଦୀ କୂଳରୁ ଶ୍ରୀଅରବିନ୍ଦ ଦର୍ଶନର ମହାସାଗରକୁ ପହଂଚିବା ମଧ୍ୟବର୍ତ୍ତୀ କାଳରେ ସେ ତାହେଲେ କରୁଥିଲେ କଣ? ସେ ନିଜେ ଯେଉଁ ସଂକ୍ଷିପ୍ତ ଉତ୍ତର ଦେଇଛନ୍ତି ସେଥିରେ ଯଦି ମୁଁ ହୋଇଯାଇଥାନ୍ତି ପରିତୃପ୍ତ ତାହେଲେ ଏହି ଆଲେଖ୍ୟ ପ୍ରସ୍ତୁତ କରିବାକୁ ପଡି ନଥାନ୍ତା ମୋତେ। ସେ ସମୟ ଥିଲା ମନୋଜଙ୍କ ସକାଶେ ଅତ୍ୟନ୍ତ ସଂକଟମୟ। ସେ ନିଜ ଜିଜ୍ଞାସାର ଉତ୍ତର ଖୋଜୁଥିଲେ କେତେ ନା କେତେ ଗ୍ରନ୍ଥରୁ ବୋଲି ଆମେ ଅନୁମାନ କରିନେବା ଆଦୌ ଅସତ୍ୟ ହୋଇ ନପାରେ। କିନ୍ତୁ ମନୋଜ କଣ ଜଣେ ପରୀକ୍ଷାର୍ଥୀ ପରି ଶୁଷ୍କ ଜିଜ୍ଞାସା ନେଇ ଖୋଜୁଥିଲେ ଉତ୍ତର? ପରୀକ୍ଷା ଖାତାରେ ଲେଖିବା ପାଇଁ? ଯାହାକୁ ସେ ଜିଜ୍ଞାସା ବୋଲି ନାମିତ କରିଛନ୍ତି, ତାହା ସେତିକିରେ ସୀମିତ ହୋଇପାରେନା । ତାହେଲେ ଆଉ କଣ ରହସ୍ୟ ଥିଲା ତା ଭିତରେ?

ଗୋପୀନାଥ ମହାନ୍ତି ରାମ ବାରିକଙ୍କ ଠାରୁ ଆଦାୟ କରୁଛନ୍ତି ରହସ୍ୟ। କାହାର? ଉତ୍କଳମଣି ଗୋପବନ୍ଧୁଙ୍କ ବିଶ୍ୱ-ଦରଦୀ ପ୍ରାଣର। ରାମ ବାରିକ କହିଛନ୍ତି- ରାତ୍ରିର ନିସ୍ତବ୍ଧ ପ୍ରହରରେ ବନ୍ଦ କୋଠରୀ ମଧ୍ୟରେ ଶୁଣିଛନ୍ତି ସେ ବ୍ୟାକୁଳ କ୍ରନ୍ଦନ। ଶ୍ରଦ୍ଧାସ୍ପଦ ଗୁରୁଭାଇମାନେ ବିଶ୍ୱ-ବିଜୟୀ ବିବେକାନନ୍ଦଙ୍କ ଜୀବନର ରହସ୍ୟ ଉଦଘାଟନ କରୁଛନ୍ତି ଅନୁରୂପ ଭାବରେ। ଆମେରିକା ଭଳି ଐଶ୍ୱର୍ଯ୍ୟଶାଳୀ ଦେଶରେ ଥାଇ ବିବେକାନନ୍ଦ କରୁଥିଲେ କଣ? ନିଶ୍ଚିନ୍ତ୍ର



ଅନ୍ଧକାରମୟ ଦ୍ୱାରରୁଦ୍ଧ ପ୍ରକୋଷ୍ଠ ମଧ୍ୟରୁ ଶୁଣାଯାଉଛି କାହାର ଏ ଚାପା କ୍ରନ୍ଦନ?

ଆମେ କାନ ପାତିଲେ ନିଶ୍ଚୟ ଶୁଣିପାରିବା, ତାଙ୍କର ବି ବ୍ୟାକୁଳ ବିଳାପ ଯାହାଙ୍କୁ କେନ୍ଦ୍ର କରି ଏ ରଚନା, ଆଜି ପ୍ରସ୍ତୁତ ।

ବିବେକାନନ୍ଦ ହୁଅନ୍ତୁ, ଗୋପବନ୍ଧୁ ହୁଅନ୍ତୁ କିମ୍ବା ମନୋଜ ଦାସ -କେହି କଣ ନିଜ ସାକ୍ଷାତକକ୍ଷରରେ ଅଥବା ସଭାମଞ୍ଚରେ ଉନ୍ମୋଚନ କରିଦେବେ ତାଙ୍କ ଅନ୍ତର୍ଗତ ଏହି ବେଦନା? ସେମାନେ କଣ ସେଇ ସ୍ତରର ଆତ୍ମା? ଏଇ ମାନବ, ପ୍ରାଣୀଜଗତ, ପ୍ରକୃତି ନିମିତ୍ତ ଭିଜି ଯାଇଥିବା, ବତୁରି ଯାଇଥିବା, ପ୍ରଚଣ୍ଡ ଉତ୍ତାପରେ ସିଝି ଯାଇଥିବା, ଦିନରାତି ସାଧନା-ସ୍ନାତ,ପ୍ରାର୍ଥନା -ନିମଗ୍ନ ଏଇ ଅନ୍ତଃରୂପ ପ୍ରଦର୍ଶନ କରିବେ ସମସ୍ତଙ୍କ ସମ୍ମୁଖରେ?

ସେଥିପାଇଁ ତ ମନୋଜ ଦାସ କହିଲେ **Life is greater than any Theory.**

ସେ ମାର୍କ୍ସବାଦୀ ହୋଇ ପାରନ୍ତି, ହୋଇ ପାରନ୍ତି ଶ୍ରୀମାଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏକ ପବିତ୍ର ଆତ୍ମା। କିନ୍ତୁ ସବୁଠାରୁ ଯାହା ଗଭୀରତର, ଅନ୍ତରତମ ସତ୍ୟ, ତାହା ହେଉଛି ମନୋଜଙ୍କ ଅମାପ ଏକାତ୍ମତା।ତାହା ତାଙ୍କର ସହଜାତ। ଯାହାକୁ ଆମେ ପ୍ରତିଭା ବୋଲି କହୁ, ତାହା ଏହି ନିବିଡ଼ ଅନ୍ତରଙ୍ଗତା ବ୍ୟତୀତ ଆଉ କିଛି ନୁହେଁ । ଯାହାକୁ ମନୋଜ ଦାସ ଜିଜ୍ଞାସା ବୋଲି ଉଚ୍ଚାରଣ କରନ୍ତି ତାର ପଶ୍ଚାତ ପଟରେ ଅଛି ଯୁଗ ଯୁଗର କୋହ। ଅନ୍ତର୍ଭେଦୀ କାରୁଣ୍ୟ।ଅଛି ସମବେଦନା **Sympathy** ରହିଛି **Empathy** ସମାନୁଭୂତି। ସେସବୁର ସ୍ଥାନ ହେଉଛି ଅନ୍ତରାତ୍ମାର ନିଗୂଢ଼ ପ୍ରଦେଶ। ତାହା ହିଁ ତ ଗୋଟିଏ ମଣିଷକୁ ପରିଣତ କରିଦିଏ ଯେ କୌଣସି କଳାର କ୍ଳାନ୍ତିହୀନ କାରିଗର କରି । 'ଧୂମ୍ରାଭ ଦିଗନ୍ତ'ରେ ତେଣୁ ହିଁ ଶିଳ୍ପୀ ସଂଯୁକ୍ତ କରି ଦିଅନ୍ତି –'ସତୁରି ବର୍ଷ ବୟସରେ ଅଶ୍ରୁପାତ ସହଜ ନୁହେଁ ଜାଣୁ?' ଆଉ ବି କହନ୍ତି ଯେଉଁ କେତେଥର ପ୍ରାର୍ଥନା କରିଛି ଈଶ୍ୱରଙ୍କୁ ସେତେବେଳେ କହିଛି : 'ମଣିଷର ସେଭଳି ଏକାକୀତ୍ୱ ଯେପରି ଜୀବନରେ ଆଉ ଥରେ ଦେଖିବାକୁ ନ ପଡୁ।' ନଅ ବର୍ଷ ବୟସର ଶିଶୁ ମନୋଜ ୮୭ ବର୍ଷ ବୟସରେ ବି ଥିଲେ ନିଷ୍ପାପ ଶିଶୁ। ନିରନ୍ତର ପ୍ରାର୍ଥନାରତ। ଆଜି ତାଙ୍କର ସ୍ଥୂଳ କଳେବର ନାହିଁ। ସେ ଯେଉଁ ରୂପରେ ଯେଉଁଠି ବି ଥାନ୍ତୁନା କାହିଁକି ତାଙ୍କ ଅନ୍ତଃସ୍ୱର ସୁସ୍ପଷ୍ଟ ଭାବରେ ସତେକି ଶୁଭୁଛି -ଜୀବନର ଚରମ ବିଫଳତା, ପୃଥିବୀର ଭବିଷ୍ୟତ ଯେତେ ଅନ୍ଧକାରାଚ୍ଛନ୍ନ ହେଉ ନା କାହିଁକି ଆମ ପାଇଁ କଣ ଶ୍ରୀମା ନାହାନ୍ତି?

+ଭୁବନେଶ୍ୱର

# ଆଧୁନିକ ସାହିତ୍ୟର ପିତାମହ ଭୀଷ୍ମ - ମନୋଜ ଦାସ



## ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ି। ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ: -୯୯୩୭୬୯୧୪୭୫

## କବିତା କୋଣାର୍କ

# ସେଦିନ ବସନ୍ତରେ

## ଦିନେଶ ମେହେର



ମନେପଡ଼େ
ଦଶବର୍ଷ ତଳେ ହଜେଇ ଦେଇଥିବା
କିଛି ଅତୀତ...!

ହାତରେ ମୁଠାଏ ଅବିର
ଆଉ ଆଖିରେ ଆଖିଏ ସ୍ୱପ୍ନ ନେଇ
ଫଗୁଣର ଫୁଲର ସମ୍ଭାରରେ
ନିଜେ ହଜିଯିବାର ମୁହୂର୍ତ୍ତ ଥିଲା
ଭାରି ନିଆରା;

ସେଦିନ,
ଲାଲ, ଗୋଲାପୀ ରଙ୍ଗରେ
ରଙ୍ଗେଇ ହେଇଥିଲା
ଜୁନାଗଡ଼ରୁ ଜୟପୁର,
ବାଟସାରା ବସନ୍ତର ଫୁଟାଫୁଲ,
ମହୁଲ ଫୁଲର ବାସ୍ନାରେ ମତୁଆଲା
କେଇଜଣ ଏକତରଫା ପ୍ରେମିକ,
ସେଇ ପ୍ରେମିକ ମାନେ ଖୋଜନ୍ତି ସମ୍ଭାବନା
ନୂଆ ଏକ ଅନୁଭୂତି
ସାଉଁଟିବା ଆଶାରେ,

ଠିକ୍ ସେତିକି ବେଳେ
ତମେ ଥିଲ ଅଜଣା, ଅନାମିକାର
ଇତିହାସ ଭିତରେ,
ଅନିର୍ଦ୍ଦିଷ୍ଟ ଥିଲା ତୁମ ଠିକଣା
ହୁଏତ ତୁମେ ଅଚିହ୍ନା ସହରର
କେଉଁ ଏକ ନିଭୃତ ଗଳି ଭିତରେ
ସ୍ଥାପନ କରିଥିଲ ନିଜର ବସତି,
ଯାହାର ଠିକଣା
ଥିଲା ଭାରି ଗୋପନୀୟ,
ମୁଁ ଅବା କେମିତି ଜାଣି ପାରିଥାନ୍ତି
ତମର ଅସଲ ପରିଚୟ, ଠିକଣା, ଅବା
କୁଳ, ଗୋତ୍ର

ଦେଖ,
ଆଜି ଅନେକ ଦିନ ପରେ
ପାଇ ସାରିଛି ତମର ସର୍ବସ୍ୱ
ଏମିତିକି ସାମ୍ନା କରିଛି ତମର
ନାହିଁ ନଥିବା ଅଭିଯୋଗ ସବୁ,
କେବେ ଲୁହରେ, ହସରେ ଅବା
ସନ୍ଦେହରେ
ନିଜକୁ ଫସେଇ ଦେଇଛି
କୌରବ ମାନଙ୍କ ଚକ୍ରବିହ୍ୱରେ ଅଭିମନ୍ୟୁ
ଭଳି,
ପୁଣି କେବେ ନିଜେ ସାଜି ଯାଇଛି
ଗୋଟେ ବଦନାମ
ଗଳିର ଏକ ଜାରଜ

ତଥାପି
ସବୁ ପରେ ବି ବଞ୍ଚିବା ପାଇଁ
ରଚୁଥିବା ସଂଘର୍ଷକୁ ବାଛି ନେଇଛି
ଜୀବନ ଜିଇଁବାର
ଶେଷ ଇଛା ଭାବରେ.....!

+ଜୁନାଗଡ଼, କଳାହାଣ୍ଡି



# ରଣବୀର ସିଂହ 'ସଲୋନି', 'ଷ୍ଟେଫିଟ୍'ର ବ୍ରାଣ୍ଡ୍ ଆମ୍ବାସଡର



ମହେଶ ଏଡିବଲ୍ ଅଏଲ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଏହାର ଦୁଇ ବ୍ରାଣ୍ଡ୍ ସଲୋନି ଓ ଷ୍ଟେଫିଟ୍ ପାଇଁ ବଲିଉଡ୍ ତାରକା ରଣବୀର ସିଂହଙ୍କୁ ବ୍ରାଣ୍ଡ୍ ଆମ୍ବାସଡର ଭାବେ ନିଯୁକ୍ତ କରାଯାଇଛି। ସଲୋନି ବ୍ରାଣ୍ଡ୍‌ରେ କମ୍ପାନି ସୋରିଷ ତେଲ ଓ ସୋୟା ବଡ଼ି ବିକ୍ରି କରୁଥିବା ବେଳେ ଷ୍ଟେଫିଟ୍ ବ୍ରାଣ୍ଡ୍‌ରେ ରିଫାଇନ୍‌ଡ ତେଲ ବିକ୍ରି କରୁଛି। ଏହି ସହଯୋଗିତା ସମ୍ପର୍କରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଦୀନେଶ ରାଠୋର କହିଛନ୍ତି ଯେ ରଣବୀରଙ୍କୁ ନେଇ ପ୍ରସ୍ତୁତ ପ୍ରଚାର ଅଭିଯାନ ଅଧିକ ଲୋକଙ୍କୁ ବ୍ରାଣ୍ଡ୍ ବିଷୟରେ ପରିଚିତ କରାଇବ। କମ୍ପାନିର ନିର୍ଦ୍ଦେଶକ ମହେଶ ରାଠୋରଙ୍କ ମତରେ ଗୁଣାତ୍ମକ ମାନ ଓ ପରିମାଣ ଦୃଷ୍ଟିରୁ କମ୍ପାନିର ଦୃଢ଼ ଉତ୍ପାଦନ କ୍ଷମତା ରହିଛି। ଦେଶରେ ବଢୁଥିବା ଚାହିଦାକୁ ଉଚ୍ଚ ମାନର ଉତ୍ପାଦ ଜରିଆରେ ପୂରଣ କରିବାକୁ କମ୍ପାନି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। କମ୍ପାନିର କାଟେଗୋରି ମୁଖ୍ୟ ଆଦିତ୍ୟ ରାଠୋର କହିଛନ୍ତି ଯେ ଲୋକଙ୍କ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଓ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବାର ନୂଆ ଅଭ୍ୟାସ ପାଇଁ ସୋୟା ବଡି ଚାହିଦା ବଢ଼ିଛି। ସଲୋନି ସୋୟା ବଡିର ଗ୍ରହଣୀୟତା ଦ୍ରୁତ ଗତିରେ ବଢୁଛି। ରଣବୀରଙ୍କ ସହ ସହଯୋଗିତା ଦ୍ୱାରା ଆମ ଅଭିବୃଦ୍ଧି ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।

# ଗୀତ ପଛର ଗପ: ଗୀତା ଥିଲେ ପ୍ରଥମ ପସନ୍ଦ



୧୯୬୯ ମସିହାର ଶେଷଭାଗ। ଛାୟାବାଣୀ ପ୍ରତିଷ୍ଠାନ ଶ୍ରୀମତୀ କୁନ୍ତଳା କୁମାରୀ ଆଚାର୍ଯ୍ୟଙ୍କ ଲିଖିତ ଉପନ୍ୟାସ 'ଅଦିନ ମେଘ'କୁ ଚିତ୍ରରୂପ ଦେଉଥାଆନ୍ତି। ସଂଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶଙ୍କ ତତ୍ତ୍ୱାବଧାନରେ 'ଅଦିନ ମେଘ' ଚଳଚ୍ଚିତ୍ରର ସ୍ୱର ସଂଯୋଜନା କାର୍ଯ୍ୟ ଚାଲିଥାଏ କଟକର କଳା ବିକାଶ କେନ୍ଦ୍ରରେ। ଏଇ ସମୟରେ ଦିନେ ଗାୟିକା ସ୍ୱାଗତିକା ରଥ ଓ ତାଙ୍କ ବାପା ସେଠାକୁ ଆସି ବାଳକୃଷ୍ଣବାବୁଙ୍କୁ ଦେଖା କରନ୍ତି ଏବଂ ସ୍ୱାଗତିକାଙ୍କ ହାତରେ ଥାଏ ଗୀତିକାର ଗୌରାଙ୍ଗ ସାମନ୍ତରାୟଙ୍କ ହାତଲେଖା ଗୀତଟିଏ। ସେ ବାଳକୃଷ୍ଣବାବୁଙ୍କୁ ଏହି ଗୀତଟି ଦେଖାଇ ତାକୁ ସ୍ୱର କରିବା ପାଇଁ ଅନୁରୋଧ କରନ୍ତି। ବାଳକୃଷ୍ଣବାବୁ ଗୀତଟିକୁ ପଢ଼ି ଖୁବ୍ ଖୁସି ହୁଅନ୍ତି। ତା' ପରେ ସଂଗୀତ ସୁଧାକର ବାଳକୃଷ୍ଣ ହାର୍ମୋନିୟମ୍ ଧରି ଗୀତଟିର ସ୍ୱର କରିବସନ୍ତି। ତାଙ୍କ ପାଖରେ ଉପସ୍ଥିତ ଥାଆନ୍ତି ସେ ସମୟର ଦୁଇ ଉଦୀୟମାନ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଓ ତୃପ୍ତି ଦାସ। ପରବର୍ତ୍ତୀ ସମୟରେ ସେମାନେ ଓଡ଼ିଶାର ଦୁଇ ଜଣ ଲବ୍ଧପ୍ରତିଷ୍ଠ ଗାୟିକା ଭାବେ ଆତ୍ମପ୍ରକାଶ କରନ୍ତି। ଲେଖାଟିକୁ ବାଳକୃଷ୍ଣବାବୁ ସ୍ୱରରେ ଢାଳିବା ପରେ ତାହା ଚମତ୍କାର ଶୁଣାଯାଏ। ସ୍ୱର ଶୁଣି ସମସ୍ତେ ଖୁବ୍ ଉତ୍ସାହିତ ହୋଇପଡ଼ନ୍ତି। ସଂଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶଙ୍କ ମନକୁ କଥାଟିଏ ଆସେ- ଏହି ଗୀତକୁ 'ଅଦିନ ମେଘ'ରେ ସ୍ଥାନିତ କଲେ କେମିତି ହୁଅନ୍ତା ? କାରଣ ଦିଅର-ଭାଉଜ ସଂପର୍କର ମାଧୁର୍ଯ୍ୟ ଗୀତଟିରେ ନିଚ୍ଛକ ଭାବେ ପ୍ରତିଫଳିତ ହୋଇଥିଲା। ସେ ପ୍ରଯୋଜକ ବାବୁଲାଲ୍ ଦୋଶୀ ଓ ନିର୍ଦ୍ଦେଶକ ଅମିତ୍ ମୈତ୍ରଙ୍କୁ ଗୀତଟି ଶୁଣାନ୍ତି ଓ ସେ ଦୁହିଁଙ୍କର ବି ପସନ୍ଦ ହୁଏ। ତା' ପରେ ପ୍ରଶ୍ନ ଉଠେ, ଏହି ଗୀତଟିକୁ କିଏ ଗାଇବ ? ସ୍ୱରକାର ବାଳକୃଷ୍ଣ ଦାଶ ପ୍ରଥମେ ଗୀତା ପଟ୍ଟନାୟକଙ୍କ କଣ୍ଠରେ ଏହାକୁ ରେକର୍ଡ କରାଯିବା କଥା ଚିନ୍ତା କରନ୍ତି। ଏଥିପାଇଁ ଗୀତାଙ୍କର ଭଏସ୍ ଟେଷ୍ଟ୍ ନିଆଯାଏ, କିନ୍ତୁ ତାଙ୍କର କଣ୍ଠସ୍ୱର ଥିଲା ଖୁବ୍ ପତଳା। ଯେହେତୁ ଗୀତଟି ଜଣେ ବାଳକ ଉପରେ ଦୃଶ୍ୟାୟିତ ହେବ ବୋଲି ନିର୍ଦ୍ଦେଶକ ସ୍ଥିର କରିଥାଆନ୍ତି, ଏଣୁ ଅପେକ୍ଷାକୃତ ମୋଟା ନାରୀକଣ୍ଠର ଆବଶ୍ୟକତା ଦେଖାଦିଏ। ତା' ପରେ ତୃପ୍ତି ଦାସଙ୍କ ସ୍ୱର ପରୀକ୍ଷା କରାଯାଏ ଓ ତାଙ୍କ ଗଳା ପାତ୍ରୋପଯୋଗୀ ବୋଲି ହୃଦୟଙ୍ଗମ ହୁଏ। ଶେଷରେ ଗୀତାଙ୍କ ଲାଗି ସ୍ଥିରୀକୃତ ଗୀତଟି ତୃପ୍ତି ଦାସଙ୍କ କଣ୍ଠରେ ରେକର୍ଡ କରାଯାଏ। 'ଅଦିନ ମେଘ'ର ଅନ୍ୟସବୁ ଗୀତ ଭଳି 'ବୋଉଲୋ କି କହିବି ନୂଆ ଭାଉଜଙ୍କ କଥା...' ବେଶ୍ ଲୋକପ୍ରିୟ ହୁଏ। ଏହା ତୃପ୍ତି ଦାସଙ୍କ ପ୍ରଥମ ସଫଳ ଚଳଚ୍ଚିତ୍ର ଗୀତର ମାନ୍ୟତା ପାଇବା ସଙ୍ଗେ ସଙ୍ଗେ ତାଙ୍କ କ୍ୟାରିୟରର ଏକ ମାଇଲ୍‌ଖୁଣ୍ଟ ହୋଇଯାଏ।

# ଅଶ୍ଳୀଳ ବିଷୟବସ୍ତୁ ଦେଖାଉଥିବା ୫ ଓଟିଟି ପ୍ଲାଟଫର୍ମ ବନ୍ଦ କଲା କେନ୍ଦ୍ର



ଅଶ୍ଳୀଳ ବିଷୟବସ୍ତୁ ଦେଖାଉଥିବା ୫ଟି ଓଟିଟି ପ୍ଲାଟଫର୍ମକୁ ବନ୍ଦ କରିଛନ୍ତି କେନ୍ଦ୍ର ସରକାର। ମଙ୍ଗଳବାର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏହିସବୁ ଓଟିଟି ପ୍ଲାଟଫର୍ମ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏଥିରେ ମୁଡଏକ୍ସଭିଆଇପି, କୋୟାଲ ପ୍ଲେପ୍ରୋ, ଡିଜି ମଭୁଭିପ୍ଲେକ୍ସ, ଫିଲ୍ ଓ ଜୁଗ୍‌ନୁ ରହିଛି। ଏପରି ପ୍ଲାଟଫର୍ମଗୁଡ଼ିକୁ ଅବରୋଧ କରିବା ପ୍ରକ୍ରିୟା ଅନୁଯାୟୀ, ସରକାର ଇଣ୍ଟରନେଟ୍ ସେବା ପ୍ରଦାନକାରୀମାନଙ୍କୁ ସୂଚନା ପ୍ରଯୁକ୍ତିବିଦ୍ୟା ନିୟମ ୨୦୨୧ ଏବଂ ଅଶ୍ଳୀଳତା ବିରୋଧୀ ଆଇନ ଅନୁଯାୟୀ ଓଟିଟି ପ୍ଲାଟଫର୍ମଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇଟି ଆଇନ ୨୦୦୦ ସେକ୍ସନ ୬୯ଏ ଅନୁଯାୟୀ ସରକାର ବିଭିନ୍ନ କାରଣରୁ ଅନଲାଇନ କଣ୍ଟେଣ୍ଟକୁ ବ୍ୟାନ କରିପାରିବେ। ଏହି ନିୟମଗୁଡ଼ିକ ସାର୍ବଜନୀନ ଶାଳୀନତାକୁ ସୁରକ୍ଷା ଏବଂ ବଜାୟ ରଖିବା, ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକରେ ସାମ୍ବାଦିକତା ଏଥିକ୍ସକୁ ଲାଗୁ କରିବା ପାଇଁ ଉଦ୍ଦିଷ୍ଟ। ଗତବର୍ଷ ଜୁଲାଇରେ ମଧ୍ୟ ଅଶ୍ଳୀଳ ତଥା ଆପତ୍ତିଜନକ ବିଷୟବସ୍ତୁ ପ୍ରସାରିତ କରୁଥିବା ଅନେକ ଆପ୍ ଓ ୱେବସାଇଟ୍‌କୁ ସରକାର ବନ୍ଦ କରିଦେଇଥିଲେ।

# ବିବିଧ ଓଡ଼ିଶାର ହୃଦୟସ୍ପର୍ଶୀ ପ୍ରତିନିଧି

କୋଶ କୋଶ ପର ବଦଲେ ପାନି, ଚାର କୋଶ ପର ବାନୀ'- ଏହି ହିନ୍ଦୀ ଲୋକୋକ୍ତି ଭାରତର ଭାଷାଗତ ବିବିଧତାକୁ ପ୍ରକାଶ କରେ। ଆଞ୍ଚଳିକ ଉପଭାଷା ଓ କଥନ ଶୈଳୀର ବିବିଧତା ଦୃଷ୍ଟିରୁ ଓଡ଼ିଶା ମଧ୍ୟ କମ୍ ସମୃଦ୍ଧ ନୁହେଁ। ତେବେ ଓଡ଼ିଶାର ଲୋକପ୍ରିୟ ସାହିତ୍ୟ ଓ ଚଳଚ୍ଚିତ୍ରରେ ଏହି ବିବିଧତା ଖୁବ୍ କମ୍ ପ୍ରତିଫଳିତ ହୋଇଛି। ପ୍ରଥମେ ସେହି ଦୃଷ୍ଟିରୁ(ଅନୁଗୁଳିଆ କଥନ ଶୈଳୀ ପାଇଁ) 'ବର ବଧୂ' ପ୍ରଶଂସାର ପାତ୍ର। ଏହି ଚଳଚ୍ଚିତ୍ରର ଆବେଦନ ସେତିକିରେ ସୀମିତ ରହିଯାଇ ନାହିଁ, ଏହାର ମୌଳିକ କାହାଣୀ, ବାସ୍ତବଧର୍ମୀ ଅଭିନୟ ଓ ସଂଗୀତରେ ମଧ୍ୟ



ସେତିକି ପ୍ରସ୍ଫୁଟିତ ହୋଇଛି। କୁହାଯାଏ ବାଞ୍ଛିତ ଭାବେ ହେଉ ଅବା ଅବାଞ୍ଛିତ ଭାବେ ହେଉ, କଳା ସର୍ବଦା ରାଜନୈତିକ ହୋଇଥାଏ। 'ବର ବଧୂ' ବର୍ତ୍ତମାନ ସମୟର ଗ୍ରାମାଞ୍ଚଳରେ ଯୁବ ବେକାରି ସମସ୍ୟାକୁ ଉଜାଗର କରିବା ସଙ୍ଗେସଙ୍ଗେ ଆତ୍ମସମୀକ୍ଷା ପାଇଁ ଦର୍ଶକମାନଙ୍କୁ ନିବେଦନ କରିଛି। ଉଭୟ ନାୟକ ଓ ନାୟିକା ଚରିତ୍ର କଲେଜ ଶିକ୍ଷା ପରେ ନିଯୁକ୍ତି ଓ ଆତ୍ମପରିଚୟ ପାଇଁ ସଂଘର୍ଷ କରୁଛନ୍ତି। ଏତିକିବେଳେ ସେମାନଙ୍କୁ ସରକାରୀ ନିଯୁକ୍ତିର ଏକ ଗଳାବାଟ ଦିଶୁଛି, ଯାହା ଦୁର୍ନୀତିପୂର୍ଣ୍ଣ ବୋଲି ଜାଣି ବି ସେମାନେ ସେଥିରେ ଅଗ୍ରସର ହେଉଛନ୍ତି। କାହାଣୀର ସବୁଠାରୁ କରୁଣ ଦିଗ ହେଉଛି ସରକାରୀ ଦୁର୍ନୀତିକୁ ମୁକାବିଲା କରିବା ପାଇଁ ଗ୍ରାମସଭାରେ ଯେଉଁ ନିଷ୍ପତ୍ତି ନିଆଯାଉଛି ତାହା ଦୁର୍ନୀତି ବିରୋଧୀ ନୁହେଁ ବରଂ ଦୁର୍ନୀତିର ଗଣତନ୍ତ୍ରୀକରଣ ! ଗ୍ରାମାଞ୍ଚଳରେ ଦୁର୍ନୀତି ଦ୍ୱାରା ପୀଡ଼ିତ ଲୋକମାନେ କିପରି କୁଚକ୍ରରେ ପଡ଼ି ଦୁର୍ନୀତିର ଅଧିକ ବିପଜ୍ଜନକ ରୂପକୁ ସମର୍ଥନ କରିବସନ୍ତି ତାହାର ଉଦାହରଣ ହେଉଛି ଏହି ସିନେମାରେ ଅଙ୍ଗନ୍ୱାଡ଼ି କର୍ମୀ ପଦ ଗ୍ରାମସଭାରେ ନିଲାମ ହେବା। ସଂଯୋଗକୁ 'ବର ବଧୂ' ଚଳଚ୍ଚିତ୍ର ମୁକ୍ତିଲାଭ କରିଥିବା ସପ୍ତାହରେ ହିଁ ଜଣେ ଅଙ୍ଗନ୍ୱାଡ଼ି କର୍ମୀଙ୍କ ଦୁର୍ଦ୍ଦଶା ଲୋକଲୋଚନକୁ ଆସିଥିଲା। ଅସଲ ଜୀବନର ସେହି ଅଙ୍ଗନ୍ୱାଡ଼ି କର୍ମୀ ଦୁର୍ନୀତି ଠାରୁ ଅଧିକ ବ୍ୟାପକ ଓ କଦର୍ଯ୍ୟ ପ୍ରଭାବ ପକାଉଥିବା ଜାତିବାଦର ଶରବ୍ୟ ହୋଇଥିଲେ। 'ବର ବଧୂ' ଚଳଚ୍ଚିତ୍ର ଯେହେତୁ ଗ୍ରାମୀଣ ବାସ୍ତବତାକୁ ଉଜାଗର କରିବାକୁ ଉଦ୍ୟମ କରିଛି, ସେଥିରେ ଜାତିପ୍ରଥାର କୌଣସି ଭୂମିକା ନ ରହିବାକୁ ଏକ ଖୁଣ ରୂପେ ଦେଖାଯାଇପାରେ। ସେହିପରି ଏହି କାହାଣୀର ଦୁଇ ମୁଖ୍ୟ ଚରିତ୍ର ବିଜୁ(ଶୈଳେନ୍ଦ୍ର ସାମନ୍ତରାୟ) ଓ ସୁମନ(ଶିବାନୀ ସଙ୍ଗୀତା)ଙ୍କ ସମ୍ପର୍କ ଏକ ବାଧ୍ୟବାଧକତାଜନିତ ବୁଝାମଣାରୁ ଆରମ୍ଭ ହୋଇଥିବାରୁ ତାହାକୁ ପ୍ରେମ ସମ୍ପର୍କ ଭାବେ ବିକଶିତ କରିବାର ଉଦ୍ୟମ ବିଶ୍ୱସନୀୟ ଲାଗିଲା ନାହିଁ। ପ୍ରକୃତରେ ଏହି କାହାଣୀର କେନ୍ଦ୍ରରେ ବିବାହ ଅବା ପ୍ରେମ ନାହିଁ, ଅଛି ଦୁଇଜଣ ଯୁବକଯୁବତୀ ସେମାନଙ୍କ ପରିସ୍ଥିତି ସହିତ ଯୁଝିବା ଏବଂ ନିଜକୁ ଆବିଷ୍କାର କରିବାର ଯାତ୍ରା। ସବୁଠାରୁ ଭଲ କଥା ହେଲା ଚିରାଚରିତ ଲିଙ୍ଗଗତ ଧାରଣାକୁ ଏହି ସିନେମା ଚ୍ୟାଲେଞ୍ଜ କରିଛି- ନାୟକ ରୋଷେଇରେ ପାରଙ୍ଗମ ତ ନାୟିକା ନିଜ କ୍ୟାରିଅର ନେଇ ଏତେ ଚିନ୍ତାଶୀଳ ଯେ ଚାକିରି ପାଇଁ ପ୍ରେମ ସମ୍ପର୍କକୁ ଜଳାଞ୍ଜଳି ଦେଇଦେଉଛି।

# ବ୍ରେକଅପ ପରେ ନୂଆ ଜୀବନ: ତାରା ସୁତାରିଆ କିଣିଲେ ଆଲିସାନ୍ ବଙ୍ଗଳା

ତାରା ସୁତାରିଆ ତାଙ୍କ ପ୍ରଶଂସକଙ୍କ ସହିତ ଏକ ବଡ଼ ଖବର ସେୟାର କରିଥିଲେ। କିଛି ଦିନ ପୂର୍ବରୁ ତାଙ୍କ ବ୍ରେକଅପ୍ ଖବର ମୁଖ୍ୟ ଖବର ପାଲଟିଥିଲା। କିନ୍ତୁ ଏବେ, ଅଭିନେତ୍ରୀ ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ଆଣିଛନ୍ତି। ତାରା ତାଙ୍କର ପ୍ରଥମ ଘର କିଣିଛନ୍ତି ଏବଂ ଏହାକୁ ନିଜ ଶୈଳୀରେ ସଜାଇଛନ୍ତି। ଏହି ଘର ସାଜସଜ୍ଜା ତାରାଙ୍କ ବ୍ୟକ୍ତିତ୍ୱ ଏବଂ ଶୈଳୀକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ କରେ। ପ୍ରଶଂସକଙ୍କ ବ୍ୟତୀତ, ଅନେକ ସେଲିବ୍ରିଟି ମଧ୍ୟ ତାରାଙ୍କ ନୂଆ ଘର ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିରେ ରିଆ ଚକ୍ରବର୍ତ୍ତୀ, ଦିଶା ପଟାନୀ ଏବଂ ବାଦଶାହ ଭଳି ଷ୍ଟାର ସାମିଲ ଅଛନ୍ତି। ତାରାଙ୍କ ଘରେ ଏକ ପିଆନୋ ମଧ୍ୟ ଅଛି, କାରଣ ସେ ସଙ୍ଗୀତ ପ୍ରତି ଖୁବ୍ ଆଗ୍ରହୀ ଏବଂ ଏହାକୁ ବଜାଇବାକୁ ଭଲ ପାଆନ୍ତି। ଘରଟି ସୁନ୍ଦର ଫୁଲ ଏବଂ ମହମବତୀରେ ସଜାଯାଇଛି, ଯାହା ଏହାକୁ ଆହୁରି ମନୋରମ ଏବଂ ଘରୋଇ ଅନୁଭବ ଦେଉଛି।




ସାତ ଜନ୍ମର ସାଥୀ ହେଲେ ବିଜୟ-ରଶ୍ମିକା। ଦକ୍ଷିଣ ସିନେମା ସୁପରଷ୍ଟାର ବିଜୟ ଦେବରାକୋଣ୍ଡା ଓ ରଶ୍ମିକା ମନ୍ଦାନାଙ୍କ ବିବାହ ସମ୍ପନ୍ନ ହୋଇଛି। ରାଜସ୍ଥାନର ଉଦୟପୁର ସ୍ଥିତ ଆଇଟିସି ମେମେଣ୍ଟୋସ୍ (ଓଞ୍ଚଉ ଗରଜ୍ଞରଭଖ୍ନକ୍ଟଖ୍ନ) ହୋଟେଲରେ ଏହି ଭବ୍ୟ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୯ ବର୍ଷର ସମ୍ପର୍କକୁ ସ୍ୱୀକୃତି ଦେଇ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଏହି ଲୋକପ୍ରିୟ ଯୋଡି। ଦୁହେଁ ପ୍ରଥମେ ପାରମ୍ପରିକ ତେଲୁଗୁ ରୀତିନୀତି ଅନୁଯାୟୀ ସକାଳ ୧୦ଟା ୧୦ରେ ବିବାହ କରିଛନ୍ତି। ଏହା ପରେ ସନ୍ଧ୍ୟାରେ କୋଡାଭା (ରଶ୍ମିକାଙ୍କ ସମ୍ପ୍ରଦାୟ) ରୀତିରେ ଆଉ ଏକ ସମାରୋହ ହେବ ବୋଲି ଖବର ରହିଛି। ବିବାହଟି ଅତ୍ୟନ୍ତ ଘରୋଇ ଓ ପରିବାର ଓ ନିକଟତମ ବନ୍ଧୁମାନଙ୍କ ଉପସ୍ଥିତିରେ ହୋଇଛି। ବିବାହ ଉତ୍ସବରେ ଫୋନ୍ ନିଷେଧ ରହିଛି। ଦମ୍ପତିଙ୍କର କୌଣସି ଫଟୋ ଯେପରି ଲିକ୍ ନହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ବିବାହ ପରେ ସେମାନଙ୍କ ଟିମ୍ ପାପ୍ସମାନଙ୍କୁ ମିଠା ବାଣ୍ଟିଛନ୍ତି। ସେମାନଙ୍କ ବିବାହକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି, କେବଳ ପରିବାର ଏବଂ ନିକଟତମ ବନ୍ଧୁମାନେ ହିଁ ଯୋଗ ଦେଇଛନ୍ତି। ମାର୍ଚ୍ଚ ୪ ତାରିଖରେ ହାଇଦ୍ରାବାଦରେ ଏକ ଗ୍ରାଣ୍ଡ ରିସେପ୍ସନ ପାର୍ଟି ଅନୁଷ୍ଠିତ ହେବ। ବିଜୟ ଦେବରାକୋଣ୍ଡା ଏବଂ ରଶ୍ମିକା ମନ୍ଦାନା ପ୍ରଥମ ଥର ପାଇଁ ସେମାନଙ୍କ ଫିଲ୍ମ 'ଗୀତା ଗୋବିନ୍ଦମ'ରେ କାମ କରୁଥିବା ସମୟରେ ଉଭୟ ଦେଖା ହୋଇଥିଲେ। ଏହାପରେ ଉଭୟଙ୍କ ଡେଟିଂ ଚର୍ଚ୍ଚା ହୋଇଥିଲା। ପରେ ସେମାନେ ଅନେକ ଫିଲ୍ମରେ ଏକାଠି କାମ କରିଛନ୍ତି, ଯାହା ସୁପରହିଟ୍ ହୋଇଛି। ୨୦୨୫ ଅକ୍ଟୋବରରେ ରଶ୍ମିକା ଏବଂ ବିଜୟ ହାଇଦ୍ରାବାଦର ଏକ ପଞ୍ଚତାରକା ହୋଟେଲରେ ଗୁପ୍ତ ଭାବରେ ନିର୍ବନ୍ଧ କରିଥିଲେ। ଏହି ନିର୍ବନ୍ଧ ଉତ୍ସବରେ କେବଳ ଦୁଇ ପରିବାରର ସଦସ୍ୟମାନେ ହିଁ ଉପସ୍ଥିତ ଥିଲେ।

# କେରଳ ଷ୍ଟୋରୀ ୨'ରେ ନାହିଁ କେରଳ କଥା, ମିଛ ପ୍ରଚାର କରୁଛନ୍ତି ନିର୍ମାତା




କାମାକ୍ଷା ନାରାୟଣ ସିଂହଙ୍କ ନିର୍ଦ୍ଦେଶିତ 'କେରଳ ଷ୍ଟୋରୀ ୨' ଫେବୃଆରୀ ୨୭ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ରିଲିଜ୍ ପୂର୍ବରୁ ମଧ୍ୟ ଏହି ଚଳଚ୍ଚିତ୍ରଟି ଅନେକ ବିବାଦ ସୃଷ୍ଟି କରିଛି। ବିଶେଷକରି କେରଳର ଲୋକମାନେ ଏହି ଚଳଚ୍ଚିତ୍ରକୁ ତୀବ୍ର ବିରୋଧ କରୁଛନ୍ତି ଏବଂ ଏହାକୁ ଏକ ଘୃଣାପ୍ରବଣ ଚଳଚ୍ଚିତ୍ର ବୋଲି କହୁଛନ୍ତି। ଏହି ସମୟରେ ଫିଲ୍ମର ନିର୍ଦ୍ଦେଶକ ଏବଂ ଲେଖକଙ୍କର ଏକ ଭିଡିଓ ଭାଇରାଲ୍ ହେଉଛି, ଯେଉଁଥିରେ ଦେଖିବାକୁ ମିଳୁଛି ଯେ ଫିଲ୍ମର ପ୍ରମୋସନ ସମୟରେ, ସାମ୍ବାଦିକମାନେ ନିର୍ମାତାଙ୍କୁ ସମାଲୋଚନା କରୁଛନ୍ତି ଏବଂ କଡା ପ୍ରଶ୍ନ ପଚାରୁଛନ୍ତି। ସେୟାର ହୋଇଥିବା ଭିଡିଓର ଶୀର୍ଷକରୁ ଜଣାପଡୁଛି ଯେ ମିଡିଆ ବ୍ୟକ୍ତିତ୍ୱମାନେ ପ୍ରଶ୍ନ କରୁଛନ୍ତି ଯେ ଯଦି ଫିଲ୍ମର ଶୀର୍ଷକ 'କେରଳ ଷ୍ଟୋରୀ', ତେବେ ମଞ୍ଚରେ ଥିବା ସମସ୍ତ ପୀଡିତା ଉତ୍ତର ଭାରତୀୟ କାହିଁକି ? ପ୍ରମୋସନ ସମୟରେ, ଜଣେ ସାମ୍ବାଦିକ ନିର୍ଦ୍ଦେଶକଙ୍କୁ ପଚାରିଛନ୍ତି, 'ମହାଶୟ, ଏଠାରେ ପୀଡିତାମାନେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଏବଂ ଅନ୍ୟାନ୍ୟ ରାଜ୍ୟର କାହିଁକି ?' ଉତ୍ତରରେ, ବିପୁଲ ଶାହ କୁହନ୍ତି, 'କେରଳ ଷ୍ଟୋରୀ ୧ ସମୟରେ, ଆମେ କେରଳ ପୀଡିତାମାନଙ୍କୁ ଆଣିଥିଲୁ; ଏହାର ଭିଡିଓ ଏବେ ବି ଶକ୍ଟୁଙ୍କଞ୍ଜଙ୍କଭର ରେ ଅଛି। ଯଦି ଆମେ ଆଜି ବି ସେମାନଙ୍କୁ ଆଣିଥାନ୍ତୁ, ତେବେ ଆପଣମାନେ କହିଥାନ୍ତେ ଯେ ଆମେ ସେହି ଲୋକଆନଙ୍କୁ ଫେରାଇ ଆଣୁଛୁ। ଏହା ଠିକ୍ ନୁହେଁ।' ନିର୍ଦ୍ଦେଶକଙ୍କ ଏଭଳି କଥା ଶୁଣି ଅନ୍ୟ ସାମ୍ବାଦିକ ପ୍ରଶ୍ନ କରନ୍ତି, 'ମହାଶୟ, ଶିକ୍ଷା କ୍ଷେତ୍ରରେ କେରଳ ହେଉଛି ଏକ ନମ୍ବର ରାଜ୍ୟ। ଆପଣ କେରଳକୁ ଅପମାନିତ କରୁଛନ୍ତି।' ଉତ୍ତରରେ, ନିର୍ମାତା କୁହନ୍ତି, 'ଯଦି ଆପଣ ଆପଣଙ୍କ ନିଜ ରାଜ୍ୟର ସମସ୍ୟା ପ୍ରତି ଅନ୍ଧ ହୋଇଯାଆନ୍ତି, ଯାହା ଏକ ସୁନ୍ଦର ରାଜ୍ୟ, ତେବେ ଆପଣ ଆପଣଙ୍କ ରାଜ୍ୟକୁ ନଷ୍ଟ କରୁଛନ୍ତି, ଆମକୁ ନୁହେଁ।' ଏହା ପରେ, ସାମ୍ବାଦିକମାନେ ନିର୍ମାତାଙ୍କୁ ପଚାରନ୍ତି ଯେ ଏହି ଫିଲ୍ମଟି କେରଳରେ ହେବାକୁ ଥିବା ନିର୍ବାଚନ ଯୋଗୁଁ ତିଆରି ହୋଇଛି କି ? ଉତ୍ତରରେ, ବିପୁଲ କୁହନ୍ତି, 'ପୂର୍ବରୁ, ଅନେକ ରାଜ୍ୟରେ ନିର୍ବାଚନ ହୋଇଛି - ବଙ୍ଗଳା, ରାଜସ୍ଥାନ, ମଧ୍ୟପ୍ରଦେଶ। ଯଦି ଆମେ ନିର୍ବାଚନକୁ ନେଇ ଏକ ଫିଲ୍ମ ତିଆରି କରିବାକୁ ଚାହୁଁଥାନ୍ତୁ, ତେବେ ଆମେ ସେହି ରାଜ୍ୟଗୁଡ଼ିକ ଉପରେ ମଧ୍ୟ ଫିଲ୍ମ ତିଆରି କରିଥାନ୍ତୁ।'

ସାମଗ୍ରିକ ଭାବରେ, ଯଦି ଆପଣ ଭିଡିଓଟି ଦେଖନ୍ତି, ତେବେ ଆପଣ ସ୍ପଷ୍ଟ ଭାବରେ ଦେଖିବେ ଯେ ସେଠାରେ ଉପସ୍ଥିତ ସାମ୍ବାଦିକମାନେ ମଧ୍ୟ ଫିଲ୍ମର କାହାଣୀକୁ ନେଇ ଖୁସି ନୁହଁନ୍ତି।

## ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ନିମନ୍ତେ କର୍ମଶାଳା: ଶିଶୁଙ୍କୁ ଉତ୍ତମ ବ୍ୟବହାର ଓ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବା ପାଇଁ ପରାମର୍ଶ

ଭଦ୍ରକ, ୨୬/୨ (ନି.ପ୍ର): ଜିଲ୍ଲା ପୋଲିସ ସଭାଗୃହ ପରିସରରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବିଭାଗ ତରଫରୁ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ଓ ଅଂଶୀଦାର ପ୍ରମୁଖ ଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ପିତ କୁମାର ମାଝୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟି ର ଅଧକ୍ଷ ସୁବ୍ରତ ବିଶ୍ୱାଳ,ଅନ୍ୟତମ ଅତିଥି ରୂପେ କିଶୋର ନ୍ୟାୟ ପରିଷଦ ର ସରକାରୀ ଅଭିଯୋକ୍ତା ଅଞ୍ଜୁ ରାଉତ,ଆଇନ ସେବା ପ୍ରାଧିକରଣ ର ଅତିରିକ୍ତ ସ୍ଥାୟୀ ଅଧିବକ୍ତା ଡ଼.ତାପସ କୁମାର ମହାନ୍ତି,ପୂର୍ବତନ ଜେଜେବି ସଦସ୍ୟ ଅଧିବକ୍ତା ବନମାଳୀ ଜେନା,ଜେଜେବି ସଦସ୍ୟ ବେଣୁଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଙ୍କ ତତ୍ତ୍ୱାବଧାନରେ ଶିଶୁ ସୁରକ୍ଷା ୟୁନିଟ ର ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସ ଙ୍କ ମଂଚ ସଂଯୋଜନା ରେ ବିଷୟ ବିଶାରଦ ରୂପେ ପୂର୍ବତନ ଶିଶୁକଲ୍ୟାଣ ସମିତି ,ଅନୁଗୁଳ ର ଅଧକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦାନ କରି ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ଓ ବିଭିନ୍ନ ଅଂଶୀଦାର ମାନଙ୍କ ପାଇଁ କିଶୋର ନ୍ୟାୟ ବ୍ୟବସ୍ଥା ରେ ଶିଶୁ ମାନଙ୍କ ପାଇଁ ପ୍ରାବଧାନତା ସମ୍ପର୍କରେ ଆଲୋକପାତ କରିଥିଲେ।ଶିଶୁ ଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ପାଇଁ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବାପାଇଁ ମୁଖ୍ୟ ଅତିଥି ନିଜ ବକ୍ତବ୍ୟ ରେ କହିଥିଲେ।ସେହିପରି ବିଭିନ୍ନ ଥାନା ର ଶିଶୁ ମଙ୍ଗଳ ଅଧିକାରୀ,ଉପ କାରାଗର ,ରେଳ ବିଭାଗ ର ପୋଲିସ ଅଧିକାରୀ, ପ୍ୟାନେଲ ଅଧିବକ୍ତା,ବିଭିନ୍ନ ପରାମର୍ଶଦାତା , ସଖୀ ସେଂଟର,ଶକ୍ତି କେନ୍ଦ୍ର ,ଚାଇଲ୍ଡ ହେଲ୍ପ ଲାଇନ ର କର୍ମକର୍ତା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।ଶିଶୁ ମାନଙ୍କ ପାଇଁ ଆଇନ ର ବ୍ୟବସ୍ଥା,ଆଇନ୍ ସହ ଦ୍ୱନ୍ଦରେ ଥିବା ଶିଶୁ ଙ୍କୁ କିପରି ସାମାଜିକ ସ୍ରୋତରେ ସାମିଲ କରାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଶିଶୁ ସୁରକ୍ଷା ୟୁନିଟ ର ସୁରକ୍ଷା ଅଧିକାରିଣୀ (ଅଣ-ଆନୁଷ୍ଠାନିକ) ସ୍ୱାଗତିକା ବାରିକ୍, ସୁବାଶିଷ ମିଶ୍ର,କୁଳଦୀପ ଜେନା,ଦମୟନ୍ତୀ ଦାଶ ସମେତ ଚାଇଲ୍ଡ ଲାଇନ ର ଟିମ୍ ସଦସ୍ୟ ଲକ୍ଷ୍ମୀକାନ୍ତ ସେଠୀ, ଚନ୍ଦ୍ରକାନ୍ତ ଗୋଚ୍ଛାୟତ,ପରାମର୍ଶ ଦାତା ଲକ୍ଷ୍ମଣ ଜେନା, ପରିଦର୍ଶକ ଦିଗ୍ ବିଜୟ ମହାନ୍ତି, କାହ୍ନୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।ବିଭିନ୍ନ ପ୍ରଶ୍ନୋତର କାର୍ଯ୍ୟକ୍ରମ ପରେ ଶ୍ରୀମତୀ ବାରିକ୍ ଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଅପରେସନ ସାଇବର କବଚ- ୧୧୧୫୫ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୨୩୮ ଜଣ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୬/୨ (ନି.ପ୍ର): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୧୧୧୫୫ଟି ମ୍ୟୁଲ୍/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୪୮୦ଟି ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୧୧ଟି, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୧୮ଟି ଏବଂ ୯ଟି ନକଲି ସିମ୍/ଟକ୍ଲୁଫ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏହାସହ ୨୩୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ ନୂଆ ଓ ପୁରୁଣା ୧୨୧ଟି ଏଫ୍.ଆଇ.ଆର ସହ ସଂପୃକ୍ତ ୩୦୫୯ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ କଟକ ଜିଲ୍ଲା ପୋଲିସ ୫୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୧୦ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ଜଗତସିଂହପୁର ଜିଲ୍ଲା ପୋଲିସ ୧୦୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମାମଲା ରୁଜୁ କରି ୧ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୧୦ଜଣଙ୍କୁ ନୋଟିସ୍ ଜାରି କରିଛି। ଯାଜପୁର ଜିଲ୍ଲା ପୋଲିସ ୫୮ଟି, କେନ୍ଦ୍ରାପଡ଼ା ୧୭୫ଟି, ଖୋର୍ଦ୍ଧା ୧୧୮ଟି, ପୁରୀ ୪୪ଟି, ବଲାଙ୍ଗିର ୩୪ଟି, ଝାରସୁଗୁଡ଼ା ୧୮୮ଟି, ସୁବର୍ଣ୍ଣପୁର ୬ଟି, କେନ୍ଦୁଝର ୫୨ଟି, ରାଉରକେଲା ୧୩୦ଟି, ସୁନ୍ଦରଗଡ଼ ୧୫ଟି, ବାଲେଶ୍ୱର ୩୧୦ଟି, କଟକ (ୟୁପିଡି) ୨ଟି, ଗଞ୍ଜାମ ୮୫ଟି, କନ୍ଧମାଳ ୧୧ଟି, ଦେବଗଡ଼ ୧୦୫ଟି, ନୂଆପଡ଼ା ୨୨ଟି ଏବଂ ରାୟଗଡ଼ା ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ସମ୍ପୃକ୍ତ ମାମଲା ରୁଜୁ, ଗିରଫ ଓ ଆଇନଗତ ନୋଟିସ୍ ଜାରି କରିଛନ୍ତି। ସେହିପରି ନୟାଗଡ଼, ସମ୍ବଲପୁର, ଭଦ୍ରକ, ମୟୂରଭଞ୍ଜ, ବ୍ରହ୍ମପୁର, ବୌଦ୍ଧ, ଢେଙ୍କାନାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ପୋଲିସ ପୁରୁଣା ଏଫ୍.ଆଇ.ଆର ସହ ସଂପୃକ୍ତ ବେନାମୀ ଆକାଉଣ୍ଟ ଯାଞ୍ଚ କରି ଆବଶ୍ୟକ ଆଇନଗତ ପଦକ୍ଷେ ଗ୍ରହଣ କରିଛନ୍ତି।

## ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ଉପରେ ଜିଲ୍ଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୬/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଅଧକ୍ଷତାରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭାରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ର ଜିଲ୍ଲା ସ୍ତରୀୟ ସଚେତନତା ଶିବିର ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ତରଭା ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ କହିଥିଲେ ଯେ ଆଜିକାଲି ଅଧିକାଂଶ ସମସ୍ୟାର ମୂଳ କାରଣ ହେଉଛି ଯୁବ ଓ ବରିଷ୍ଠ ପିଢ଼ି ମଧ୍ୟରେ ଥିବା ଚିନ୍ତାଧାରାର ବ୍ୟବଧାନ। ସେମାନେ ପରସ୍ପରକୁ ଗ୍ରହଣ କଲେ ଅନେକ ସମସ୍ୟାର ସମାଧାନ ସମ୍ଭବ ହେବ। ଆମେ ଆଇନର ସହାୟତା ନ ନେଇ ମଧ ବରିଷ୍ଠ ନାଗରିକଙ୍କ ସହିତ ବୁଝାମଣାରେ ରହିପାରିବା ବୋଲି ସେ କହିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଓ ହେଲ୍ପେଜ ଇଣ୍ଡିଆର ପ୍ରକଳ୍ପ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ଉପସ୍ଥିତ ଥିଲେ। ଶିବିରରେ ଭରଣପୋଷଣ ବରିଷ୍ଠ ନାଗରିକ ଆଇନ, ୨୦୦୭ ବିଷୟରେ ଉପସ୍ଥିତ ଅଧିକାରୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା। ଶ୍ରୀମତୀ ବ୍ରହ୍ମା କହିଥିଲେ ଯେ ଏହି ଅଧିନିୟମ କେବଳ ୬୦ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ନୁହେଁ, ବରଂ ଯେଉଁ ପିତାମାତାଙ୍କ ଉପରେ ଅତ୍ୟାଚାର ହେଉଛି ସେମାନେ ଏହି ଆଇନ ଅନୁଯାୟୀ ସଂପୃକ୍ତ ଉପଜିଲ୍ଲାପାଳ ବା ଟ୍ରିବ୍ୟୁନାଲ୍ ମାଧମରେ ନ୍ୟାୟ ପାଇପାରିବେ। ଯଦି ଉପଜିଲ୍ଲାପାଳ ବା ଟ୍ରିବ୍ୟୁନାଲ୍ ଆଦେଶ ବା ରାୟ ଉପରେ ଅସନ୍ତୁଷ୍ଟ ହେଲେ ଅପିଲ ଅଧିକାରୀ ତଥା ଜିଲ୍ଲାପାଳ ଙ୍କ ନିକଟରେ ଅପିଲ ଫାଇଲ କରିବାର ବ୍ୟବସ୍ଥା ଏହି ଆଇନ ରେ ଥିବା ବିଷୟ ଅବଗତ କରାଯାଇଥିଲା। ପ୍ରତ୍ୟେକ ଜିଲ୍ଲାରେ ୧୫୦ କ୍ଷମତାସମ୍ପନ୍ନ ବରିଷ୍ଠ ନାଗରିକ ଆଶ୍ରୟସ୍ଥଳୀ ରହିବା ଓ ଏହାର ତଦାରଖ ଜିଲ୍ଲାପାଳ କରିବେ ବୋଲି ସୂଚନା ଦିଆଯାଇଥିଲା। ଫର୍ମ-ଏ ପୂରଣ କରି ମାମଲା ରୁଜୁ କରିବା ଏବଂ ସଠିକ ପରିଚାଳନା ମାଧମରେ ପୀଡ଼ିତଙ୍କୁ ନ୍ୟାୟ ଦେବାର ବ୍ୟବସ୍ଥା ଥିବା ସଚେତନ କରାଯାଇଥିଲା। ଜିଲ୍ଲା ନାଗରିକ କଲ୍ୟାଣ କମିଟି ପ୍ରତିମାସରେ କମରେ ଥରେ ବୈଠକ କରିବା ଆବଶ୍ୟକ ଓ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବ୍ଲକ୍କୁ ପହଂଚାଯିବ ବୋଲି କୁହାଯାଇଥିଲା। କେହି ବରିଷ୍ଠ ନାଗରିକ କିମ୍ବା ପିତାମାତା ଅସୁବିଧାର ସମ୍ମୁଖୀନ ହେଲେ ଏଲଡରଲାଇନ ହେଲ୍ପଲାଇନ ୧୪୫୬୭ ରେ ସହାୟତା ନେଇପାରିବେ। ଶେଷରେ ଜିଲ୍ଲାପାଳ ଶ୍ରୀ ସାହୁ ବରିଷ୍ଠ ନାଗରିକମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ସେମାନେ ଏବେ ମଧ ଯୁବା ଅବସ୍ଥାରେ ଅଛନ୍ତି ଏବଂ ନୂତନ ପିଢ଼ିକୁ ଗ୍ରହଣ କଲେ ସମସ୍ୟାର ସମାଧାନ ସହଜ ହେବ। ଯୁବ ପିଢ଼ି ମଧ ସେମାନଙ୍କୁ ଗ୍ରହଣ କରିବା ଉଚିତ କାହିଁକି ନା ସେମାନେ ମଧ ଦିନେ ସେହି ଅବସ୍ଥା ରେ ପହଁଚିବେ।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ବନ ବିଭାଗ ପକ୍ଷରୁ କାତିକେଲାଠାରେ ସଚେତନତା ଓ ମକ୍ ଡ୍ରିଲ୍

ଝାରସୁଗୁଡ଼ା, ୨୬/୨ (ନି.ପ୍ର): ଆଗାମୀ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁର ପ୍ରତିରୋଧ ଏବଂ ଏହାର ନିରାକରଣ ପାଇଁ ପ୍ରସ୍ତୁତି ସ୍ୱରୂପ ଝାରସୁଗୁଡ଼ା ବନାଂଚଳ, ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ କାତିକେଲା ଗ୍ରାମଠାରେ ଜିଲ୍ଲାସ୍ତରୀୟ 'ଜଙ୍ଗଲ ନିଆଁ ସଚେତନତା ସଭା ଏବଂ ମକ୍ ଡ୍ରିଲ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ସମ୍ପଦକୁ ଅଗ୍ନି ଦାଉରୁ ରକ୍ଷା କରିବା ଏବଂ ସ୍ଥାନୀୟ ସମୁଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଜଙ୍ଗଲରେ ନିଆଁ ଲାଗିଲେ ତାହାକୁ କିପରି ତୁରନ୍ତ ଆୟତ କରାଯିବ ଏବଂ ବିଭିନ୍ନ ପ୍ରକାରର ଉଦ୍ଧାର କାର୍ଯ୍ୟ କୌଶଳ ସମ୍ପର୍କରେ ଏକ ମକ୍ ଡ୍ରିଲ୍ କରାଯାଇଥିଲା। ଏହାସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାତିକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲ ନିଆଁର ଭୟାବହତା ଏବଂ ଏହାର ପ୍ରତିକାର ସମ୍ପର୍କରେ ସଚେତନତା ବାର୍ତ୍ତା ପରିବେଷଣ କରିଥିଲେ। ବିଜୟ କୁମାର ପ୍ରଦାନ, ବନାଂଚଳ ଅଧିକାରୀ ଏହି କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏଥିସହ କାର୍ଯ୍ୟକ୍ରମରେ କାତିକେଲା ନାଏବ ସରପଂଚ, କେନ୍ଦୁପତ୍ର ବିଭାଗର କର୍ମଚାରୀ, ଝାରସୁଗୁଡ଼ା ରେଞ୍ଜର ବନ କର୍ମଚାରୀ, ଅଗ୍ନିଶମ ବାହିନୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବନ ସଂରକ୍ଷଣ ସମିତିର ସଦସ୍ୟ ଏବଂ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଜଙ୍ଗଲର ସୁରକ୍ଷା ପାଇଁ ଗୋଷ୍ଠୀଗତ ସହଭାଗିତା ଏକାନ୍ତ ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଝାରସୁଗୁଡ଼ା ବନାଂଚଳ, ଝାରସୁଗୁଡ଼ା ବନଖଣ୍ଡର ସ୍ୱତନ୍ତ୍ର ସ୍କ୍ୱାଡ୍ ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରାକୁ ଭଦ୍ରକରେ ସ୍ୱାଗତ

ଭଦ୍ରକ, ୨୬/୨ (ନି.ପ୍ର): ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଏକ ଲୋକ ଅଧିକାର ଯାତ୍ରା ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠ କଟକ ଜିଲ୍ଲାର ସତ୍ୟଭାମାପୁରରୁ ଆରମ୍ଭ ହୋଇ ଜଗତସିଂପୁର, ଯାଜପୁର ଜିଲ୍ଲା ଅତିକ୍ରମ କରି ଭଦ୍ରକରେ ପହଂଚିଥିଲା । ଏହି ଅଭିଯାତ୍ରୀ ଦଳକୁ ଭଦ୍ରକବାସୀଙ୍କ ପକ୍ଷରୁ ଫୁଲ ତୋଡା ଦିଆଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଅଭିଯାତ୍ରୀ ଦଳରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା , ଗଣ ଆନ୍ଦୋଳନର ନେତା ନରେନ୍ଦ୍ର ମହାନ୍ତି, ପଶ୍ଚିମ ଓଡିଶାର କୃଷକ ନେତା ଲିଙ୍ଗରାଜ ପ୍ରଧାନ , ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂପାଦକ ବିଶ୍ୱଜିତ୍ ରାୟ, ପରିବେଶ ନ୍ୟାୟ କେନ୍ଦ୍ର ସଂପାଦକ ସର୍ବେଶ୍ୱର ସାହୁ, ଆଦିବାସୀ ନେତା ସୁକାନ୍ତ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଭଦ୍ରକ ଜିଲ୍ଲାବାସୀଙ୍କ ପକ୍ଷରୁ ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କଂଗ୍ରେସ ଦଳିତ ସେଲ ର ସଂପାଦକ ରାଜେନ୍ଦ୍ର ଯେନା, ଓଡିଶା ରାଜ୍ୟ ବାର୍ କାଉନସିଲ ର ପୂର୍ବତନ ସଭ୍ୟ ବରିଷ୍ଠ ଆଇନଜୀବି ପବନ ଶର୍ମା, ଗାନ୍ଧୀବାଦୀ ବୁଦ୍ଧିଜୀବି ସେକ୍ ଫାରୁକ୍, ବରିଷ୍ଠ ନାଗରିକ ମଂଚ ସଭାପତି ଲଲାଟେନ୍ଦୁ ମହାନ୍ତି, ରୋଟାରୀ କ୍ଲବ ସଭାପତି ନାସିର ବକ୍ସ , ସଂଖ୍ୟାଲଘୁ ସେଲ ର ସଂପାଦକ ସେକ୍ କଲାମ, ସେକ୍ ସବୀର ପ୍ରମୁଖ କଚେରୀ ବଜାର ଠାରେ ଉପସ୍ଥିତ ହୋଇ ଏହି ଯାଠାକୁ ସ୍ୱାଗତ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ପରିବେଶ ଆଇନକୁ ଯେଭଳି ଉଲଙ୍ଘନ କରାଯାଇ ଦେଶୀ ବିଦେଶୀ ବହୁଜାତୀୟ ପୁଞ୍ଜିପତି ମାନଙ୍କୁ ଆମ ଦେଶର ଜଙ୍ଗଲ,ସମୁଦ୍ର, ଖଣି, ନଦୀ, ଝରଣା ଆଦିକୁ ଯେଭଳି ବିକ୍ରିକରାଯାଉଛି , ତାହା ବିରୁଧରେ ଲଢେଇ କରିବାକୁ ଏକଜୁଟ ହେବାକୁ ଲୋକ ଅଧିକାର ଯାତ୍ରା ପକ୍ଷରୁ ଆହ୍ୱାନ ଦିଆଯାଇଥିଲା ।

## ଅଧୁରା ରହିଯିବ କି କୁଟାସିଂହା - କପାଶିରା ଅଙ୍ଗ ନଦୀ ସେତୁ

ବଲାଙ୍ଗୀର, ୨୬/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ କୁଟାସିଂହା ଅଂଚଳ ରୁ ଉଭୟ ବଲାଙ୍ଗୀର - ସୁବର୍ଣ୍ଣପୁର ଜିଲ୍ଲାକୁ ଗମନାଗମନରେ ଯୋଡି ବାକୁ କୁଟାସିଂହା-କପାଶିରା ମଧ୍ୟରେ ପ୍ରବାହିତ ଅଙ୍ଗନଦୀ ଉପରେ ଏକ ସୁଉଚ୍ଚ ସେତୁ ନିର୍ମାଣ କାମ ୨୦୧୯ରେ ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣକାରି ସଂସ୍ଥା ଆଶୀର୍ବାଦ କନଷ୍ଟ୍ରାକସନ ନିର୍ମାଣ କାମ କରୁଥିଲା ଏବଂ ୩-୩-୨୦୨୪ରେ କାର୍ଯ୍ୟ ଶେଷ କରିବାକୁ ସୂଚନା ଫଳକ ରେ ଉଲ୍ଲେଖ ରହିଥିଲା। ହେଲେ ୬ ମାସ ପୂର୍ବ ରୁ ଗତ ୨୦୨୩ ଅଗଷ୍ଟ ମାସରୁ ସମ୍ପୃକ୍ତ ଠିକାଦାର ନିର୍ମାଣ କାମ ଅସମ୍ପୂର୍ଣ କରି କୌଣସି କାରଣରୁ ଛୁ ମାରିଛି। ତାହା ଏପର୍ଯ୍ୟନ୍ତ ଜଣା ପଡି ନାହିଁ। ଏନେଇ ଠିକାଦାରଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କ ଫୋନ ଲାଗୁନାହିଁ। ଏଠାରେ ସୂଚନାଯୋଗ୍ୟ ଯେ ଉପାନ୍ତ ଅଂଚଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ, ବିଭାଗୀୟ କର୍ତୃପକ୍ଷ ଓ ନିର୍ବାଚିତ ଲୋକ ପ୍ରତିନିଧି ଦୃଷ୍ଟି ଦେଉନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ନଦୀ ଉପରେ ସେତୁ କାମ ପ୍ରାୟ ସରି ଯାଇଥିଲେ ହେଁ ସେତୁ ସଂଲଗ୍ନ ଉଭୟ ପାର୍ଶ୍ୱ କାମ ବାକି ରହିଛି। ଏନେଇ ବିଭିନ୍ନ ଖବର କାଗଜରେ ଖବର ମଧ ପ୍ରକାଶିତ ହୋଇଛି। ଏହି ବ୍ରିଜ ସମ୍ପୂର୍ଣ୍ଣ ହେଲେ ବଲାଙ୍ଗୀର ସୋନପୂର୍ ଜିଲ୍ଲାର ଜନ ସାଧାରଣ ଉପକୃତ ହେବେ। ବିଶେଷ କରି ସଲେଭଟା, ପଟୁଆପାଲି, ଜୋଗିସର୍ଡା, ବାଦିବାହାଲ, ମୂର୍ସୁନ୍ଧି, କପଶିରା, ଜୁଲୁଣ୍ଡା, ଲଛିପୁର ଦିଗ୍ସିରା ଗ୍ରାମ ପଂଚାୟତର ସ୍ଥାନୀୟ ଲୋକ ଙ୍କ ଗମନାଗମନରେ ସୁବିଧା ହେବ। ଏ ଅଂଚଳର ଜଣ ସାଧାରଣ, ବୁଦ୍ଧିଜୀବୀ କହିବା ଅନୁସାରେ ଏନେଇ ବହୁବାର ସ୍ଥାନୀୟ ଜନପ୍ରତିନିଧିଙ୍କ, ବିଭାଗୀୟ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ଏଇ କିଛି ଦିନ ପରେ କାମ ଆରମ୍ଭ ହୋଇଯିବ ବୋଲି କହି ଭୁଆଁ ବୁଲାଉଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଦିନକୁ ଦିନ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଅଧୁରା ରହିଯିବ କି ଅଙ୍ଗନଦୀ ସେତୁ ବୋଲି ଲୋକଙ୍କ ମଧ୍ୟରେ ଆଶଙ୍କା ରହିଛି।

## ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କ ବୃତ୍ତି ଚୟନ ଓ ଜୀବନ କୌଶଳ ଉପରେ ପର୍ଯ୍ୟବେଶିତ ଜିଲ୍ଲାସ୍ତରୀୟ କର୍ମଶାଳା

ଭଦ୍ରକ, ୨୬/୨ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୁଲ୍ୟ ରେ ଶିଶୁ ଶିଶୁ ଯତ୍ନ ଅନୁଷ୍ଠାନ ର କର୍ମଚାରୀ ଓ ଶିଶୁ ମାନଙ୍କୁ ନେଇ ଶିଶୁମାନଙ୍କ ବୃତି ଚୟନ ଓ ଜୀବନ କୌଶଳ ଉପରେ ପର୍ଯ୍ୟବେଶିତ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ପୁରାତନ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କର୍ଯ୍ୟାଳୟ , ଭଦ୍ରକ ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପ୍ରାକ୍ତନ ଅଧକ୍ଷ ଡା ଦେବରାଜ ପାଣିଗ୍ରାହୀ ଶିଶୁ ମାନଙ୍କୁ ଉପଯୁକ୍ତ ବୃତିଗତ ଶିକ୍ଷା ଦ୍ୱାରା ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ ଯୋଗଦେଇ ବୈଷୟିକ ଶିକ୍ଷା ପ୍ରାପ୍ତି ଦ୍ୱାରା ଶିଶୁ କର୍ମ ଲାଭ କରି ରୋଜକାର କରିବା ଦିଗରେ ଶିଶୁ ଯତ୍ନ ଅନୁଷ୍ଠାନ ମାନେ ବିଶେଷ ଧ୍ୟାନ ଦେବା ଦରକାର । ଅନ୍ୟତମ ସନମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ର ସଦସ୍ୟା ଲଳିତା ସାହୁ ଯୋଗଦେଇ ଜୀବନ କୌଶଳ ଶିକ୍ଷା ଦ୍ୱାରା ଶିଶୁ ମାନେ ଆତ୍ମ ନିର୍ଭରସିଳ ହୋଇପାରିବ। ଉପରେ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ରେ ସନମାନିତ ଅତିଥି ଭାବେ ସରକାରୀ ପୋଲିଟେକ୍ନିକ ମହାବିଦ୍ୟାଳୟ , ଭଦ୍ରକ ଅଧକ୍ଷ ଏସ . ସି . ରାଉତ ଯୋଗଦେଇ ଡିପ୍ଲୋମା ଶିକ୍ଷା ଲାଭକରି ଶିଶୁ କିପରି ଉଚ କର୍ମ ସଂସ୍ଥାନ ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ର ବୈଷୟିକ ଅଧିବେଶନ ରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ର ଅଧକ୍ଷ ଦୁସମନ୍ତ ପାଣିଗ୍ରାହୀ ଯୋଗଦେଇ ଶିଳ୍ପ ତାଲିମ ପାଠ୍ୟ ଦ୍ୱାରା କର୍ମ ନିଯୁକ୍ତି ସୁନିଶ୍ଚିତ ହୋଇଥାଏ ଏବଂ ଶିଶୁ ଶିଳ୍ପ ତାଲିମ ଶିକ୍ଷା ମାଧ୍ୟମ ଦ୍ୱାରା ଉଚତର ଶିକ୍ଷା ପ୍ରାପ୍ତି କରିପାରିବେ ବୋଲି ମତ ବ୍ୟକ୍ତ କରିଥିଲେ । ଏଥିରେ ଅନ୍ୟତମ ବିଷୟ ବିଶାରଦ ଭାବେ ସରକାରୀ ପୋଲିଟେକ୍ନିକ ମହାବିଦ୍ୟାଳୟ , ଭଦ୍ରକ ର ତୃପ୍ତି ରଞ୍ଜନ ମିଶ୍ର ଯୋଗଦେଇ ଡିପ୍ଲୋମା ଶିକ୍ଷା ଉପରେ ଗଭୀର ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ର ପାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା। ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟ କର୍ମ ସୟନ୍ଧରେ ବିସ୍ତୃତ ଅଲୋଚନ। କରି ବୈଷୟିକ ଓ ଧନ୍ଦା ମୂଳକ ଶିକ୍ଷା ଉପରେ ଜୋର ଦେଇଥିଲେ । ଉକ୍ତ କାର୍ଯ୍ୟ କ୍ରମ ରେ ଜିଲ୍ଲା ରେ ଥିବା ୭ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ର ଅଧିକ୍ଷକ , ପରାମର୍ଶ ଦାତା /ଦାତ୍ରୀ , ଶିଶୁ ମଙ୍ଗଳ ଅଧିକାରୀ , ଓ ଶିଶୁ ମାନେ ମଧ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଲକ୍ଷ୍ମୀପ୍ରିୟ ମଲିକ , ଧୀରଜ କୁମାର ବାରିକ , ଦମୟନ୍ତୀ ଦାଶ , ନବୀନ ଚନ୍ଦ୍ର ବେହେରା ଯୋଗଦାନ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ ମହେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷର । ଶିଶୁ ସୁରକ୍ଷା ୟୁନିଟ ବିଶ୍ୱ ନାରାୟଣ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

## ୯୨ତମ ସଂସ୍କୃତି ଚର୍ଚ୍ଚା ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର, ୨୬/୨ (ନି.ପ୍ର): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୯୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ବିଶିଷ୍ଟ ଲେଖକ, ସମ୍ପାଦକ ଏବଂ ଶିକ୍ଷାବିତ୍ ଡକ୍ଟର ଗୌରହରି ଦାସ। ମୁଖ୍ୟ ଅତିଥିଭାବରେ ଯୋଗଦାନ କରିଥିଲେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ, ଦେବପ୍ରସାଦ ଦାଶ, ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ବନାନୀ ମହାପାତ୍ର । ସମ୍ମାନର ମୁଖ୍ୟ ବକ୍ତା ଡକ୍ଟର ଗୌରହରି ଦାସ କହିଥିଲେ ଯେ ବିବର୍ତନବାଦ ତତ୍ତ୍ୱର ଭାଷ୍ୟକାର ଚାର୍ଲସ ଦାରୱିନ ବୀରଭୋଗ୍ୟା ବସୁନ୍ଧରା ବା 'ସର୍ଭାଇଭାଲ ଅଫ୍ ଦ ଫିଟେଷ୍ଟ' କଥା କହିଥିଲେ ମଧ ପରବର୍ତୀ ସମୟରେ ସେ ଏହାର ସଂଶୋଧନ କରିଥିଲେ। ସେ ତାଙ୍କର ଅନ୍ୟ ଏକ ବହିରେ ଉଲ୍ଲେଖ କରିଥିଲେ ଯେ ପ୍ରକୃତରେ ପରୋପକାରୀ ଓ ଦୟାର୍ଦ୍ର ବ୍ୟକ୍ତିମାନେ ବିଜୟୀ ହୋଇ ଥାଆନ୍ତି । ଦାରୱିନ ତାଙ୍କର ଏହି ମତ ମୃତ୍ୟୁର ୧୧ ବର୍ଷ ପୂର୍ବରୁ ଲେଖିଥିବା ଖଣ୍ଡିଏ ଗ୍ରନ୍ଥରେ ଉଲ୍ଲେଖ କରିଥିଲେ । ବାସ୍ତବରେ ମାଂସପେଶୀର ଶକ୍ତି ନୁହେଁ ହୃଦୟର କରୁଣା ଓ ପ୍ରେମ ମନୁଷ୍ୟକୁ ବିଜୟୀ କରିଥାଏ । ଭାରତବର୍ଷର ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ଏଭଳି ଏକ ଅନନ୍ୟ ରାଜ୍ୟ ଯାହା ହଜାର ହଜାର ବର୍ଷ ଧରି ପ୍ରେମ ଓ କରୁଣାକୁ ଗୁରୁତ୍ୱ ଦେଇ ଆସିଛି । ବହୁବର୍ଷ ଧରି ଏ ରାଜ୍ୟ ଜୈନ-ବୌଦ୍ଧ ଧର୍ମର ପ୍ରଭାବରେ ପ୍ରଭାବିତ ହୋଇଥିଲା ବେଳେ ଶ୍ରୀଜଗନ୍ନାଥ ସଂସ୍କୃତି ଏହାକୁ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ଏକ ମୈତ୍ରୀଭାବରେ ସମଗ୍ର ମଣିଷ ସମାଜକୁ ଦେଖିବାର ସାମର୍ଥ୍ୟ ଦେଇଛି । ସେହିପରି ଭାବରେ ଶୈବଧର୍ମର ତ୍ୟାଗ, ସରଳ ଜୀବନ ଚର୍ଯ୍ୟା ଏବଂ କରୁଣା ମଧ ଓଡ଼ିଶାରେ ଲୋକପ୍ରିୟ । ଓଡ଼ିଆ ସଂସ୍କୃତିର ଏହି ବୈଶିଷ୍ଟ୍ୟ 'ଦେଉଳତୋଳା', 'ଲକ୍ଷ୍ମୀପୁରାଣ', 'ସ୍ତୁତିଚିନ୍ତାମଣି', 'ଧର୍ମପଦ' ପରି ବିଭିନ୍ନ ଆଖ୍ୟାୟିକା, ସ୍ତୁତି ଓ କବିତାରେ ବର୍ଣ୍ଣିତ ହଜାର ହଜାର ବର୍ଷର ଉଦାରବାଦୀ ସଂସ୍କୃତି ଓଡ଼ିଶାର ଜନସାଧାରଣଙ୍କୁ ପ୍ରାଚୁର୍ଯ୍ୟ ପାଇଁ ହୃଦୟହୀନ ପ୍ରତିଯୋଗିତା, ରକ୍ତପାତ, ଜାତିଆଣ ବିଦ୍ରୋହ ଇତ୍ୟାଦି ଠାରୁ ଦୂରରେ ରଖିଛି । ଭୌତିକ ଏବଂ ବସ୍ତୁବାଦ ଦୃଷ୍ଟିରୁ ଆଜି ଦୁର୍ବଳ ମନେ ହେଉଥିବା ଓଡ଼ିଶା ଦିନେ ଭାରତରେ ସର୍ବୋତ୍ତମ ରାଜ୍ୟରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ । ଆଜି ପୃଥିବୀର ଯେଉଁ ଯେଉଁ ଦେଶ ସାମରିକ କ୍ଷେତ୍ରରେ ଆଗୁଆ ସେ ଦେଶର ନାଗରିକମାନେ ସୁଖୀ ଜୀବନ ଯାପନ କରୁନାହାନ୍ତି । ଅନ୍ୟପକ୍ଷରେ ଫିନ୍ଲ୍ୟାଣ୍ଡ, ନେଦରଲ୍ୟାଣ୍ଡ, ସୁଇଡ଼େନ୍ ଓ ଭୁଟାନ ପରି ଦେଶର ଲୋକେ ସୁଖ ଶାନ୍ତିରେ ଜୀବନ କାଟୁଛନ୍ତି । ମଣିଷର ଶାନ୍ତି ଓ ସୁଖ ସାମରିକ ସାମର୍ଥ୍ୟଠାରୁ ବଡ଼ ବୋଲି ବୁଦ୍ଧ, ଦଲାଇଲାମା, ବଳରାମ ଦାସ, ଭୀମ ଭୋଇ ଏବଂ ଗୋପବନ୍ଧୁ ଦାସଙ୍କ ପରି ମନୀଷୀମାନେ କହିଯାଇଛନ୍ତି । ଓଡ଼ିଶା ସଂସ୍କୃତିର ମୂଳଦୁଆ ପ୍ରେମ ଓ କରୁଣା ହୋଇଥିବାରୁ ଏହା ଭବିଷ୍ୟତରେ ଭୌତିକ ସମୃଦ୍ଧି ମଧ ଲାଭ କରି ପାରିବ । ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ କହିଥିଲେ ଯେ କରୁଣାର ଅର୍ଥ ସମ୍ବେଦନା ନୁହଁ, ଏହା ସମ୍ବେଦନା ଠାରୁ ଆଉ କିଛି ପାଦ ଆଗରେ ଅର୍ଥାତ ସାଥିରେ ରହି ଦୁଃଖ ସହିବା । ଜଗନ୍ନାଥ ସଂସ୍କୃତିରେ କେବଳ ପ୍ରେମ ଅଛି ଏବଂ କରୁଣା ଅଛି । ଓଡ଼ିଶାର ଭୀମ ଭୋଇ କହିଛନ୍ତି "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ" ଏହାର ଅର୍ଥ ସମସ୍ତେ ଆନନ୍ଦିତ ହୁଅନ୍ତୁ ଏବଂ ସମସ୍ତଙ୍କର ବିଷାଦ କଟିଯାଉ ।

## ପିଲାଚୋରି ଗୁଜବ ଏବଂ ଅପପ୍ରଚାରଠାରୁ ଦୂରେଇ ରହିବା ପାଇଁ ବେତନଟୀ ପୁଲିସ ପକ୍ଷରୁ ଜରୁରୀକାଳୀନ ଆଲୋଚନା

ବେତନଟୀ,୨୬/୨(ନି.ପ୍ର)- ମୟୂରଭଞ୍ଜ ଜିଲ୍ଲାରେ ପିଲାଚୋରି ଗୁଜବ ଏବେ ଚରମସ୍ଥିତିରେ ପହଁଞ୍ଚିବା ବେଳେ ଏଭଳୁ ଗୁଜବ ଏବଂ ଅପପ୍ରଚାର ଠାରୁ ଦୂରେଇ ରହିବାକୁ ମୟୂରଭଞ୍ଜ ଜିଲ୍ଲା ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ପୁଲିସ ପକ୍ଷରୁ କୃଷ୍ଣଚନ୍ଦ୍ରପୁର ଫାଣ୍ଡି କାର୍ଯ୍ୟାଳୟରେ ଜନପ୍ରତିନିଧି, ଶିକ୍ଷାବିତ ଏବଂ ସଚେତନ ନାଗରିକ ମାନଙ୍କୁ ନେଇ ଏକ ଜରୁରୀକାଳୀନ ଆଲୋଚନାଚକ୍ର ଗୁରୁବାର ଆୟୋଜିତ ହୋଇଯାଇଛି । କୃଷ୍ଣଚନ୍ଦ୍ରପୁର ଫାଣ୍ଡିଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ସଚେତନ।ମୂଳକ ଆଲୋଚନାଚକ୍ରରେ ବେତନଟୀ ଥାନା ଆଇଆଇସି ଅଧକ୍ଷତା କରିଥିଲେ। ଏଥିରେ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅନ୍ତର୍ଗତ ବାରିପଦା ସଦରବ୍ଲକ ଏବଂ ମୋରଡାବ୍ଲକର ପଞ୍ଚାୟତ ମାନଙ୍କରୁ ସରପଞ୍ଚ, ପଞ୍ଚାୟତସମିତିସଭ୍ୟ/ ସଭ୍ୟା, ବୁଦ୍ଧିଜୀବୀ, ସଚେତନ ନାଗରିକ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ନିର୍ବାଚିତ ଜନପ୍ରତିନିଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପିଲାଚୋର ଗୁଜବକୁ ବିଶ୍ୱାସ କରିବାର ପରିଣାମ କିଭଳି ଭୟଙ୍କର ହୋଇପାରେ ସେନେଇ ଆଲୋଚନା କରାଯାଇଥିଲା । ପିଲାଚୋର ଭଳି ଗୁଜବ ଏବଂ ଅପପ୍ରଚାର ଠାରୁ ଦୂରେଇ ରହିବାକୁ ଗାଁ ଏବଂ ୱାର୍ଡସ୍ତରରେ ବ୍ୟାପକ ସନଚେତନତା କାର୍ଯ୍ୟକ୍ରମ କରିବାକୁ ସରପଞ୍ଚ ଏବଂ ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ପରାମର୍ଶ ଦିଆଯାଇଥିଲା। ତେବେ କୌଣସି ସନ୍ଦୀଗ୍ଧ ବ୍ୟକ୍ତିବିଶେଷ କିମ୍ବା ସନ୍ଦେହଜନକ ଗତିବିଧି ପରିଲକ୍ଷିତ ହେଲେ ତୁରନ୍ତ ଗେଲଙ୍ଗୀ ନମ୍ବର ୧୧୨ରେ ପୁଲିସ କଣ୍ଟ୍ରୋଲରୁମ ନଚେତ ନିକଟସ୍ଥ ଥାନାକୁ ସଙ୍ଗେସଙ୍ଗେ ଅବଗତ କରିବାକୁ ପରାମର୍ଶ ଦିଆଯାଇଥିଲା।କୌଣସି ଗୁଜବ କିମ୍ବା ଅପପ୍ରଚାରର ବଶବର୍ତ୍ତି ହୋଇ ଆଇନକୁ ହାତକୁ ନନେଇ କିଭଳି ପୁଲିସ ପ୍ରଶାସନ ସହାୟତାରେ ସମସ୍ୟାର ସମାଧାନ କରାଯାଇପାରିବ ସେନେଇ ଜନପ୍ରତିନିଧି ମାନଙ୍କୁ ନିଜନିଜ ପଞ୍ଚାୟତ ଅଧୀନ ଗାଁ ମାନଙ୍କରେ ବ୍ୟାପକ ଜନସଚେତନତା ସୃଷ୍ଟିକରିବା ଉପରେ ଗୁରୁତ୍ୱାରୋପ କରିବାକୁ କୁହାଯାଇଥିଲା । ଏହି ଅବସରରେ ବୁଢୀଖମାରୀ, ଖଡିଶୋଳ, ବଡଯୋଡ, ସୁରେଇଡିହି, ହାତୀକୋଟ ଏବଂ ଭାଗବତଚନ୍ଦ୍ରପୁର ପଞ୍ଚାୟତ ମାନଙ୍କରୁ ସରପଞ୍ଚ, ସମିତିସଭ୍ୟ/ ସଭ୍ୟା, ଜନପ୍ରତିନିଧି, ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ । ପରିଚାଳନାରେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିରେ କାର୍ଯ୍ୟରତ କର୍ମଚାରୀ ସହଯୋଗ କରିଥିଲେ।

# ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ରାଜ୍ୟର ଖଣି, ପାଣି, ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ 'ଲୋକଯାତ୍ରା'ର ଅଭିଯାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଓ ସାଧାରଣ ସଭା



ବାଲେଶ୍ୱର, ୨୬/୨ (ନି.ପ୍ର): ରାଜ୍ୟର ଖଣି, ପାଣି, ଜଙ୍ଗଲ, ଜମି ଓ ପରିବେଶ ସୁରକ୍ଷାପାଇଁ 'ଲୋକଶକ୍ତି ଅଭିଯାନ', 'ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ୍' ବିଭିନ୍ନ ଗାନ୍ଧିବାଦୀ ସଂଗଠନ ଓ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଲଢୁଥିବା ସଂଗଠନମାନଙ୍କୁ ନେଇ ଲୋକ ଅଧିକାର ଯାତ୍ରୀମାନେ ଗୁରୁବାର ପୂର୍ବାହ୍ନରେ ବାଲେଶ୍ୱର ସହରରେ ପହଞ୍ଚିବା ପରେ ପୋଲିସ୍‌ଲାଇନ୍ ଛକରେ ଥିବା ଡ. ବାବାସାହେବ ଆମ୍ବେଦକର ଏବଂ ଫକୀରମୋହନ ଗୋଲେଇରେ ବ୍ୟାସକବିଙ୍କ ପୂର୍ଣ୍ଣାୟବରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ସ୍ଥାନୀୟ ଷ୍ଟେସନ କ୍ଲବ୍ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଭିଯାତ୍ରୀମାନେ ପହଞ୍ଚିବାପରେ ସୋସାଇଟି ପକ୍ଷରୁ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଗଣସଂଗଠନମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହିଳା ସଂଗଠନମାନଙ୍କ ପକ୍ଷରୁ ଶଙ୍ଖ, ହୁଳହୁଳି ସହିତ ଅଭିଯାତ୍ରୀମାନଙ୍କୁ ଚନ୍ଦନ ଟିପା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ୍ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ କୃଷକନେତା ଲିଙ୍ଗରାଜ ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସମିତିର ଆବାହକ ନରେନ୍ଦ୍ର ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ନେତା ଡା. ବିଶ୍ୱଜିତ୍, ପରିବେଶବିତ୍ ତଥା ବିଶିଷ୍ଟ ସମାଜସେବୀ କଲ୍ୟାଣ ଆନନ୍ଦ ସେମାନଙ୍କ ବକ୍ତବ୍ୟରେ ଆମ ରାଜ୍ୟର ଖଣି, ପାଣି, ଜଙ୍ଗଲ ଓ କୃଷିକ୍ଷେତ୍ରକୁ ବର୍ବାଦ କରି ବିକାଶ ନାମରେ ସରକାରଙ୍କ ପ୍ରୋତ୍ସାହନରେ କର୍ପୋରେଟ୍ ହାଉସ୍‌ର ରାହୁ ପୁଞ୍ଜିପତିମାନେ ଯେପରି ବିନାଶ ପ୍ରକ୍ରିୟା ଚାଲୁ ରଖିଛନ୍ତି ତାହାର କୁପରିଣାମ ବର୍ତ୍ତମାନ ପିଢ଼ିର ମଣିଷ ପ୍ରାକୃତିକ ପରିବେଶ ସମସ୍ୟା ଭୋଗୁଛନ୍ତି। ଅସମୟରେ ବର୍ଷା, ଶୀତ ଓ ଗ୍ରୀଷ୍ମପ୍ରବାହ ମାନବ ସମାଜକୁ ଅକାଳ ମୃତ୍ୟୁମୁଖକୁ ଟାଣିନେଉଛି। ଭୋଗବାଦର ଶୀକାର ହୋଇ ଆବଶ୍ୟକତାଠାରୁ ଅଧିକ ପ୍ରାକୃତିକ ସମ୍ବଳକୁ ବିନିଯୋଗ କରିବା ଫଳରେ ଆଗାମୀ ପିଢ଼ିର ମାନବ ସମାଜପାଇଁ ପ୍ରକୃତିଦତ୍ତ କୌଣସି ସମ୍ପଦ ରହିବନାହିଁ। ତେଣୁ ବିଭିନ୍ନ ଅଞ୍ଚଳରେ ଲୋକ ଏହି ତଥାକଥିତ ବିକାଶକୁ ବିରୋଧ କରୁଛନ୍ତି। ଏବେଠାରୁ ସାଧାରଣ ଜନତା ଏହି ଲୋକଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଐକ୍ୟବଦ୍ଧ ଜନ ସଚେତନତା ଓ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଗତ ୨୫ ତାରିଖ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରରୁ ଏହି ଯାତ୍ରା ଆରମ୍ଭ ହୋଇ ସମଗ୍ର ରାଜ୍ୟ ପରିକ୍ରମା କରିବା ପରେ ଆସନ୍ତା ମାର୍ଚ୍ଚ ୨୯ ତାରିଖ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବରେ ଭୁବନେଶ୍ୱରରେ ପହଞ୍ଚିବ। ଏହିଦିନ ଏକ ବିରାଟ ଜନସଭାରେ ରାଷ୍ଟ୍ରୀୟ ନେତାମାନେ ଯୋଗଦେବେ। ତେଣୁ ବାଲେଶ୍ୱରର ସାଥୀମାନେ ଏହି ସମାବେଶରେ ଯୋଗଦେବାକୁ ସେମାନେ ନିବେଦନ କରିଥିଲେ। ବାଲେଶ୍ୱରରୁ ଅଭିଯାତ୍ରୀମାନେ ଅପରାହ୍ନରେ ମୟୁରଭଞ୍ଜ ଜିଲ୍ଲାକୁ ଯାତ୍ରାରମ୍ଭ କରିଛନ୍ତି। ତଏହି ଅବସରରେ ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଅଭିଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ସିଭିଲ୍ ସୋସାଇଟିର ସାଧାରଣ ସଂପାଦକ ମନୋଜ ନାୟକ ସଭାରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜକିଶୋର ସୁନାନୀ ଓ ତାଙ୍କ ସାଥୀ ବୈପ୍ଲବିକ ସଂଗୀତ ଗାନ କରିଥିଲେ। ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ କୁମାର ସାହୁ, ସରସ୍ୱତୀ ପଣ୍ଡା, ପ୍ରତିମା ପଣ୍ଡା, ଭରତ ଚନ୍ଦ୍ର ସେଠୀ, ଅରୁଣ ଜେନା ଓ ସଂଯୁକ୍ତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ରୌଦ୍ର ତାପ ମୁକାବିଲା ଜନିତ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା , ୨୬/୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଚଳିତ ୨୦୨୬ ବର୍ଷ ରେ ଗ୍ରୀଷ୍ମ ପ୍ରବାହ ତଥା ରୌଦ୍ର ତାପ କୁ ସମ୍ପୂର୍ଣ୍ଣ ଭାବେ ମୁକାବିଲା କରାଯାଇ ସମସ୍ତ ଧନ ଜୀବନ ପ୍ରତ୍ୟେକ ପ୍ରାଣୀ, ତଥା ମନୁଷ୍ୟ, ପଶୁ ଓ ପକ୍ଷୀ ମାନଙ୍କୁ ସୁରକ୍ଷା ପ୍ରଦାନ କରି ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ଦିଗରେ ଅଧ୍ୟକ୍ଷ ବୈଠକରେ ବିସ୍ତୃତ ଆଲୋଚନା କରି ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠୀ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର ପ୍ରମୁଖ ଯୋଗ ଦେଇଥିବା ଆଭାଷିରେ ବି ଡି ଓ, ତହସିଲଦାର ମାନେ ଯୋଗ ଦେଇଥିଲେ । ବୈଠକରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ବିଭାଗ ପକ୍ଷରୁ ଆସିଥିବା ବିଭିନ୍ନ ଆଶୁ ପଦକ୍ଷେପ ଗ୍ରହଣ ଦିଗରେ ଅଧିକାରୀ ମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଜନସାଧାରଣ ମାନେ ରୌଦ୍ର ତାପରୁ ସୁରକ୍ଷା ନିମନ୍ତେ ଅସୁରକ୍ଷିତ ଗୋଷ୍ଠୀ ମାନଙ୍କ ଚିହ୍ନଟ କରଣ, ପାନୀୟ ଜଳ ଯୋଗାଣ, ଜଳଛତ୍ର କେନ୍ଦ୍ର ଖୋଲିବା, ଅସୁରକ୍ଷିତ ଲୋମାନଙ୍କ ନିମନ୍ତେ ଦିନବେଳା ରୌଦ୍ରତାପରୁ ସୁରକ୍ଷା ଦେବା ନିମନ୍ତେ ଆଶ୍ରୟ ସ୍ଥଳୀ ଯୋଗାଇଦେବା, ଗାଈଗୋରୁ ମାନଙ୍କୁ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଜଳକୁଣ୍ଡ ନିର୍ମାଣ କରିବା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବିଶୁଦ୍ଧ ୨୪ ଘଣ୍ଟିଆ ଜଳ ଯୋଗାଣ, ସ୍କୁଲ ମାନଙ୍କରେ ଥିବା ଅଚଳ ନଳ କୂପ ଗୁଡ଼ିକୁ ଯୁଧକାଳୀନ ଭିତ୍ତିରେ ସଚଳ କରିବା, ପର୍ଯ୍ୟାପ୍ତ ପରିମାଣର ଓ ଆର ଏସ ପ୍ୟାକେଟ ମହଜୁଦ ରଖିବା, ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପାନୀୟଜଳ,ଓ ଆର ଏସ ପ୍ୟାକେଟ ରଖିବା ସହ ଯେଭଳି ପ୍ରତ୍ୟେକ ଆଶା ଦିଦି ଏବଂ ଅଙ୍ଗନୱାଡ଼ି କର୍ମୀ ମାନେ ଓ ଆର ଏସ, ଜୀବନ ରକ୍ଷାକାରୀ ଔଷଧ, ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସ୍ୱତନ୍ତ୍ର ଅଂଶୁଘାତ ବେଡ ରଖିବା,ଇ ଏସ ଆଇ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସାଧାରଣ ଲୋକଙ୍କୁ ଚିକିତ୍ସା ପ୍ରଦାନ କରିବା, ପ୍ୟାସେଞ୍ଜର ବସ୍ ଚଳାଚଳ ପରିବହନ ବିଭାଗ ନିୟମାନୁସାରେ ଚାଲୁରଖିବା, ଶ୍ରମିକ ମାନଙ୍କ କାର୍ଯ୍ୟ ନିର୍ଘଣ୍ଟ ସମୟ ଶ୍ରମ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ହେବା ଦିଗରେ ବିଭାଗୀୟ ଅଧିକାରୀ ମାନେ ଏସ ଓ ପି ଜାରି କରିବା ସହ ତଦାରଖ କରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ପାଇଁ ଅଧ୍ୟକ୍ଷ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ଅବିରାମ ବିଜୁଳି ଶକ୍ତି ଯୋଗାଣ ଓ ଛାତକୁ ଥଣ୍ଡା ରଖିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ସ୍ୱରୂପ ଛାତରେ ନଡ଼ା ଓ ପାଣି ସିଞ୍ଚନ ଭଳି ପଦ୍ଧତି ଅନୁକରଣ କରିବା, କୌଣସି ଶ୍ରମିକ ପ୍ରଚଣ୍ଡ ରୌଦ୍ରତାପରେ ଯେଭଳି କାର୍ଯ୍ୟ ନ କରନ୍ତି ସେଠୀ ପ୍ରତି ସଂପୃକ୍ତ ବିଭାଗୀୟ ଯତ୍ନବାନ ହେବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବା, ତୃଣମୂଳ ସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ ପଂଚାୟତ ଜନପ୍ରତିନିଧି ମାନଙ୍କ ସହଯୋଗରେ ଆଶୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା,ଏବଂ ସମ୍ଭାବ୍ୟ ଅଂଶୁ ଘାତ ଜନିତ ମୃତ୍ୟୁର ଯୁଗ୍ମ ତଦନ୍ତ ରିପୋର୍ଟ ସଂପୃକ୍ତ ମେଡିକାଲ ଅଫିସର, ପୁଲିସ୍ ଓ ତହସିଲଦାର ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ୪୮ ଘଣ୍ଟା ମଧ୍ୟରେ ସାରି ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହ ଜଳକ୍ଲିଷ୍ଟ ଅଞ୍ଚଳ ରେ ଆବଶ୍ୟକ ଆଗୁଆ ପଦକ୍ଷେପ, ଜଳକ୍ଲିଷ୍ଟ ଅଞ୍ଚଳ ର ଅଭିଯୋଗ ୪୮ ଘଣ୍ଟା ମଧ୍ୟରେ ସମାଧାନ କରିବା,ପଶୁ ପକ୍ଷୀ ମାନଙ୍କ ପାଇଁ ଜଳକୁଣ୍ଡ ନିର୍ମାଣ କରିବା ପାଇଁ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବସ୍ ଓ ଟ୍ରକ ଏବଂ ଅନ୍ୟାନ୍ୟ ଯାନ ଚାଳକ ମାଲିକ ସଂଘ ମାନଙ୍କ ସହ ଲୋଚନାକରି ବସ୍ ଷ୍ଟାଣ୍ଡ ରେ ପାନୀୟଜଳ, ଅସ୍ଥାୟୀ ସ୍ଥଳୀ,ଓ ଆର ଏସ ବ୍ୟବସ୍ଥା କରିବାକୁ ପରିବହନ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଧ୍ୟକ୍ଷ । ସର୍ବୋପରି ସମସ୍ତ ଅଧିକାରୀ ଏବଂ କର୍ମଚାରୀ ରାଜ୍ୟ ସରକାରଙ୍କ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ଦିଗରେ ନିଷ୍ଠାପର ଭାବେ ସେବା ପ୍ରଦାନ କରିବାକୁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଆହ୍ୱାନ ଦେଇଛନ୍ତି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଅରବିନ୍ଦ ନାୟକ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଶ୍ରୀ ରଶ୍ମିତା ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଜ୍ଞା ପାରମିତା ଜେନା, ଜିଲ୍ଲା ପଂଚାୟତ ଅଧିକାରୀ ସ୍ୟାମଳେନ୍ଦୁ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ଶ୍ରୀମତୀ ଶ୍ରୀୟା ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଶ୍ରୀମତୀ ସୁସ୍ମିତା ପ୍ରଧାନ ଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ , ଅତ୍ୟାବଶ୍ୟକ ବିଭାଗ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ।

## ଓଡିଶା ବଜେଟକୁ ନେଇ ସାମ୍ବାଦିକ ସମ୍ମିଳନୀ

ବଲାଙ୍ଗିର, ୨୬/୨ (ନି.ପ୍ର): ବଲାଙ୍ଗିର ସାମ୍ବାଦିକ ଭବନରେ ଓଡିଶା ବଜେଟକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଂଚରେ ଉପସ୍ଥିତ ଥିଲେ ଗ୍ରାମ୍ୟ ଜଳଯୋଗାଣ ଓ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଓ ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ । ଚଳିତ ବର୍ଷର ବଜେଟ ୩ ଲକ୍ଷ ୧୦ ହଜାରରେ ପହଂଚିଛି। ଉପରମୁହାଁ ହୋଇଛି ଓଡିଶାର ବିକାଶ। କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷକୁ ପ୍ରାଧାନ୍ୟ ଦେଇଛନ୍ତି ଡବଲ ଇଞ୍ଜିନ ସରକାର। ପାନୀୟ ଜଳଯୋଗାଣ ସହ ଗରୀବଙ୍କୁ ୩୦୦ ଦିନର ରୋଜଗାର ଦେବାକୁ ବଜେଟରେ ପ୍ରାବଧାନ କରିଛନ୍ତି ମୋହନ ସରକାର।

# ମାର୍ଚ୍ଚ ୫ରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ-୨୦୨୬'

ବାଲେଶ୍ୱର, ୨୬/୨ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ମାର୍ଚ୍ଚ ୫ ତାରିଖ ୨୦୨୬ ରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ-୨୦୨୬' ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବ। ଏହି ଯୁଥ ପାର୍ଲାମେଣ୍ଟରେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗୀମାନେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜ ବକ୍ତୃତା ପ୍ରଦାନ କରିପାରିବେ। ବାଲେଶ୍ୱର ଜିଲ୍ଲାର ୧୮ରୁ ୨୫ ବର୍ଷ ବୟସ୍କ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବବର୍ଗ ମାନେ 'ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରାୟ ୨୦୦ ପ୍ରତିଯୋଗୀଙ୍କ ଭାଗ ନେବାର ବ୍ୟବସ୍ଥା ରହିଛି। ପ୍ରତିଯୋଗିତାରୁ ୫ ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟ ସ୍ତରକୁ ଚୟନିତ ହେବେ ଏବଂ ସେଠାରୁ ୩ ଜଣ କେନ୍ଦ୍ର ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ପାଇଁ ଗଠିତ ସମନ୍ୱୟ କମିଟିର ସଦସ୍ୟମାନେ ହେଲେ — ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ସମନ୍ୱୟକର୍ତ୍ତା, ଏନଏସଏସ ବ୍ୟୁରୋ; ଶ୍ରୀ ଏମ. ବିଘ୍ନେଶ, ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ର, ବାଲେଶ୍ୱର; ଡ଼କ୍ଟର ପ୍ରତିମା ପ୍ରଧାନ, ଜିଲ୍ଲା ଏନଏସଏସ ଅଧିକାରୀ, ବାଲେଶ୍ୱର; ଶ୍ରୀ ଗୌରାଙ୍ଗ ପଣ୍ଡା, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଏନଏସଏସ, ବାଲେଶ୍ୱର; ଶ୍ରୀ ଅଭୟ ନାୟକ, କାର୍ଯ୍ୟକ୍ରମ ଅଧିକାରୀ, ଏନଏସଏସ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀମାନେ। ଯୁବବର୍ଗଙ୍କୁ ଭାରତର ବିକାଶ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିବା ସହ 'ବିକଶିତ ଭାରତ' ଅଭିଯାନରେ ସେମାନଙ୍କ ମତାମତକୁ ପ୍ରାଧାନ୍ୟ ଦେବା ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ଅଟେ। ଏହା ମାଧ୍ୟମରେ ଯୁବପିଢ଼ୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଚେତନତା ଓ ନେତୃତ୍ୱଗୁଣର ବିକାଶ ଘଟିବ ବୋଲି ଆୟୋଜକମାନଙ୍କ ପକ୍ଷରୁ ସୂଚିତ କରାଯାଇଛି।

# ଜନଗଣନା କାର୍ଯ୍ୟ ସମ୍ପର୍କିତ ଦ୍ୱିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ଭଦ୍ରକ, ୨୬/୨ (ନି.ପ୍ର): ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଭଦ୍ରକର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲା ଜନଗଣନା ଅଧିକାରୀ, ଚାର୍ଜ ଜନଗଣନା ଅଧିକାରୀ, କାର୍ଯ୍ୟାଳୟ କର୍ମଚାରୀ ଏବଂ ଅସ୍ଥାୟୀ ପ୍ରାଯୁକ୍ତିକ ସହାୟକମାନଙ୍କ ପାଇଁ ଦ୍ୱିଦିନିଆ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ହେଲା ଆସନ୍ତା ଜନଗଣନା କାର୍ଯ୍ୟରେ ଜିଲ୍ଲା ଏବଂ ଚାର୍ଜ ସ୍ତରର ସମସ୍ତ କାର୍ଯ୍ୟକର୍ତ୍ତାମାନେ ନିଜ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସ୍ପଷ୍ଟ ଏବଂ ସମ୍ପୂର୍ଣ୍ଣ ଧାରଣା ଲାଭ କରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା କାର୍ଯ୍ୟର ସମ୍ପୂର୍ଣ୍ଣ ପ୍ରକ୍ରିୟା ଓ ପ୍ରଣାଳୀ, ବିଶେଷକରି ଘରତାଲିକା ଓ ଗୃହ ଜନଗଣନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଅଂଶଗ୍ରହଣକାରୀମାନଙ୍କୁ ଜନଗଣନା ସମୟରେ ବ୍ୟବହୃତ ଧାରଣା ଓ ପରିଭାଷା ସହିତ ଐଖଡ଼ ପର୍ଯ୍ୟାୟରେ ପଚାରାଯିବାକୁ ଥିବା ପ୍ରଶ୍ନସମୂହ ବିଷୟରେ ଅବଗତ କରାଯାଇଛି। ଡିଜିଟାଲ ତଥ୍ୟ ପରିଚାଳନା, ନିରୀକ୍ଷଣ ଓ ପ୍ରତିବେଦନକୁ ସୁଚାରୁ ଭାବେ କାର୍ଯ୍ୟକାରିତ କରିବା ପାଇଁ **Census Management and Monitoring System** ଏବଂ HLBC ୱେବ୍ ଆପ୍ଲିକେସନର ବିଶେଷତା ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମଧ୍ୟ ଅଧିକାରୀମାନଙ୍କୁ ପରିଚିତ କରାଯାଇଛି। ରାଜ୍ୟରେ ଐଖଡ଼ କାର୍ଯ୍ୟ ସମାପ୍ତ ହେବା ପରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ସମ୍ପର୍କିତ କ୍ଷେତ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଏହି ଅବସରରେ ଉଲ୍ଲେଖ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପ୍ରଶାସନିକ ପ୍ରସ୍ତୁତିକୁ ସୁଦୃଢ଼ କରି ଭଦ୍ରକ ଜିଲ୍ଲାରେ ଜନଗଣନା କାର୍ଯ୍ୟକୁ ସଠିକ୍, ସୁସଂଗଠିତ ଓ କାର୍ଯ୍ୟକ୍ଷମ ଭାବେ ପରିଚାଳନା କରିବା ଲକ୍ଷ୍ୟ ରହିଛି। ଉକ୍ତ ଜନଗଣନା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଆସନ୍ତା ଜନଗଣନା କାର୍ଯ୍ୟକୁ କିପରି ସୁଚାରୁ ଭାବେ କରାଯାଇପାରିବ ସେଥିପାଇଁ ପୂର୍ବ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସେମାନେ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଏନ୍‌ସିଇଆରଟି ବହି ...

ନ୍ୟାୟପାଳିକାର ଏକ ଅସମ୍ପୂର୍ଣ୍ଣ ପ୍ରତିଛବି ଉପସ୍ଥାପନ କରାଯାଇଥିଲା । ନ୍ୟାୟପାଳିକାର ମର୍ଯ୍ୟାଦା ଏବଂ ସାମ୍ବିଧାନିକ ଦାୟିତ୍ୱ ବିଷୟରେ ସୂଚନା ନ ଦେଇ, ଏହାର ମର୍ଯ୍ୟାଦାକୁ ବାଛି ବାଛି କ୍ଷୁର୍ଣ୍ଣ କରାଯାଇଛି। ସଲିସିଟର ଜେନେରାଲ କହିଛନ୍ତି, ମାମଲାରେ ଦାୟୀ ଲୋକଙ୍କୁ ଆଉ ଏଭଳି କାର୍ଯ୍ୟପାଇଁ ନିଯୁକ୍ତ କରାଯିବ ନାହିଁ। ୩୨ଟି ପୁସ୍ତକ ପ୍ରକାଶିତ ହୋଇ ବଜାରକୁ ଆସିଛି। ସେଗୁଡ଼ିକୁ ପ୍ରତ୍ୟାହାର କରାଯାଉଛି। ଏକ ଦଳ ସମ୍ପୂର୍ଣ୍ଣ ଅଧ୍ୟାୟର ସମୀକ୍ଷା କରିବେ। ବିଚାରାଧୀନ ମାମଲା ବିଷୟରେ ଆଉ ଏକ ବିଭାଗ ଅଛି, ଯାହାର ଶୀର୍ଷକ ବିଳମ୍ବିତ ନ୍ୟାୟ ହେଉଛି ପ୍ରତ୍ୟାଖ୍ୟାନ ନ୍ୟାୟ। ଆମେ ଶିକ୍ଷା ଦେଇପାରିବୁ ନାହିଁ ଯେ ନ୍ୟାୟ ପ୍ରତ୍ୟାଖ୍ୟାନ କରାଯାଇଛି। ନ୍ୟାୟ ମିଳିନାହିଁ। ସିଜେଆଇ କହିଛନ୍ତି, ଏହାକୁ ହାଲୁକା ଭାବରେ ଗ୍ରହଣ କରାଯାଇଛି। ତୀରଟି ଏଥିପାଇଁ ଦାୟୀଥିବା ଲୋକଙ୍କ ଧନୁରୁ ଆସିଥିଲା । ଆଜି ନ୍ୟାୟପାଳିକା ରକ୍ତାକ୍ତ। ପୁସ୍ତକଟି ବଜାରରେ ଉପଲବ୍ଧ, ମୁଁ ମଧ୍ୟ ଏହାର ଏକ କପି ପାଇଛି।

### ସାଂଘାତିକ ଅଭିଯୋଗ...

କ୍ଷଣି ହୃଦଘାତରେ ପ୍ରାଣ ହରାଇଛନ୍ତି । ତ୍ରିଲୋଚନଙ୍କ ମୃତ୍ୟୁ ପରେ ସମବାୟ ସମ୍ପାଦକ ଓ ମିଲରଙ୍କ ପ୍ରତିକ୍ରିୟା ସନ୍ଦେହକୁ ବଢ଼ାଇଛି । ସମବାୟ ସମ୍ପାଦକ କହୁଛନ୍ତି ୧୪ରୁ ଉଠିଲାଣି ଧାନ, କିନ୍ତୁ ମିଲର କହୁଛନ୍ତି ୨୫ତାରିଖରେ ତ୍ରିଲୋଚନ ଧାନ ଦେଇ ଯାଇଛନ୍ତି । ମଣ୍ଡି ନିର୍ଯାତନାରୁ ଚାଷୀ ମୃତ୍ୟୁ ଅଭିଯୋଗ ପରେ ତନାଘନା ଆରମ୍ଭ କରିଛି ପ୍ରଶାସନ । ରାଜନଗର ତହସିଲଦାର ଡାଙ୍ଗମାଳ ସେବା ସମବାୟ ସମିତିକୁ ଯାଇ ତଦନ୍ତ କରିଛନ୍ତି । ରେଜିଷ୍ଟରର ଯାଂଚ କରିବା ସହ ସମ୍ପାଦକଙ୍କୁ ପଚରଉଚୁରା କରିଛନ୍ତି । ସେପଟେ ଯୋଗାଣ ମନ୍ତ୍ରୀ କହିଛନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ । ଏବେ ପ୍ରଶ୍ନ ଉଠୁଛି, ମଣ୍ଡି ବ୍ୟବସ୍ଥାରେ ଥିବ ତ୍ରୁଟି ପଦାକୁ ଆସିବ ତ ? ତ୍ରିଲୋଚନଙ୍କୁ ନ୍ୟାୟ ମିଳିବ ତ ?

### ବଢ଼ିଲା ଲାଞ୍ଚୁଆ...

୬୦୦ ଟଙ୍କା ଜବତ କରାଯାଇଥିଲା। ଟ୍ରଲି ବ୍ୟାଗ୍ ଓ ଆଲମିରାଗୁଡ଼ିକରେ ଏହି ଟଙ୍କା ରଖାଯାଇଥିଲା। ନଗଦ ଟଙ୍କା ଜବତ କରାଯିବାରେ ଏଯାବତ୍ ଏହା ହେଉଛି ଓଡ଼ିଶା ଭିଜିଲାନ୍ସ ଇତିହାସରେ ସବୁଠୁ ଅଧିକ। ସେହିପରି ଶ୍ରୀ ମହାନ୍ତିଙ୍କର କଟକ ସ୍ଥିତ ଅଫିସ ଚ୍ୟାମ୍ବରର ଟେବୁଲ ଡ୍ରୟରରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ କରାଯାଇଥିଲା। ଏସବୁ ବାଦ୍ ଭୁବନେଶ୍ୱରର ପାହାଳରେ ତାଙ୍କର ଏକ ୨୪ ଶହ ବର୍ଗଫୁଟର ଏକ ଦ୍ୱିମହଲା କୋଠା ଠାବ କରାଯାଇଛି। ତାଙ୍କ ଘରୁ ପ୍ରାୟ ୧୩୦ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାମଲାରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି। ୧୯୬୮ରେ ଜନ୍ମ ହୋଇଥିବା ଦେବବ୍ରତ ମହାନ୍ତି ୨୦୦୪ ଅଗଷ୍ଟ ୯ ତାରିଖରେ ଜଣେ କନିଷ୍ଠ ଖଣି ଅଧିକାରୀ (ଜୁନିୟର ମାଇନିଂ ଅଫିସର) ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା ବଲାଙ୍ଗିରର ମାଇନିଂ ଅଫିସ୍‌ରେ। ସେହି ପଦବୀରେ ରହି ସେ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ବାରିପଦାରେ, ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ବ୍ରହ୍ମପୁରରେ ଓ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ କଟକରେ କାର୍ଯ୍ୟ କରିଥିଲେ। ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ସେ ଭୁବନେଶ୍ୱରରେ ରାଜ୍ୟ ମୁଖ୍ୟାଳୟରେ କାର୍ଯ୍ୟ କରିଥିଲେ। ୨୦୧୮ରେ ମାର୍ଚ୍ଚରେ ସେ ଆସିଷ୍ଟାଣ୍ଟ ମାଇନିଂ ଅଫିସର (ଚିଫ୍ ସର୍ଭେୟର) ଭାବେ ପଦୋନ୍ନତି ପାଇଥିଲେ ଓ ଏହି ପଦବୀରେ ସମ୍ବଲପୁରରେ ଯୋଗ ଦେଇଥିଲେ। ୨୦୨୨ରୁ ୨୦୨୫ ପର୍ଯ୍ୟନ୍ତ ସେ ଫୁଲବାଣୀର ମାଇନିଂ ଅଫିସର ଭାବେ କାର୍ଯ୍ୟ କରିଥିଲେ। ତାଙ୍କ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଫୁଲବାଣୀ, ବୌଦ୍ଧ ଓ ନୟାଗଡ଼ ରହିଥିଲା। ୨୦୨୬ ଜାନୁଆରୀ ୭ ତାରିଖରେ ସେ କଟକ ମାଇନିଂ ସର୍କଲର ଉପନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ତାଙ୍କ କାର୍ଯ୍ୟକ୍ଷେତ୍ର ମଧ୍ୟରେ କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲା ରହିଥିଲା।

### ପୁଣି ଚର୍ଚ୍ଚାରେ...

କୋରାପୁଟ ଜିଲ୍ଲାରେ ଗଞ୍ଜେଇ ଚାଷ କିଛି ନୂଆ କଥା ନୁହେଁ, କିନ୍ତୁ ଏହି ବ୍ୟବସାୟରେ ପରିବର୍ତ୍ତନ ଏବଂ କାରବାରର ମୂଳରେ ପହଞ୍ଚିବା ପୁଲିସ ପାଇଁ ଚିନ୍ତାର କାରଣ । ଏବେ ପ୍ରଶ୍ନ ଉଠୁଛି ଗଞ୍ଜେଇ ତେଲ କାରବାରର ମୁଖ୍ୟ କାର୍ପଟଦାର କିଏ ? ମାଷ୍ଟର ମାଇଣ୍ଡ ପାଖରେ କେବେ ପହଞ୍ଚିବ ପୁଲିସ ? କୋରାପୁଟରୁ କେତେ ବାଟ ଲମ୍ବିଛି ଗଞ୍ଜେଇ ଚେର ?

### ମାର୍ଚ୍ଚ ୧୬ରେ...

ବିଜେପି ଓ ବିଜେଡି କାହାକୁ ରାଜ୍ୟସଭା ପଠାଇବାକୁ ସ୍ଥିର କରିଛନ୍ତି, ତାହା ଏଯାବତ ଜଣାପଡ଼ିନି। ତେବେ ବିଜେଡିକୁ ଗୋଟିଏ ଓ ବିଜେପିକୁ ୩ଟି ମିଳିବାର ସମ୍ଭାବନା ରହିଛି। ଏପ୍ରିଲ ୨ ତାରିଖରେ ମହାରାଷ୍ଟ୍ରର ୭ଟି ରାଜ୍ୟସଭା ଆସନ ଖାଲି ହେଉଥିବା ବେଳେ ତାମିଲନାଡୁର ୬ ଓ ପଶ୍ଚିମବଙ୍ଗର ୫ଟି ଆସନ ଖାଲି ହେବ। ସେହିପରି ଏପ୍ରିଲ ୯ ତାରିଖରେ ଆସାମର ୩ଟି ରାଜ୍ୟସଭା ଆସନ ଖାଲି ହେବାକୁ ଥିବା ବେଳେ ବିହାରର ୫ଟି, ଛତିଶଗଡ଼ର ୨, ହରିୟାଣାର ୨, ହିମାଚଳ ପ୍ରଦେଶର ଗୋଟିଏ ଓ ତେଲେଙ୍ଗାନାର ୨ଟି ଆସନ ଖାଲି ହେବାକୁ ଯାଉଛି। ଏହି ସବୁ ରାଜ୍ୟରେ ଏହି ଆସନଗୁଡ଼ିକ ପାଇଁ ମାର୍ଚ୍ଚ ୧୬ରେ ନିର୍ବାଚନ ଅନୁଷ୍ଠିତ ହେବ।

### ଆମେରିକା-କ୍ୟୁବା ମୁହାଁମୁହିଁ ...

ସୁରକ୍ଷା ବାହିନୀ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି । ଆମେରିକା କ୍ୟୁବା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଉପରେ ନିର୍ଭର କରିବେ ନାହିଁ । ଏହି ମାମଲାର ସତ୍ୟତା ନିଜେ ତଦନ୍ତ କରିବ । ଏହି ଘଟଣା ଆମେରିକା ଓ କ୍ୟୁବା ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆସିଛି । କ୍ୟୁବା ବର୍ତ୍ତମାନ ତୈଳ ସଙ୍କଟର ସମ୍ମୁଖୀନ ହେଉଛି । ଆମେରିକା ଏହି ଅଞ୍ଚଳରେ ଏହାର ଦୀର୍ଘକାଳୀନ ସହଯୋଗୀ ଭେନେଜୁଏଲାରୁ ତେଲ ପରିବହନ ବନ୍ଦ କରିବା ପରେ ସ୍ଥିତି ଆହୁରି ଖରାପ ହୋଇଛି । ଏହି ଘଟଣା ପରେ, ଫ୍ଲୋରିଡାର ଅନେକ ସାଂସଦ କ୍ୟୁବା ସରକାରଙ୍କୁ ସମାଲୋଚନା କରି ତଦନ୍ତ ଦାବି କରିଥିଲେ । ଫ୍ଲୋରିଡାର କଂଗ୍ରେସମ୍ୟାନ୍ କାର୍ଲୋସ ଗିମେନେଜ୍ ଏହାକୁ ଏକ ନରସଂହାର ବୋଲି କହି ତଦନ୍ତ ଦାବି କରିଥିଲେ । ପୀଡିତଙ୍କ ମଧ୍ୟରେ କୌଣସି ଆମେରିକୀୟ ନାଗରିକ ଅଛନ୍ତି କି ନାହିଁ ତାହା ଆମେରିକୀୟ ଅଧିକାରୀମାନେ ନିର୍ଣ୍ଣୟ କରିବା ଉଚିତ ବୋଲି ସେ କହିଛନ୍ତି ।

### ଡୋନାଲ୍ଡ ଟ୍ରମ୍ପଙ୍କ...

ସମୟ ପୂର୍ବର ଭଳି ଘୋଷଣା କରାଯିବ। ସେ ସ୍ୱୀକାର କରିଛନ୍ତି, ମରିସସକୁ ମଞ୍ଜୁରୀ କରିବାର ଯୋଜନା ଏବେ ଡୋନାଲ୍ଡ ଟ୍ରମ୍ପଙ୍କ ଅନୁମୋଦନ ଉପରେ ନିର୍ଭର କରେ। ଆମେ ଯୁକ୍ତରାଷ୍ଟ୍ର ସହିତ ଆଲୋଚନା କରି ସ୍ପଷ୍ଟ କରିଦେଇଛୁ ଯେ, ସେମାନଙ୍କ ସମର୍ଥନ ବିନା ଆମେ ଆଗକୁ ବଢ଼ିବୁ ନାହିଁ ।ହାଉସ୍ ଅଫ୍ କମନ୍ସରେ ଚାଗୋସ୍ ଚୁକ୍ତି ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ ଫାଲକନର୍ କହିଛନ୍ତି, ଏହି ଚୁକ୍ତି ସମ୍ପର୍କରେ ସଂସଦରେ ଏକ ପ୍ରକ୍ରିୟା ଚାଲିଛି। ଆମେ ଉପଯୁକ୍ତ ସମୟରେ ଏହାକୁ ସଂସଦକୁ ଫେରାଇ ଆଣିବୁ। ଆମେ ଆମର ଆମେରିକୀୟ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବା ପାଇଁ କିଛି ସମୟ ନେଉଛୁ । ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଏହି ଚୁକ୍ତି ପ୍ରତି ତାଙ୍କର ସମର୍ଥନ ପ୍ରତ୍ୟାହାର କରି କହିଥିଲେ ଯେ, କିର ଷ୍ଟାର୍ମର ମରିସସକୁ ଦ୍ୱୀପପୁଞ୍ଜର ସାର୍ବଭୌମତ୍ୱ ହସ୍ତାନ୍ତର କରି ଏକ ଗମ୍ଭୀର ଭୁଲ କରୁଛନ୍ତି ।

# ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ




ପାରାଦୀପ, ୨୬/୨ (ନି.ପ୍ର): ପାରାଦ୍ୱୀପ ସମୁଦ୍ରକୂଳ ବେଳାଭୂମି ବାଲିଯାତ୍ରା ପଡ଼ିଆରେ ରାଜ୍ୟ ସରକାର ଓ ଓର୍ମାସ ର ମିଳିତ ସହଯୋଗ ରେ ଆଜି ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା-୨୦୨୬ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସାଂସଦ ବିଭୂପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଶବ୍ କଲେକ୍ଟର ପ୍ରଶାନ୍ତ ତରାଇ, ଡେପୁଟି ସିଓ ମଧୁସ୍ମିତା ସାହୁ, ଅତିରିକ୍ତ ଜିଲ୍ଲା ପାଳ ଜ୍ୟୋତୀ ଶଙ୍କର ରାଓ ଓ ବିଡିଓ ଦୀପକ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଆଗକୁ କିପରି ସ୍ଥାନୀୟ ଜନ ସାଧାରଣ ଅଞ୍ଚଳ ର ହାତ ତିଆରି ସାମଗ୍ରି ର ପ୍ରସାର ପ୍ରଚାର କରି ରାଜ୍ୟ ଓ ରାଜ୍ୟ ବାହାରେ ଲୋକପ୍ରିୟ ହୋଇ ପାରିବା ସହ ନିଜେ କିପରି ନିଜ ଅଞ୍ଚଳରେ ପ୍ରତିଷ୍ଠା ଲାଭ କରିପାରିବେ ଓ ଅଧିକ ରୁ ଅଧିକ ହାତ ତିଆରି କାର୍ଯ୍ୟ କରିବେ ସେଥି ପ୍ରତି ତତ୍ପର ହେବା ନିହାତି ଆବଶ୍ୟକ ବୋଲି ନିଜ ନିଜ ଅଭିଭାଷଣ ରେ ପ୍ରକାଶ କରିଥିଲେ। ଏହି ମେଳା ୫ ଦିନ ଧରି ଚାଲିବ। ଆଜି ଉଦଘାଟନୀ ସନ୍ଧ୍ୟାରେ ଯଦିଓ ଅଧିକ ଜନ ସମାଗମ ନଥିଲା ତଥାପି ଆଗକୁ ଅଧିକ ଜନ ସମାଗମ ଆଶା କରାଯାଉଛି ।ଆଜି ଉଦ୍ଘାଟନୀ ମଞ୍ଚ ପରେ ସାଗର କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ଓରମାସ ଅଧୀନରେ ୧୫୦ରୁ ଅଧିକ ଷ୍ଟଲ ଖୋଲାଯାଇଛି। ସ୍ଥାନୀୟ ଲୋକଙ୍କ ହାତ ତିଆରି ସାମଗ୍ରୀ ସହିତ ଖାଦ୍ୟ ସାମଗ୍ରୀ ଓ ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ଖେଳ ଷ୍ଟଲ ମାନ ପଡିଛି।

## ଜଳେଶ୍ୱର ବ୍ଲକରେ ବଜ୍ରପାତ ଓ ସର୍ପାଘାତ ସଚେତନତା ପାଇଁ ଏକ ଦିନିଆ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର,୨୬/୨(ନିପ୍ର): ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବଜ୍ରପାତ ଏବଂ ସର୍ପାଘାତ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ଦିନିଆ ସଚେତନତା ଓ ପ୍ରଶିକ୍ଷଣ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିପର୍ଯ୍ୟୟ ସମୟରେ ସଠିକ୍ ସୂଚନା ଏବଂ ସତର୍କତା କିପରି ଅମୂଲ୍ୟ ଜୀବନ ରକ୍ଷା କରିପାରିବ ସେ ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିବିରରେ ଉପସ୍ଥିତ ଥିବା ବିଶେଷଜ୍ଞ ଏବଂ ଚିକିତ୍ସାଧିକାରୀମାନେ ନିମ୍ନଲିଖିତ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବଜ୍ରପାତ ସୁରକ୍ଷା - ବଜ୍ରପାତ ସମୟରେ ଖୋଲା ପଡ଼ିଆ କିମ୍ବା ଗଛ ମୂଳେ ନ ରହି କିପରି ନିଜକୁ ସୁରକ୍ଷିତ ରଖିହେବ।ସାପ କାମୁଡ଼ିଲେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସରେ ନ ପଡ଼ି କିପରି ତୁରନ୍ତ ଡାକ୍ତରଖାନା ପହଞ୍ଚାଯିବ ଏବଂ ପ୍ରାଥମିକ ସ୍ତରରେ କି ସାବଧାନତା ଅବଲମ୍ବନ କରାଯିବ ଏହି ସନ୍ଦେଶକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ଡାକ୍ତର ଅନୁରାଧା ଦାସ,ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ଭୀଷ୍ମ ପରିଡ଼ା, ଏକାଉଣ୍ଟେଣ୍ଟ ଅଫିସର ଜୀବନ କୁମାର ପରିଡ଼ା,ଏବିଇଓ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ଏବଂ ସିଡିପିଓ ମିନତି ସିଂ ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ସହିତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ନୋଡାଲ ଏନଜିଓ (ଲାଇଫ) ର ତ୍ରିଲୋଚନ ଗିରୀ ମଞ୍ଚ ଆହ୍ୱାନ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଦ୍ୱାରା ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ନୂତନ ସଚେତନତା ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ବସ୍ତା, ୨୬/୨ (ନି.ପ୍ର): କାଳିପୁରସ୍ଥିତ ଆନନ୍ଦମାର୍ଗ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ମା ମଙ୍ଗଳା ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀକକ୍ଷରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦ ମାର୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଶିକ୍ଷୟିତ୍ରୀ ଉଷାରାଣୀ ଦାସ ଓ ଲିପି ହାଁସଦା ପ୍ରମୁଖ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ମୌଳିକ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ଆଲୋଚନା କରିବା ସହ ହାତଧୁଆ ସମ୍ପର୍କରେ ଅବଗତ କରାଇଥିଲେ । ଉତ୍ତମ ସ୍ୱାସ୍ଥ୍ୟ ଉତ୍ତମ ମାନସିକତା ସୃଷ୍ଟି କରିଥାଏ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ସୁପାଲି ସିଂହ ମହାପାତ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମନୋରମା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅରୁଣ ମହାନ୍ତି, ଜଗନ୍ନାଥ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମର ବଲ୍ଲଭ ତ୍ରିପାଠୀ ଓ ଦେବେନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମନସ୍ୱିନୀ ବାରିକ, ହିତେଷ୍ଠା ପ୍ରଧାନ, ଖୁସିମୟୀ ରଣା, ଶ୍ରୀଲେଖା ଜେନା ଓ ଲକ୍ଷ୍ମୀ ମୁର୍ମୁ ପ୍ରମୁଖ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶେଷରେ ସମର ବଲ୍ଲଭ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବର୍ଣ୍ଣରେଖା ନଦୀରୁ ପନ୍ତାଇ ଘାଟରେ ବେଆଇନ ବାଲି ଚାଲାଣ

### ଖଣି ବିଭାଗ ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ



ବାଲିଆପାଳ , ୨୬/୨ (ନି.ପ୍ର): ସୁବର୍ଣ୍ଣରେଖା ନଦୀରୁ ଏବେ ଟ୍ରକ୍, ଟ୍ରାକ୍ଟର, ଜେସିବି ଆଦି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି ଓ ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ରହିବା ସାଧାରଣରେ ସୃଷ୍ଟି କରିଛି। ମୁଖ୍ୟତଃ ସୁବର୍ଣ୍ଣରେଖା ଦ୍ୱିତୀୟ ପ୍ରଶ୍ନବାଚୀ ସେତୁ ନିକଟ ଜଳେଶ୍ୱର ତହସିଲ୍ ଅଧୀନ ରେ କଣ୍ଟାପାଳ ବାଲି ଖାଦାନ ଓ ବାଲିଆପାଳ ତହସିଲ୍ ଅଧୀନରେ ପଞ୍ଚାୟତର ବଡାପାଳ, ଚଡ ବଡ଼ାପାଳ , ରସଲପୁର, ଇକଡପାଳ, ପନ୍ତାଇ ଘାଟ ଅସ୍ଥି ଗାଁ ତଟ ନଦୀରୁ ଦୈନନ୍ଦିନ ଶତାଧିକ ଟ୍ରକ୍ ଓ ଟ୍ରାକଟର ଯୋଗେ ବାଲି ଚୋରା ଚାଲାଣ ହେଉଛି। ରାତିରେ ଏହି ସବୁ ବେଆଇନ୍ କାର୍ଯ୍ୟ ହେଉଛି । କିଛି ମୁଷ୍ଟି ମେୟ ଲୋକ ଉଭୟ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ହାତ କରି ଏହି କାରବାର କରୁଛନ୍ତି। ପ୍ରଶାସନର କେତେକ ତଳିଆ କର୍ମଚାରୀ ମାସିକିଆ ବଟି ନେଇ ଚୁପ୍ ରହୁଛନ୍ତି। କେତେକ ସମ୍ବାଦଦାତା ମଧ୍ୟ ବାଲି ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି ଓ କେତେକ ନିଜକୁ ପୁଲିସ, ଆର୍ ଆଇ ଆଦି ପରିଚୟ ଦେଇ ମଧ୍ୟ ଚାନ୍ଦା ଆଦାୟ କରୁଛନ୍ତି । ଏହି ସବୁପୁଲିସ୍, ଆର୍ ଆଇଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେମାନଙ୍କ ବେଆଇନ୍ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅସ୍ଥି, ଇକଡ଼ପାଳ, ପନ୍ତାଇ ଗ୍ରାମର ସାଧାରଣ ଲୋକ ଦୃଢ଼ ଦାବି କରିଛନ୍ତି ଓ ଅନ୍ୟ ପକ୍ଷରେ ଦୁଇ ବାଲି ଖାଦାନ ନିଲାମକୁ ନେଇ ପ୍ରଶାସନର ଟାଳଟୁଳ ନୀତି ଚୋରା ବାଲି ଚାଲାଣକାରୀକୁ ଖୁବ୍ ସୁହାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବାଲି ଖାଦାନ ନିଲାମ ହେଲେ ଚୋରି ଅନେକାଂଶରେ ରୋକା ଯାଇ ପାରନ୍ତା । ମାତ୍ର ଦୀର୍ଘଦିନ ଧରି ଦୁଇ ଖାଦାନର ନିଲାମ ବନ୍ଦ ରହିଛି। ନିର୍ଦ୍ଦିଷ୍ଟ ସମୟରେ ବାଲି ଖାଦାନ ନିଲାମ ହେଲେ ଚୋରା ଚାଲାଣ ହୁଅନ୍ତା ନାହିଁ ଓ କିନ୍ତୁ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଖାଦାନ ନିଲାମ ହୋଇ ପାରୁ ନାହିଁ । ଏଥି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ଏଥି ଯୋଗୁଁ ବାଲି ମାଫିଆମାନେ ମାଲେ ମାଲ ହେଉଛନ୍ତି। ଉଚ୍ଚ ନ୍ୟାୟାଳୟ ସକାଳ ୭ ଟାରୁ ରାତି ୯ଟା ମଧ୍ୟରେ ବାଲି ଚାଲାଣ ହୋଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଆଇନକୁ କେହି ମାନୁ ନାହାଁନ୍ତି। ଅନେକ ସମୟରେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି, ଥାନାରେ ମିଥ୍ୟା କେଶ ପର୍ଯ୍ୟନ୍ତ କଥା ଯାଉଛି ଓ ଘର ତିଆରି ପାଇଁ ବାଲି ଜରୁରୀ ଆବଶ୍ୟକ ପଦାର୍ଥ ହୋଇ ଥିବାରୁ ସରକାର ଏଥିପାଇଁ କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍ । ଅନ୍ୟ ପକ୍ଷରେ ସୁବର୍ଣ୍ଣରେଖା ସେତୁର ଉଭୟେ ପାର୍ଶ୍ୱରେ ଦୁଇ ଖାଦାନ ଥିବାରୁ ସେତୁ ଟି ଧୀରେ ଧୀରେ ଦୁର୍ବଳ ହେଉଛି । ରାଜୀବ ଜେନା, ବନମାଳି ମାହାଳିକ, ରାଧା କୃଷ୍ଣ ସାହୁ, ରବୀନ୍ଦ୍ର ନାଥ ନାୟକ, ବେଣୁଧର ପୃଷ୍ଟି, ସନ୍ତୋଷ କୁମାର ଗିରି, ପଙ୍କଜିନୀ ଗୋଛାୟତ, ପ୍ରଶାନ୍ତ କୁମାର କରଣ, କମଳାକାନ୍ତ ମଲ୍ଲିକ, ସଞ୍ଜୟ କୁମାର ବେହେରା, ହରେକୃଷ୍ଣ ନାୟକ, ଭାନୁ ଚରଣ ମଲ୍ଲିକ, ସଞ୍ଜୟ କୁମାର ବେହେରା ପ୍ରମୁଖ ଶତାଧିକ ପଞ୍ଚାୟତ ବାସୀ ଚୋରା ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରିଛନ୍ତି। ଲଘୁ ଖଣିଜ ସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମାର୍ଚ୍ଚ ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୨୬/୨ (ନି.ପ୍ର): ଜିଲ୍ଲା କୋର୍ଟ ପରିସର ରେ ୨୦୨୬ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ମାସ ୧୪ ତାରିଖରେ ଅନୁଷ୍ଠିତ ହେବ ।ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଭାର ପ୍ରାପ୍ତ ଶ୍ରୀ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣ ସଚିବ ଶ୍ରୀ ପୁଣ୍ୟ ଶ୍ଳୋକ ରଥ ଏହି ସୂଚନା ଦେଇ ଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା , ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ, କେବଳ ବିଚାରଧିନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବି.ଏସ୍.ଏନ୍.ଏଲ୍, ବ୍ୟାଙ୍କ ଋଣ ବିବାଦ , ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଏହାର ସୁବିଧା ଯେପରି ଲୋକମାନେ ପାଇ ପାରିବେ ଓ ଏହାର ପ୍ରଚାର ପ୍ରସାର ମଧ୍ୟାମ୍ ରେ ଅଧିକରୁ ଅଧିକ ଲୋକ ଉପକୃତ ହୋପାରିବେ, ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରଚେଷ୍ଟା ଜାରି ରଖିଛନ୍ତି । ଜନ ସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନ ହୋଇ ଏହାର ସୁଯୋଗ ନେବାକୁ କୁହାଯାଇଛି।

## ବୀର ସାବରକରଙ୍କୁ ନମନ କଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୨୬/୨ (ନି.ପ୍ର): ବୀର ସାବରକରଙ୍କୁ ତାଙ୍କ ପୁଣ୍ୟତିଥିରେ ନମନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ପ୍ରଖର ରାଷ୍ଟ୍ରବାଦୀ ନେତା, ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ପୁଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି।

## ଗୋଶାଳା କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଏକାଦଶ ଦିନର ଖେଳରେ ମହାକାଲ ଏବଂ ଦାନୀ ଏକାଦଶ ବିଜୟୀ




ବାରିପଦା , ୨୬/୨ (ନି.ପ୍ର): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିନର ୧ମ ମ୍ୟାଚରେ ମହାକାଲ ଦଳ ୭ ଉଇକେଟରେ ରୁଦ୍ରାକ୍ଷ ଦଳକୁ ପରାସ୍ତ କରିଛି. ପ୍ରଥମେ ବ୍ୟାଟିଂ କରି ରୁଦ୍ରାକ୍ଷ ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୧୩୮ ରନ କରିଥିବା ବେଳେ ମହାକାଲ ଦଳ ୧୦.୨ ଓଭରରେ ୩ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ମହାକାଲ ଦଳର ସୁଧାକର ନାଏକ ସର୍ବାଧିକ ୫୯ ଓ ଚନ୍ଦନ ସିଂ ୪ ଟି ଉଇକେଟ ଅକ୍ତିଆର କରିଥିଲେ। ୨ୟ ମ୍ୟାଚରେ ଦାନୀ ଏକାଦଶ ୪ ଉଇକେଟରେ ଏଞ୍ଜେଲ ରଣାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଏଞ୍ଜେଲ ରଣା ୧୨ ଓଭରରେ ୮ ଉଇକେଟ ହରାଇ ୧୨୭ ରନ କରିଥିବା ବେଳେ ଦାନୀ ଏକାଦଶ ୧୧.୩ ଓଭରରେ ୬ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଏଞ୍ଜେଲ ରଣା ଦଳର ସୁଭାଶିଷ ଦେ ସର୍ବାଧିକ ୮୦ ରନ କରିଥିବା ବେଳେ ଦାନୀ ଏକାଦଶର ରିତୁନ ମହାନ୍ତି ସର୍ବାଧିକ ୬୩ ରନ କରିଥିଲେ। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ, ସଞ୍ଜୟ ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବା ବେଳେ କରନ ଖାନ ସ୍କୋରିଂରେ ସହାୟତା ଏବଂ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ଦେବୀଦତ୍ତ ମହାନ୍ତି, ସ୍ଥାନୀୟ କାଉନସିଲର ବିବେକାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିବା ବେଳେ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ଉପ ସଭାପତି ରମାକାନ୍ତ ଦାସ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମଶ୍ରୀ ଡ଼ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ପୂଣ୍ୟତିଥି ପାଳିତ

ବାରିପଦା, ୨୬/୨ (ନି.ପ୍ର): ଓଡ଼ିଶାର ପ୍ରତ୍ନତତ୍ତ୍ୱ ଗବେଷଣାର ଜନକ ତଥା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଐତିହାସିକ ପଦ୍ମଶ୍ରୀ ଡ଼ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ପୁଣ୍ୟାତିଥି ଅବସରରେ ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି କ୍ଷ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀଙ୍କ ଆହ୍ୱାନ କ୍ରମେ ବନ୍ଦେ ବରପୁତ୍ରମ କାର୍ଯ୍ୟକ୍ରମରେ ଆମେ ମୟୂରଭଞ୍ଜିଆ ପକ୍ଷରୁ ଛଉ ପଡିଆ ନିକଟସ୍ଥ ସଂସ୍କୃତି ଭବନ ପରିସରରେ ଥିବା ପ୍ରତିମୂର୍ତ୍ତି ସ୍ଥଳ ସଫେଇ ଓ ଧୁଆ ଧୋଇ ପରେ ସାମୂହିକ ମାଲ୍ୟାର୍ପଣ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ପରେ ପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପୁଲିସ ଅଧିକାରୀ ତଥା ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଅଭିଯାନର ସଭାପତି ଦୁର୍ଗାପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ଼ ଶ୍ୟାମ ସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବେ ସୁଲେଖିକା ଡ଼ ପୁଷ୍ପା ପାତ୍ର ପ୍ରମୁଖ ଯୋଗ ଦେଇ ପ୍ରଜ୍ଞା ପୁରୁଷ ଡ଼ ପାଣିଗ୍ରାହୀଙ୍କ କୃତୀ ଓ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥି ସହିତ ତାଙ୍କ ଅମଳିନ ପ୍ରତିଭାର ସ୍ମୃତି ଚାରଣ କଲାବେଳେ ସେ କିଭଳି ଗ୍ରାମ୍ୟ ପରିବେଶ ଭିତରେ ବଢ଼ି ନୀତି ନୈତିକତା ଓ ଆଦର୍ଶକୁ ପୁଞ୍ଜି କରି ଜଣେ ବିଚକ୍ଷଣ ତଥା ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିଥିଲେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଡ଼ ଗଣେଶ୍ୱର ଭୋଇ, ବିବେକାନନ୍ଦ ପଟ୍ଟନାୟକ, କମଳ ଲୋଚନ ମହାକୁଡ଼, ନରୋତ୍ତମ ପାଣିଗ୍ରାହୀ, ଡ଼ ରାଜେଶ ଷଡ଼ଙ୍ଗୀ, ଇଂ ସୁନୀଲ ପ୍ରଧାନ, ସାଇପ୍ରକାଶ ମହାନ୍ତି, ସତ୍ୟାନନ୍ଦ ସେଜପଡା, ପ୍ରଦୀପ ଦାସ, ସୁଧାମୟୀ ଦାସ, ପ୍ରମୁଖ ଯୋଗ ଦେଇଥିଲେ।

## ୫ ତାରିଖ ଆଗରୁ ଘୋଷଣା ହେବ ରାଜ୍ୟସଭା ପ୍ରାର୍ଥୀ: ମନମୋହନ

ଭୁବନେଶ୍ୱର, ୨୬/୨ (ନି.ପ୍ର): ୫ ତାରିଖ ଆଗରୁ ଘୋଷଣା ହେବ ରାଜ୍ୟସଭା ପ୍ରାର୍ଥୀ ବୋଲି ସୂଚନା ଦେଇଛନ୍ତି ବିଜେପି ରାଜ୍ୟସଭାପତି ମନମୋହନ ସାମଲ । ସେ କହିଛନ୍ତି ଯେ, କେନ୍ଦ୍ରୀୟ ପାର୍ଲିଆମେଂଟ ବୋର୍ଡ ଖୁବଶୀଘ୍ର ନେବ ନିଷ୍ପତି । କୋର୍ କମିଟି ବୈଠକ ପରେ ନାଁ ଗୁଡ଼ିକ ପାର୍ଲିଆମେଂଟ ବୋର୍ଡ ନିକଟକୁ ପଠାଯାଇଛି ବୋଲି ସେ କହିଛନ୍ତି ।

## ୧୦୮ ଆମ୍ବୁଲାନ୍ସରେ ସୁରକ୍ଷିତ ପ୍ରସବ



ଗଜପତି, ୨୬/୨ (ନି.ପ୍ର): ଗଜପତି ଜିଲ୍ଲା ଗୋଠଖେଳି ଗ୍ରାମର ସୁନିତା ମଲ୍ଲିକଙ୍କ ଗର୍ଭ ଯନ୍ତ୍ରଣା ସମୟରେ ତାଙ୍କ ସ୍ୱାମୀ ଭବାନୀ ମଲ୍ଲିକ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିଥିଲେ । ୧୦୮ ଆମ୍ବୁଲାନ୍ସ କଣ୍ଟ୍ରୋଲ ସେଣ୍ଟରରୁ ତୁରନ୍ତ ନିକଟନସ୍ଥ ଗୁଡାମାରି ହସ୍ପିଟାଲରେ ନିୟୋଜିତ ଥିବା ୧୦୮ ଆମ୍ବୁଲାନ୍ସ ସୁନିତାଙ୍କୁ ପାଇଁ ପାଠଯାଇଥିଲା । ଖୁବ କମ୍ ସମୟ ମଧ୍ୟରେ ଆମ୍ବୁଲାନ୍ସ ପହଂଚି ସୁନିତାଙ୍କୁ ହସ୍ପିଟାଲ ନେବା ପାଇଁ ବାହାରିଥିଲେ କିନ୍ତୁ କିଛି ବାଟ ଆସିଲା ପରେ ସୁନିତା ଅସହ୍ୟ ଗର୍ଭ ବେଦନା ଅନୁଭବ କରିଥିଲେ । ତେଣୁ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ ଇ.ଏମ.ଟି ସନ୍ତୋଷ ମହାକୁଡ଼ ପାଖରେ ଉପସ୍ଥିତ ଥିବା ଆଶା ଏବଂ ଆମ୍ବୁଲାନ୍ସ ହେଲ୍ପର ଅଜୟ ବେହେରାଙ୍କ ସହାୟତାରେ ଆମ୍ବୁଲାନ୍ସ ମଧ୍ୟରେ ଶିଶୁ ପୁତ୍ରକୁ ସୁରକ୍ଷିତ ପ୍ରସବ କରାଇଥିଲେ । ପରେ ଉଭୟ ମା ଏବଂ ନବଜାତକଙ୍କୁ ଢ଼େଙ୍ଗାବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ବର୍ତ୍ତମାନ ଉଭୟ ମା ଏବଂ ଶିଶୁ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି ।

## ବିଶିଷ୍ଟ କୃଷିବିତ୍ ଅଭିରାମ ପାଢୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ



ବାସୁଦେବପୁର, ୨୬/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲପୁର ଗ୍ରାମରେ ଏକାଦଶାହ ଅବସରରେ ବିଶିଷ୍ଟ କୃଷିବିତ୍ ଓ ସମାଜ ସେବୀ ଅଭିରାମ ପାଢ଼ୀଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ଦାଶ, ମହେଶ୍ୱର ଦାଶ,ମହେନ୍ଦ୍ର ମିଶ୍ର, ହୃଷୀକେଶ ପାଢ଼ୀ, ଅବସର ପ୍ରାପ୍ତ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଡକ୍ଟର ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ଡାକ୍ତର ଶିବ ନାରାୟଣ ପଣ୍ଡା ଶର୍ମା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଅଭିରାମ ପାଢୀଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଙ୍କ ଧର୍ମପତ୍ନୀ ସରୋଜିନୀ ମହାପାତ୍ର, ନରେନ୍ଦ୍ର ଆଚାର୍ଯ୍ୟ, ଲକ୍ଷ୍ମୀଧର ମିଶ୍ର, ଅଭିରାମ ପାଢୀଙ୍କ ପୁତ୍ର ଅମରେନ୍ଦ୍ର ପାଢ଼ୀ, ଜୁମରେନ୍ଦ୍ର ପାଢ଼ୀ, ଶୈଳବାଳା ପାଢ଼ୀ, ଗୀତାଞ୍ଜଳୀ ପାଢ଼ୀ, ସ୍ନେହଲତା ପାଢ଼ୀ, ମାଳତୀ ମିଶ୍ର, ଭାଗ୍ୟବତୀ ପାଢ଼ୀ, ମାଣିକ ଲତା ପାଢ଼ୀ, ରଞ୍ଜୁଲତା କର, କୁଞ୍ଜଲତା ପଣ୍ଡା, ଚାରୁଲତା ପଣ୍ଡା, କନକଲତା ପାଢ଼ୀ, ଆଇନଜୀବୀ ଉପେନ୍ଦ୍ର ନାରାୟଣ ପାଢୀ, ଦେବେନ୍ଦ୍ର ନାରାୟଣ ପାଢୀ, ଜ୍ଞାନେନ୍ଦ୍ର ନାରାୟଣ ପାଢ଼ୀ, କ୍ଷେତ୍ରବାସୀ ପାଢ଼ୀ,ବୀଣାପାଣି ପାଢ଼ୀ, ସଂଯୁକ୍ତା ପାଢ଼ୀ,ଗଣେଶ ସାର୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ସମସ୍ତ ଗ୍ରାମବାସୀ ଓ ପରିବାର ବର୍ଗ ଯୋଗ ଦେଇଥିଲେ ଏବଂ ସହଯୋଗ କରିଥିଲେ। ଏହି ଉତ୍ସବରେ ଜ୍ୟୋତିସ୍ମିତା, ସାନୁ, ଓମ୍, ଭୁବନେଶ୍ୱର ପାଢ଼ୀ ପ୍ରମୁଖ ବେଦ ପାଠ କରିଥିଲେ। ଏହି ଉତ୍ସବରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଗୁନୁମା। ଏହି ଉତ୍ସବରେ କୁନି କଣ୍ଠଶିଳ୍ପୀ ସାଇ ବିସ୍ମୟ ପାଢ଼ୀଙ୍କ ଗୀତକୁ ପିଲାମାନେ ଗାଇଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

## ସରକାରୀ କଟକଣାକୁ ଫୁଁ କରି ବିଚ ରାସ୍ତାରେ ବାଜୁଛି ଡିଜେ

ବାଲିଆପାଳ , ୨୬/୨ (ନି.ପ୍ର): ବାଲିଆପାଳ ବ୍ଲକ ରେ ବିଗୁଡୁଛି ଆଇନ ବ୍ୟବସ୍ଥା. ମେଟ୍ରିକ ପରୀକ୍ଷା ପାଇଁ ସରକାର ମାଇକ ବଜାଇବାକୁ ପରମିସନ ଦେଉନଥିବା ବେଳେ, ଡିଜେ ବଜାଇବାକୁ କିଏ ଦେଉଛି ଅନୁମତି। ସୂଚନା ଅନୁସାରେ ଡିଜେ ଉପରେ ସରକାର ସମ୍ପୂର୍ଣ୍ଣ କଟକଣା ଜାରି କରିଛନ୍ତି। ପୁଣି ଏବେ ଚାଲିଛି ମେଟ୍ରିକ ଓ +୨ ପରୀକ୍ଷା, ପିଲାମାନଙ୍କର ପାଠ ପଢାରେ ଯେପରି କୌଣସି ସମକ୍ଷ୍ୟା ସୃଷ୍ଟି ନ ହୁଏ ସେଥିପାଇଁ ମାଇକ ପରମିସନକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ତେବେ ଗତ କିଛି ଦିନ ଧରି ବାଲିଆପାଳ ବଜାର ସମେତ ବିଭିନ୍ନ ସ୍ଥାନରେ ଡିଜେ ଗର୍ଜନ କରୁଥିବା ବେଳେ କିଏ ସେମାନଙ୍କୁ ପରମିସନ ଦେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ଏସବୁକୁ ତାଗିଦ କରିବାକୁ ପୋଲିସ ପ୍ରଶାସନ ତତ୍ପର ଥିବା ବେଳେ ବାଲିଆପାଳ ରେ ତାର ବ୍ୟତିକ୍ରମ ଦେଖା ଦେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ବାର ଏସୋସିଏସନର ବିଭିନ୍ନ ପଦପଦବୀ ପାଇଁ ଆସନ୍ତା ମାର୍ଚ୍ଚ ୨୮ତାରିଖରେ ନିର୍ବାଚନ

ବେତନଟୀ, ୨୬/୨ (ନି.ପ୍ର): ଓଡିଶା ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶକ୍ରମେ ୨୦୨୬-୨୭ ନିମନ୍ତେ ରାଜ୍ୟବ୍ୟାପୀ ସମସ୍ତ ଅଦାଲତ ମାନଙ୍କରେ ଥିବା ବାର ଏସୋସିଏସନର ବିଭିନ୍ନ ପଦପଦବୀ ନିମନ୍ତେ ଆସନ୍ତା ମାର୍ଚ୍ଚ ୨୮ତାରିଖରେ ନିର୍ବାଚନ ହେବାନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ବେଳେ ବେତନଟୀ ବାରଏସୋସିଏସନ ପକ୍ଷରୁ ଯୁବଆଇନଜୀବୀ ରଣଜିତ ଗନ୍ତାୟତଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟୀତ୍ୱ ପ୍ରଦାନ କରାଯାଇଛି । ଏନେଇ ବେତନଟୀ ବାର ଏସୋସିଏସନ ପକ୍ଷରୁ ମଙ୍ଗଳବାର ଆୟୋଜିତ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ସ୍ଥିରୀକୃତ ହୋଇଛି। ବାର ଏସୋସିଏସନର ନିର୍ବାଚନ ପ୍ରକ୍ରିୟାକୁ ଅବାଧ ଏବଂ ଶୃଙ୍ଖଳିତ ଭାବରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପାଦନ କରିବା ପାଇଁ ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ରହିଥିବାରୁ ଏହାକୁ ନିଷ୍ଠାର ସହିତ ସମ୍ପାଦନ କରିବେ ବୋଲି ନିର୍ବାଚନ ଅଧିକାରୀ ଭାବେ ଦାୟୀତ୍ୱ ଗ୍ରହଣ କରିଥିବା ଯୁବ ଆଇନଜୀବୀ ରଣଜିତ ଗନ୍ତାୟତ ସୂଚନା ଦେଇଛନ୍ତି । ବାର ଏସୋସିଏସନର ବିଭିନ୍ନ ପଦପଦବୀ ନିମନ୍ତେ ନାମାଙ୍କନପତ୍ର ଦାଖଲ ଠାରୁ ଆରମ୍ଭକରି ନାମାଙ୍କନପତ୍ର ଯାଞ୍ଚ, ବୈଧ ପ୍ରାର୍ଥତାଲିକା ପ୍ରକାଶ ଠାରୁ ଆରମ୍ଭକରି ନାମାଙ୍କନ ପ୍ରତ୍ୟାହାର, ଚୂଡାନ୍ତ ପ୍ରାର୍ଥତାଲିକା ପ୍ରକାଶ, ମତଦାନ, ଭୋଟଗଣତି ପରେ ଫଳାଫଳ ଘୋଷଣା ପରେ ଶେଷରେ ବିଜୟୀ ପ୍ରାର୍ଥୀଙ୍କୁ ଶପଥପାଠ କରାଇବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକୁ ବାର ଏସୋସିଏସନ ପକ୍ଷରୁ ଦାୟୀତ୍ୱରେ ଥିବା ନିର୍ବାଚନ ଅଧିକାରୀ ତୁଲାଇଥାନ୍ତି । ନିର୍ବାଚନ ଅଧିକାରୀ ନିଯୁକ୍ତି ନେଇ ବେତନଟୀ ବାରଏସୋସିଏସନ ପକ୍ଷରୁ କଟକସ୍ଥିତ କେନ୍ଦ୍ରୀୟ ନିର୍ବାଚନ କମିଟିକୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida